

ବରୁଣଙ୍କୁ ଟକ୍କର ଦେବେ ୟଶ୍

ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-251 ♦TUESDAY ♦10 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୫୧ ♦ମଙ୍ଗଳବାର ♦୧୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ଯୁଦ୍ଧ ନିଆଁ**

# ପଶ୍ଚିମ ଏସିଆ ଛାରଖାର

## ଇରାନକୁ ଅକୁଣ୍ଠ ସମର୍ଥନ ଘୋଷଣା କଲା ରୁଷ୍

■ ତେହରାନ/ତେଲ ଆଭିଭ, ୯।୩ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଯୁଦ୍ଧ ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରି ନେଇଛି। ଦଶମ ଦିନରେ ଏହା ତୁର୍କୀ ପର୍ଯ୍ୟନ୍ତ ବ୍ୟାପି ଯାଇଛି। ନିଜ ଦେଶ ଉପରେ ଇରାନ ଆକ୍ରମଣ କରିଥିବା ତୁର୍କୀ ଦାବି କରିଛି। ଅଭିଯୋଗକୁ ଇରାନ ଖଣ୍ଡନ କରିଥିଲେ ବି ଯୁଦ୍ଧରେ ସାମିଲ ହେବାକୁ ତୁର୍କୀ ଧମକ ଦେଇଛି। ଅନ୍ୟପଟେ ଇରାନକୁ ରୁଷ ସମର୍ଥନର ହାତ ବଢ଼ାଇଛି। ଯୁଦ୍ଧରତ ତେହରାନକୁ ଅକୁଣ୍ଠ ସମର୍ଥନ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଘୋଷଣା କରିଛନ୍ତି। ଏହି ଯୁଦ୍ଧର କଳା ବାଦଲରେ ପଶ୍ଚିମ ଏସିଆ ଛାରଖାର ହେବାକୁ ବସିଛି। ଇସ୍ରାଏଲ ଚାରିପଟୁ ଇରାନ ଉପରେ ଆକ୍ରମଣ କରୁଛି। ତେହରାନ, ଇସ୍‌ଫାହନ ଏବଂ ଦକ୍ଷିଣ ଭାଗରେ ଭିତ୍ତିଭୂମିକୁ ନିଶାଣ କରି ତୁହାକୁ ତୁହା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିବାରେ ଲାଗିଛି। ତେହରାନର ତୈଳ ବିଶୋଧନ କେନ୍ଦ୍ରରେ ପୁଣି ସୋମବାର ଆକ୍ରମଣ କରିଛି। ଏଥିଯୋଗୁଁ ଉକ୍ତ କେନ୍ଦ୍ରରୁ ଭୟଙ୍କର କଳା ଧୂଆଁ ଉଠୁଥିବା ଦେଖାଯାଉଛି। ଇରାନର ସହଯୋଗୀ ହୁତି ବିଦ୍ରୋହୀଙ୍କ ଲେବାନନସ୍ଥିତ ଠିକଣାକୁ ମଧ୍ୟ



- ଖାମେନେଇଙ୍କ ଦ୍ୱିତୀୟ ପୁତ୍ର ଇରାନର ସର୍ବୋଚ୍ଚ ନେତା
- ଇରାନର ନୂଆ ମୁଖିଆଙ୍କୁ ଟ୍ରମ୍ପଙ୍କ ହତ୍ୟା ଧମକ
- ଯୁଦ୍ଧ ଆମ ଉପରେ ଲଦି ଦିଆଯାଇଛି: ଇରାନ
- ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଯାଇଛି
- ଯୁଦ୍ଧରେ ସାମିଲ ହେବାକୁ ତୁର୍କୀର ଘୋଷଣା

ଇସ୍ରାଏଲ ସେନା ନିଶାଣ କରୁଛି। ଏହି ଅଞ୍ଚଳରେ ନିଷିଦ୍ଧ ଫସ୍‌ଫରସ୍ ବୋମା ମାଡ଼ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ଜବାବରେ ମଧ୍ୟପ୍ରାଚ୍ୟରେ ଥିବା ବିଭିନ୍ନ ଆମେରିକା ଏୟାରବେସ୍‌କୁ ଇରାନ ନିଶାଣ କରି ଚାଲିଛି।

ଘମାଘୋଟ ଯୁଦ୍ଧ ମଧ୍ୟରେ ଆକ୍ରମଣ ପ୍ରାଣ ହରାଇଥିବା ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇଙ୍କ ପୁତ୍ର ମୋଜତବାଙ୍କୁ ତାଙ୍କର ଉତ୍ତରାଧିକାରୀ ନିଯୁକ୍ତ କରିଛି। ଆମେରିକା ରାଷ୍ଟ୍ରପତିଙ୍କ ଧମକକୁ ଅଣଦେଖା କରି ଇରାନ ଏପରି କରିଛି। ଏହାକୁ ନେଇ ଆମେରିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବାପାଙ୍କର ଯାହା ସ୍ଥିତି ହେଲା ତାହା ପୁଅର ମଧ୍ୟ ହେବ ବୋଲି ଆମେରିକାର ରିପବ୍ଲିକାନ ସାଂସଦ ଧମକ ଦେଇଛନ୍ତି। ଆଜିର ଆକ୍ରମଣରେ ମୋଜତବା ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଇରାନ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା କହିଛନ୍ତି ଯେ ଆକ୍ରମଣ ଜାରି ରହିଥିବା ପର୍ଯ୍ୟନ୍ତ କୌଣସି ଆଲୋଚନା କରାଯିବ ନାହିଁ। ଇରାନ ଦୃଢ଼ ଜବାବ ଦେବାକୁ ଧ୍ୟାନ ଦେଉଛି। ଇରାନ ବୈଦେଶିକ ମନ୍ତ୍ରୀ ଅବାସ ଅରାଗଚି କହିଛନ୍ତି ଯେ ଇରାନ ଉପରେ ଯୁଦ୍ଧ ଲଦା ଯାଇଛି। ଇରାନ ଯୁଦ୍ଧ ଚାହୁଁ ନ ଥିଲା। ଏହି ଆକ୍ରମଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଉସୁକା ▶ପୃଷ୍ଠା-୭

**ଅଧିବେଶନ ଆରମ୍ଭରୁ ଅଚଳାବସ୍ଥା**

# ସଂସଦରେ ଯୁଦ୍ଧ ତାତି

■ ନୂଆଦିଲ୍ଲୀ, ୯।୩: ବିରୋଧୀ ଦଳଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆଜି ଆରମ୍ଭ ହୋଇଛି ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ବିରୋଧୀ ଦଳ ସଂସଦର ଉଭୟ ଗୃହକୁ ଅଚଳ କରିଦେଇଛନ୍ତି। ଫଳରେ ଲୋକସଭାରେ ବାଚସ୍ପତି

### ଆସିପାରିଲା ନାହିଁ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଓମ୍ ବିର୍ଲାଙ୍କ ବିରୋଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରି ନାହିଁ। ବିରୋଧୀ ଦଳମାନଙ୍କର ଏଭଳି ଆଚରଣ ନେଇ ସରକାର ସେମାନଙ୍କର ତୀବ୍ର ସମାଲୋଚନା କରିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତର ଆଭିମୁଖ୍ୟ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ଦାବି କରିଥିଲେ ବିରୋଧୀ ଦଳ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଫସିଥିବା ଭାରତୀୟ ନାଗରିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ଭାରତ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ମନ୍ତବ୍ୟ ସେମାନଙ୍କୁ ଶାନ୍ତ କରିପାରି ନଥିଲା। ସେ କହିଥିଲେ ଯେ ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଛି। ସବୁ ପ୍ରକାର ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତି ହେଉଛି ଏକମାତ୍ର ପନ୍ଥା। ତେଣୁ ଯୁଦ୍ଧ ବନ୍ଦ କରି ସବୁ ପକ୍ଷ ଆଲୋଚନା ପାଇଁ ଆସନ୍ତୁ। ତେବେ ଏହି ଯୁଦ୍ଧରେ ଭାରତୀୟ ନାଗରିକମାନଙ୍କର ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ।

ବିରୋଧୀ ଦଳ ମାନେ କିନ୍ତୁ ଆମେରିକା-ଇରାନ-ଇସ୍ରାଏଲ-ଇରାନ ଯୁଦ୍ଧ ଉପରେ ବିସ୍ତୃତ ଆଲୋଚନା କରିବାକୁ ଜିଦ ଧରିଥିଲେ। ଏହି ଯୁଦ୍ଧରେ ଭାରତର ଆଭିମୁଖ୍ୟକୁ ସେମାନେ ତୀବ୍ର ସମାଲୋଚନା କରିଥିଲେ। ଏହା ▶ପୃଷ୍ଠା-୭

### ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ମହାଭିଯୋଗ ଆଣିବେ ବିରୋଧୀ

■ ନୂଆଦିଲ୍ଲୀ, ୯।୩: ମହାଭିଯୋଗ ଜରିଆରେ ଭାରତର ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ଞାନେଶ କୁମାରଙ୍କ 'ସମ୍ବିଧାନ-ବିରୋଧୀ' ଆଚରଣ ଏବଂ ବିଶେଷ କରି ଏସ୍‌ଆଇଆର୍ ଜରିଆରେ ବ୍ୟାପକ ଭୋଟର କାଟ୍ ଅଭିଯାନ ନେଇ କ୍ଷୁବ୍ଧ ଅଛନ୍ତି ବିରୋଧୀ ଦଳ। ତେଣୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସେମାନେ ସଂସଦରେ ମହାଭିଯୋଗ ▶ପୃଷ୍ଠା-୭

**ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା**

# ଦିନକୁ ଗଡୁଛି ୧୮ ମୁଣ୍ଡ

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ ସବୁସ୍ତରରେ ଯାଞ୍ଚ କଡ଼ାକଡ଼ି ହେଉଥିଲେ ମଧ୍ୟ ଦୁର୍ଘଟଣା ହାର କମିବାର ନାଁ ନେଉନାହିଁ।

- ୧୦ ବର୍ଷରେ ମଲେଣି ୫୩,୪୫୧ ଜଣ
- ୬୧ ହଜାର ଗୁରୁତର, ୪୫ ହଜାର ଆହତ

ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ସାଙ୍ଘାତିକ ତଥ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୧ଲକ୍ଷ ୧୩ ହଜାର ୩୨୫ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଏହି ଅବଧି ମଧ୍ୟରେ ସଡ଼କ ଦୁର୍ଘଟଣାରେ ୫୩ହଜାର ୪୫୧ ଲୋକଙ୍କ ଜୀବନ ଯାଇଛି। ଏଥିସହ ୬୧ ହଜାର ୧୮୬ ଜଣ ଗୁରୁତର ଓ ୪୫ ହଜାର ୧୪୬ ଆହତ ହୋଇଛନ୍ତି। ଚାଞ୍ଚଲ୍ୟକର କଥାଟି ହେଲା, ରାଜ୍ୟରେ ସଡ଼କ ଦୁର୍ଘଟଣା ପ୍ରତିଦିନ ୧୮ଟି ମୁଣ୍ଡ ନେଉଛି।

ମୁଖ୍ୟମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୧୬ ମସିହାରେ ୪୪୬୩ ଜଣ, ୨୦୧୭ରେ ୪୭୯୦ ଜଣ, ୨୦୧୮ରେ ୫୩୧୫ଜଣ, ୨୦୧୯ରେ ୫୩୩୩ ଓ ୨୦୨୦ରେ ୪୭୩୮ଜଣ ପ୍ରାଣ ହରାଇଛନ୍ତି। ସେହିପରି ୨୦୨୧ ମସିହାରେ ୫୦୮୧ ଜଣ, ୨୦୨୨ ରେ ୫୪୬୭ ଜଣ, ୨୦୨୩ରେ ୫୭୩୯ ଜଣ, ୨୦୨୪ରେ ୬୧୪୨ ଓ ୨୦୨୫ ମସିହାରେ ୬୪୮୩ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୫ ମସିହାର ଦୁର୍ଘଟଣାଜନିତ ମୃତ୍ୟୁ ହିସାବକୁ ନେଲେ, ରାଜ୍ୟରେ ଦିନକୁ ୧୮ଜଣ ଲୋକ ଦୁର୍ଘଟଣାରେ ପ୍ରାଣ ହରାଉଥିବା କଥା ସାମ୍ନାକୁ ଆସିଛି। ସେହିପରି, ୨୦୨୪ ଓ ୨୦୨୫ରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୫.୫୫ ପ୍ରତିଶତ ବୃଦ୍ଧି ପାଇଛି।

### ଦୁଃଖ ପ୍ରକାଶ କଲେ ବ୍ରାଣ୍ଡ ଆମ୍ବାସାଡର୍ ସିଦ୍ଧାନ୍ତ

ଶୂନ୍ୟକାଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଦିଗପହଣ୍ଡି ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣା ଉପରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ମୁଁ ଦୁଃଖିତ ବୋଲି କହିବା ସହ ରାଜ୍ୟରେ ବଢ଼ୁଥିବା ଦୁର୍ଘଟଣା ହାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଜାତୀୟ ତୁଳନାରେ ରାଜ୍ୟର ଦୁର୍ଘଟଣା ହାର ଅଧିକ ରହିଛି ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏଣୁ, ପରିବହନ ମନ୍ତ୍ରୀ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟରସେପ୍ଟର୍ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ତୁରନ୍ତ ଆମ୍ବୁଲାନ୍ସ ପଠାଇବାକୁ ଦାବି କରିଛନ୍ତି।

**୨୦ ଦିନ ପରେ ସରିବ ଧାନ ସଂଗ୍ରହ**

# ଏବେ ବି ମଣ୍ଡିରେ ବସିଛନ୍ତି ୩ ଲକ୍ଷ ଚାଷୀ

ଭୁବନେଶ୍ୱର, ୯।୩(ସମିସ): ଖରିଫ୍ ଋତୁରେ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ; କିନ୍ତୁ ଚଳିତ ବର୍ଷ ଭଲ ଫସଲ ଉତ୍ପାଦନ ହେତୁ ଚାଷୀଙ୍କ ଆବଶ୍ୟକତା ପରେ ଆଉ ପ୍ରାୟ ୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବଳକା ରହୁଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏହି ବଳକା ଧାନ ଚାଷୀଙ୍କଠାରୁ କିଣା ଯିବା କଥା। ଆଉ ୨୦ ଦିନ ଅର୍ଥାତ ମାର୍ଚ୍ଚ ୩୧ରେ ଖରିଫ୍ ଧାନ କିଣା ଋତୁ ଶେଷ ହେବ। ବଳକା ଧାନ ଦୂରର କଥା, ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଏବେ ବି ରାଜ୍ୟର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡି ଆଗରେ ବସି ରହିଛନ୍ତି । ଟୋକନ ପାଇ ମଧ୍ୟ ଚାଷୀ ମାସ ମାସ ଧରି ସୋସାଇଟି ଆଗରେ ବସି ରହୁଥିଲେ ବି ତାଙ୍କ ଧାନ ଉଠାଯାଉ ନାହିଁ। ଫଳରେ ଚାଷୀଙ୍କୁ ଖରା ବର୍ଷା ସାଙ୍ଗକୁ ଧାନ ଭର୍ତ୍ତି ଟ୍ରାକ୍ଟର ଠିଆ କରିବା ପାଇଁ ଭଡ଼ି ଗଣିବାକୁ ପଡୁଛି। ଯେଉଁ କେତେକ ସ୍ଥାନରେ ଟୋକନ ଲାପ୍ସ ହେଉଛି ବୋଲି ସରକାରଙ୍କ ନଜରକୁ ଆସୁଛି, ସେଠାରେ ୧୫ ଦିନ ଟୋକନ ଅବଧି ବୃଦ୍ଧି କରାଯାଉଥିବା ନେଇ ସରକାର କହୁଛନ୍ତି। ମାତ୍ର ରାଜ୍ୟରେ ଧାନ କିଣା ଅବଧି ଶେଷ ହେବାକୁ ଆଉ ଅଳ୍ପ ଦିନ ରହୁଥିବାରୁ ହଜାର ହଜାର ଚାଷୀଙ୍କ ଟୋକନ ଲାପ୍ସ ଚିନ୍ତାର କାରଣ ସାଜିଛି।

ଇତିମଧ୍ୟରେ ଜିଲ୍ଲାସ୍ତରରେ ମିଲର ଧାନ ଉଠାଉ ନ ଥିବାରୁ ବାହାର ଜିଲ୍ଲାର ମିଲରଙ୍କୁ ଧାନ ଉଠାଇବାକୁ ଅନେକ ସ୍ଥାନରେ ଅନୁରୋଧ କରାଯାଉଛି। ସରକାର ଗୋଦାମରେ ଧାନ ଗଚ୍ଛିତ ରହୁଛି କହିବା ବେଳେ



ମିଲରମାନେ ଗୋଦାମରେ ଧାନ ରଖିବାକୁ ସ୍ଥାନାଭାବ ଦର୍ଶାଇ ଧାନ କିଣୁନାହାନ୍ତି । ମିଲର ସଂଘର ଜଣେ ସଦସ୍ୟଙ୍କ କହିବା ଅନୁଯାୟୀ ବ୍ୟବସ୍ଥା ଅନୁଯାୟୀ ପୂର୍ବ ବର୍ଷର ଚାଉଳ ଅର୍ଥାତ ୨୦୨୪-୨୫ର ଚାଉଳ ଗତ ବର୍ଷ ସେପ୍ଟେମ୍ବର ୩୦ ସୁଦ୍ଧା ନେଇଯିବା କଥା; କିନ୍ତୁ ପୁରୁଣା ଚାଉଳ ଏବେ ବି ଗଚ୍ଛିତ ରହିଛି। ଛତିଶଗଡ଼ରେ ଚଳିତ ବର୍ଷର ଧାନ ସଂଗ୍ରହ ସହିତ ଏହାକୁ ଅଙ୍କନ ପାଇଁ ଏବେଠାରୁ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ମାତ୍ର ଡବଲ ଇଂଜିନ ସରକାର କେନ୍ଦ୍ର ସରକାରଙ୍କଠାରୁ ଟାର୍ଗେଟ୍ ଆଣିବାରେ ବିଫଳ ହେଉଛନ୍ତି। ଏଥିପାଇଁ ଗତ ବର୍ଷ

### ଅବଧି ମଧ୍ୟରେ ସବୁ ଧାନ କିଣିବାକୁ ଘୋଷଣା କରିଥିଲେ ସରକାର

ମାତ୍ର ୨ ଟି ଜିଲ୍ଲାକୁ ଛାଡ଼ି ଦେଲେ ବାକି କୌଣସି ଜିଲ୍ଲାରୁ ମାସ ମାସ ଧରି ଚାଉଳ ଉଠି ନ ପାରିବାରୁ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ପୁରୁଣା ଚାଉଳ ସାଙ୍ଗକୁ ନୂଆ ଖରିଫ ଧାନ ମିଲରେ ଗଚ୍ଛିତ ରହିଛି। ଆଉ ଦିନ କେଇଟା ପରେ ରବି ଧାନ ମଧ୍ୟ ସଂଗ୍ରହ ଆରମ୍ଭ ହୋଇଯିବ। ଏ ଦୃଷ୍ଟିରୁ ଗୋଦାମ ଖାଲିର ଯଥେଷ୍ଟ ଗୁରୁତ୍ୱ ଥିବା ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ▶ପୃଷ୍ଠା-୭

## ବାଇକ୍-କଣ୍ଟେନର୍ ଧକ୍କା; ୩ ମୃତ

ଜମନକିରା, ୯।୩ (ସମିସ): ସମ୍ବଲପୁର ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପିଠାମାରେନ-ଡୁମେରମୁଣ୍ଡା ରାସ୍ତାରେ ଆଜି ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ଛାତିଥରା ଦୁର୍ଘଟଣାରେ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଇକ୍ ଉପରେ ଏକ କଣ୍ଟେନର୍ ମାଡ଼ିଯିବାରୁ ଏହି ଦୁଃଖଦ ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁର୍ଘଟଣା ପରେ ଉଭୟ ବାଇକ୍ ଓ କଣ୍ଟେନରଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ମୃତକମାନେ ହେଲେ, ବଡ଼ରମା



ପଞ୍ଚାୟତ ବିଶାଳପାଲି ଗ୍ରାମର ରାମ ବିରିତ ସିଂ(୨୧), କୁଲୁଣ୍ଡି ପଞ୍ଚାୟତ ପତ୍ରାପାଲି ଗ୍ରାମର ▶ପୃଷ୍ଠା-୭

### ଦୁଇ ବାଇକ୍ ଧକ୍କା; ୧ ମୃତ

■ ବାରିପଦା, ୯।୩(ସମିସ): ସୋମବାର ସନ୍ଧ୍ୟା ସାଢ଼େ ୮ଟାରେ ଟାଉନ୍ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଶେରାୱାଲି ଢାବା ସମ୍ମୁଖରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଭଞ୍ଜପୁର ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୯ ଅଞ୍ଚଳର କାର୍ତ୍ତିକ ଗିରି (୪୮) ଓ ଗୁରୁତର ଆହତଜଣଙ୍କ ▶ପୃଷ୍ଠା-୭

## ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ପାପଡାହାଣ୍ଡି, ୯।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଖୁଟବାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନ ଦାମାପାଳା ଗ୍ରାମ ପୋଖରୀରେ ବୁଡ଼ି ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇ ଶିଶୁ ସମ୍ପର୍କୀୟ ଭଉଣୀ।

ସୂଚନା ଅନୁଯାୟୀ ଦାମାପାଳା ଗ୍ରାମର ଦେବରାଜ ହରିଜନଙ୍କ ଝିଅ ମାନସୀ ହରିଜନ (୮)ଙ୍କ ସହ ନବରଙ୍ଗପୁର ବ୍ଲକ ମନ୍ତ୍ରୀଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପକନାଗୁଡା ଗ୍ରାମର ମନୁ ହରିଜନଙ୍କ ଝିଅ ମେଲକା ହରିଜନ (୮) ନିଜ ସମ୍ପର୍କୀୟ ମାମୁ ଘରେ ରହି ପାଠ ପଢୁଥିଲେ। ଦୁହେଁ ଆଜି ଗ୍ରାମର ବିଦ୍ୟାଳୟକୁ ପାଠପଢିବାକୁ ଯାଇ ଘରକୁ ଫେରିଥିଲେ। ଏହା ପରେ ଦୁଇ ସମ୍ପର୍କୀୟ ଭଉଣୀ ଓ ଜଣେ ସାଙ୍ଗ ସହ ମିଶି ତିନି ଜଣ ଗାଁ ପୋଖରୀରେ ଗାଧୋଇବା ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ**


# ଭାରତ ବଜାରରେ ନିଆଁ

## ୧୦ ଦିନରେ ଅଶୋଧିତ ତୈଳ ଦର ୬୦% ବୃଦ୍ଧି

■ ନୂଆଦିଲ୍ଲୀ, ୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ଗତ ସାଢେ ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୨୫%ରୁ ବୃଦ୍ଧି ଘଟି ଏହା ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଛି। ଯୁଦ୍ଧ ଯୋଗୁ ମାତ୍ର ୧୦ ଦିନରେ ଅଶୋଧିତ ତେଲ ଦରରେ ୬୦% ବୃଦ୍ଧି ଘଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଏମିତି ସ୍ଥିତିରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାରରେ ପହଞ୍ଚିପାରେ। ଯାହା ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟକୁ ପ୍ରଭାବିତ କରିବାର ଯଥେଷ୍ଟ

- ଦିନକରେ ସେନ୍‌ସେକ୍ସ ଖସିଲା ୧୩୫୦ ପଏଣ୍ଟ
- ଡଲାର ତୁଳନାରେ ସର୍ବନିମ୍ନ ସ୍ତରରେ ଟଙ୍କା ମୂଲ୍ୟ





ସମ୍ଭାବନା ରହିଛି। ଶେଷ ଥର ପାଇଁ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ସମୟରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଥିଲା। ଏବେ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ ହ୍ରାସ ପରେ କଞ୍ଚା ତେଲ ମୂଲ୍ୟ ହୁ ହୁ ବଢ଼ିବାରେ ଲାଗିଛି । ଅପରପକ୍ଷେ ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଯାହାଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୩୫୦ ପଏଣ୍ଟ ହ୍ରାସ ଘଟିଛି। ଗୋଟିଏ ଦିନରେ ଭାରତୀୟ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ସେହିପରି ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ▶ପୃଷ୍ଠା-୭





ସକାଳ
www.sakalaepaper.com

# ଇରାନ ଆକ୍ରମଣ ପାଇଁ ତୁର୍କୀର ଧମକ

ଅଙ୍କାରା, ୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଭୟଙ୍କର ରୂପ ନେଇଛି। ଏଭଳି ସ୍ଥିତିରେ ସ୍ଥିତି ଅଧିକ ବିଗିଡ଼ିବା ଭଳି ଘଟଣା ଘଟିଛି। ଇରାନ ଯୁଦ୍ଧରେ ସାମରିକ ସଂଗଠନ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ପ୍ରବେଶ କରିପାରେ। ତୁର୍କୀକୁ ଲକ୍ଷ୍ୟ କରି ଇରାନ ସୋମବାର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ମାତ୍ର ଏହି କ୍ଷେପଣାସ୍ତ୍ରକୁ ଠାବ କରି ନାଟୋ ଭୂମଧ୍ୟସାଗରରେ ଉଡ଼ାଇ ଦେଇଛି। ଏହି ଘଟଣାକ୍ରମ ସଂଘର୍ଷକୁ ଚରମ ସ୍ଥିତିରେ ପହଞ୍ଚାଇପାରେ। ଏହାକୁ ନେଇ ନାଟୋ ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହେବ କି ବୋଲି ପ୍ରଶ୍ନ ଉଠୁଛି। ପୂର୍ବରୁ ଗତ ୪ ତାରିଖରେ ନାଟୋ ଏଭଳି ଏକ କ୍ଷେପଣାସ୍ତ୍ରକୁ ଅଟକାଇଦେଇଥିଲା। ଏବେ କାର ସ୍ଥିତିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଇରାନ କ୍ଷେପଣାସ୍ତ୍ରକୁ ସଫଳତାର ସହ ଧ୍ୱଂସ କରିଦିଆଯାଇଛି। ମାତ୍ର ଏହାର ଅବଶେଷ ଦକ୍ଷିଣ ତୁର୍କୀର ଗାଜିଅାଁଟେପ ପ୍ରଦେଶରେ ଖସିଛି। ସୂଚନା ଅନୁଯାୟୀ ତୁର୍କୀ ସ୍ଥିତ ଆମେରିକାର ନସିରଲିକ ଏୟାରବେସରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖାଯାଇଛି। ଏହା କୁରେସିକରେ ଥିବା ନାଟୋର ଆଡଭାନ୍ସଡ ରାଡାର ସିଷ୍ଟମଠାରୁ ପ୍ରାୟ ୨୦୦ କିମି ଦୂରରେ ଅଛି। ଥାଡ ଆଣ୍ଟି ବାଲିଷ୍ଟିକ ମିସାଇଲ ସିଷ୍ଟମକୁ ସହାୟତା ପାଇଁ ଏହାକୁ ବ୍ୟବହାର କରାଯାଉଛି। ଇରାନ ଏହି ସିଷ୍ଟମକୁ ଧ୍ୱଂସ କରିବାକୁ ଚାହୁଁଥିଲା। ସେଥିପାଇଁ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତୁର୍କୀ ସରକାର ଏପର୍ଯ୍ୟନ୍ତ ନିଜର ସାମରିକ ଘାଟି କିମ୍ବା ଆକାଶ ମାର୍ଗକୁ ଇରାନ ବିରୋଧରେ କୌଣସି ଆକ୍ରମଣ ପାଇଁ ବ୍ୟବହାର



କରିବାକୁ ଦେଇନାହାଁନ୍ତି। ପ୍ରଥମ ଘଟଣା ପରେ ଅଙ୍କାରା ତେହେରାନକୁ ଚେତାବନୀ ଦେଇଛି। ଏଭଳି ପଦକ୍ଷେପ ଆଞ୍ଚଳିକ ସଂଘର୍ଷକୁ ଆହୁରି ବ୍ୟାପକ କରିପାରେ ବୋଲି କୁହାଯାଇଛି। ବିଶେଷଜ୍ଞଙ୍କ ମତରେ, ଯଦି ତୁର୍କୀର କୌଣସି ସାମରିକ ଘାଟି କିମ୍ବା ନାଟୋର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର କ୍ଷତି ହୋଇଥାନ୍ତା, ତେବେ ନାଟୋକୁ ସିଧାସଳଖ ଏହି ସଂଘର୍ଷରେ ଓହ୍ଲାଇବାକୁ ପଡ଼ିଥାନ୍ତା। ଏହି କାରଣରୁ ଏହି ଘଟଣା ଆନ୍ତର୍ଜାତୀୟ ସ୍ତରରେ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି।

ଏପଟେ ଇରାନର ଆଭ୍ୟନ୍ତରୀଣ ସ୍ଥିତି ମଧ୍ୟ ଅନିଶ୍ଚିତ ଥିବା କୁହାଯାଉଛି। ରିପୋର୍ଟ ଅନୁଯାୟୀ, ନିକଟରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣରେ ଅନେକ ବରିଷ୍ଠ ଇରାନୀ ସାମରିକ କମାଣ୍ଡରଙ୍କ ମୃତ୍ୟୁ ପରେ ନିଷ୍ପତ୍ତି ନେବା ପ୍ରକ୍ରିୟା ନିମ୍ନ ସ୍ତରର ଅଧିକାରୀଙ୍କ ହାତକୁ ଚାଲିଯାଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯଦି ଏହିଭଳି ଘଟଣା ଜାରି ରହେ, ତେବେ ମଧ୍ୟପ୍ରାଚ୍ୟର ଏହି ସଂଘର୍ଷ ବ୍ୟାପକ ଅନ୍ତର୍ଜାତୀୟ ଲଢ଼େଇର ରୂପ ନେଇପାରେ। ବର୍ତ୍ତମାନ ନାଟୋ ଏବଂ ତୁର୍କୀ ଉଭୟ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ଅନ୍ୟପକ୍ଷରେ ମାନବାଧିକାର ସଂଗଠନ 'ହ୍ୟୁମାନ ରାଇଟ୍ ୱାଚ୍' (ଏଚ୍ଆରଡବ୍ଲ୍ୟୁ) ଏବେ ଇସ୍ରାଏଲ ବିରୋଧରେ ଏକ ନୂଆ ଗୁରୁତର ଅଭିଯୋଗ ଆଣିଛି। ଯୁଦ୍ଧରେ ଇସ୍ରାଏଲ ମାଂସ ଜାଳୁଥିବା ରାସାୟନିକ ଅସ୍ତ୍ର ଅର୍ଥାତ ହ୍ୱାଇଟ୍ ଫସ୍‌ଫରସ୍ ବ୍ୟବହାର କରୁଛି ବୋଲି ଏହି ସଂଗଠନ ଅଭିଯୋଗ କରିଛି। ଇସ୍ରାଏଲ ସେନାବାହିନୀ ଲେବାନନ୍‌ରେ 'ୟୋହୋମୋର' ନାମକ ଏକ ଜନବସତି ଅଞ୍ଚଳରେ ବେଆଇନ୍ ଭାବେ 'ହ୍ୱାଇଟ୍ ଫସ୍‌ଫରସ୍' ବୋମା ବ୍ୟବହାର କରିଛି ବୋଲି ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୩ରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏଚ୍ଆରଡବ୍ଲ୍ୟୁ ୭ଟି ଭିନ୍ନ ଭିନ୍ନ ଫଟୋ ଓ ଭିଡ଼ିଓକୁ ଯାଞ୍ଚ କରି ଏହା ସ୍ପଷ୍ଟ କରିଛି ଯେ ଘରୋଇ ଅଞ୍ଚଳରେ ଏହି ମାରାତ୍ମକ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା।

## ଇରାନ-ଆମେରିକା ଯୁଦ୍ଧ: ଉପରାଷ୍ଟ୍ରପତି ଜେଡ୍ ଭାନ୍ସଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

ୱାଶିଂଟନ, ୯।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସକ୍ରିୟ ଥିବା ବେଳେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଚୁପ୍ ରହିବା ଓ ସର୍ବସାଧାରଣରେ ଦୃଶ୍ୟମାନ ନ ହେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଯୁଦ୍ଧ ଅଭିଯାନ ଆରମ୍ଭ କରିବାର ୭୨ ଘଣ୍ଟା ପର୍ଯ୍ୟନ୍ତ ଭାନ୍ସ ଏନେଇ କୌଣସି ସାର୍ବଜନୀନ ମନ୍ତବ୍ୟ ଦେଇନଥିଲେ। ସାଧାରଣତଃ ଯୁଦ୍ଧ ସମୟରେ ଉପରାଷ୍ଟ୍ରପତିମାନେ ସରକାରଙ୍କ ସବୁଠାରୁ ବଡ଼ ଚେହେରା ହୋଇଥାନ୍ତି, କିନ୍ତୁ ଏଠାରେ ସ୍ଥିତି ଓଲଟା। ଯୁଦ୍ଧ ସପକ୍ଷରେ ଓକିଲାତି ଅର୍ଥାତ ସମର୍ଥନ କରିବା ପାଇଁ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ସାମ୍ନାକୁ ଆସିଛନ୍ତି। ସେ ଅତ୍ୟନ୍ତ ଆକ୍ରମଣାତ୍ମକ ଢଙ୍ଗରେ ଯୁଦ୍ଧକୁ ବର୍ଣ୍ଣନା କରୁଛନ୍ତି, ଯାହା ପ୍ରଶାସନର କୌଶଳକୁ ପ୍ରତିଫଳିତ କରୁଛି। ଭାନ୍ସଙ୍କ ଚୁପ୍ ରହିବା ପଛରେ ବିଚାରଧାରାଗତ ମତଭେଦକୁ ମୁଖ୍ୟ କାରଣ ବୋଲି କୁହାଯାଉଛି। ସେ ଅନେକ ସମୟରେ ଆମେରିକାର ବିଦେଶୀ ସାମରିକ ହସ୍ତକ୍ଷେପକୁ ଦୃଢ଼ ବିରୋଧ କରିଆସିଛନ୍ତି ଓ ଆମେରିକାକୁ ବିଶ୍ୱର ପୁଲିସ ହେବା ଉଚିତ ନୁହେଁ ବୋଲି କହିଛନ୍ତି। ତେଣୁ ଏହି ଯୁଦ୍ଧ ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ସହ ମେଳ ଖାଉନାହିଁ। ପୁଣି ଭାନ୍ସ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ଜଣେ ପ୍ରମୁଖ ପ୍ରାର୍ଥୀ ବୋଲି ବିବେଚନା କରାଯାଉଛି। ତେଣୁ ଟ୍ରମ୍ପ ପ୍ରଶାସନକୁ ସମର୍ଥନ କରିବା ଓ ନିଜର ପୁରୁଣା ଯୁଦ୍ଧ ବରୋଧୀ ଛବିକୁ ବଜାୟ ରଖିବା ମଧ୍ୟରେ ସେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଭେନେଜୁଏଲା ପ୍ରସଙ୍ଗରେ ମଧ୍ୟ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ। ଭାନ୍ସଙ୍କ ଏହି ନୀରବତା ରିପବ୍ଲିକାନ ପାର୍ଟି ମଧ୍ୟରେ ବୈଦେଶିକ ନୀତିକୁ ନେଇ ଏକ ଗଭୀର ମତଭେଦ ରହିଛି ବୋଲି ସ୍ପଷ୍ଟ ହେଉଛି। ତେବେ ତାଙ୍କ ନୀରବତା ନେଇ ଚାଲିଥିବା ଆକଳନ ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ଆକ୍ରମଣରେ ମୋଜତବା ଆହତ ହେବା ନେଇ ଚର୍ଚ୍ଚା

ତେହେରାନ, ତେଲ ଅଭିଭ୍, ୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଉତ୍କଟ ରୂପ ନେଇଛି। ଇରାନର ନୂତନ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି ପାଇଥିବା ମୋଜତବା ଖାମନେଇ ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହେବା ଖବର ସାମ୍ନାକୁ ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇରାନର ସରକାରୀ ଟିଭି ତାଙ୍କୁ 'ଜାନ୍‌ବାଜ୍' ବୋଲି ସମ୍ବୋଧନ କରିଛି। ଯାହାର ଅର୍ଥ ହେଉଛି ସେ ଶତ୍ରୁ ପକ୍ଷରୁ ଆକ୍ରମଣରେ ଆହତ ହୋଇଛନ୍ତି। ତେବେ ତାଙ୍କ ଆହତ ହେବାର ସ୍ପଷ୍ଟ ଘଟଣା ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ। ଇରାନ ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଇସ୍‌ମାଇଲ ବଘାଇ କହିଛନ୍ତି ଯେ ଏହି ଯୁଦ୍ଧ ଇରାନ ଉପରେ ଜବରଦସ୍ତ ଲଦି ଦିଆଯାଇଛି। ଇରାନ ଏହି ଯୁଦ୍ଧ ଆରମ୍ଭ କରିନାହିଁ ଓ ବର୍ତ୍ତମାନ କୌଣସି ଯୁଦ୍ଧବିରତି କିମ୍ବା ଆଲୋଚନା ପାଇଁ ସମୟ ନୁହେଁ। ପୁଣି ଇରାନ ତୁର୍କୀ, ସାଇପ୍ରସ କିମ୍ବା ଅଜାରବାଇଜାନ ଉପରେ କୌଣସି ଆକ୍ରମଣ କରିଥିବା ଅଭିଯୋଗକୁ ଇରାନ ଖଣ୍ଡନ କରିଛି।

## ଶର୍ଜିଲ ଇମାମଙ୍କୁ ୧୦ ଦିନର ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଦିଲ୍ଲୀର ଏକ କୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଅଭିଯୁକ୍ତ ଛାତ୍ରନେତା ଶର୍ଜିଲ ଇମାମଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ନିଜ ଭାଇଙ୍କ ବାହାଘରରେ ଯୋଗ ଦେବା ଓ ନିଜର ଅସୁସ୍ଥ ମାଆଙ୍କର ଯତ୍ନ ନେବା ପାଇଁ କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ତାଙ୍କୁ ମାର୍ଚ୍ଚ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଜାମିନ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେ ଜାମିନ ଅବଧି ମଧ୍ୟରେ କୌଣସି ଗଣମାଧ୍ୟମ ସହ କଥା ହୋଇପାରିବେ ନାହିଁ କିମ୍ବା ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ ନାହିଁ। ସେ କେବଳ ନିଜର ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ସହିତ ମିଳାମିଶା କରିପାରିବେ। ଏହା ଛଡ଼ା ୫୦, ୦୦୦ ଟଙ୍କାର ବଣ୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଥାଉ କି, ୨୦୨୦ ଫେବୃଆରୀରେ ଉତ୍ତର-ପୂର୍ବ ଦିଲ୍ଲୀରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପଛରେ ବୃହତ ଷଡ଼ଯନ୍ତ୍ର ମାମଲାରେ ଶର୍ଜିଲ ଜଣେ ମୁଖ୍ୟ ଅଭିଯୁକ୍ତ। ଚଳିତ ବର୍ଷ ଜାନୁଆରୀରେ ସୁପ୍ରିମକୋର୍ଟ ସର୍ଜିଲ ଓ ଉମର ଖାଲିଦଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଥିଲେ।

## ଉସ୍‌ମାନ ହାଦି ହତ୍ୟାକାଣ୍ଡ: ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତ ଗିରଫ

କୋଲକାତା, ୯।୩(ଏଜେନ୍ସି): ବାଂଲାଦେଶର ଯୁବ ନେତା ତଥା ଲେଖକ ଉସ୍‌ମାନ ହାଦିଙ୍କୁ ହତ୍ୟା ମାମଲାର ଦୁଇ ଅଭିଯୁକ୍ତଙ୍କୁ ଭାରତର ପଶ୍ଚିମବଙ୍ଗରୁ ଗିରଫ କରାଯାଇଛି। ପଶ୍ଚିମବଙ୍ଗ ପୁଲିସ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏମାନଙ୍କୁ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ହେଲେ ରାହୁଲ ଉରଫ ୩୭ ବର୍ଷୀୟ ଫୈଜଲ କରିମ ମାସୁଦ ଓ ୩୪ ବର୍ଷୀୟ ଆଲମଗିର ହୁସେନ। ପୁଲିସ ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତ ମେଘାଳୟ ସୀମା ଦେଇ ବେଆଇନ୍ ଭାବେ ଭାରତରେ ପ୍ରବେଶ କରିଥିଲେ। ସେମାନେ ପଶ୍ଚିମବଙ୍ଗର ବନଗାଁ ଅଞ୍ଚଳରେ ଲୁଚି ରହିଥିଲେ ଓ ପୁଣି ବାଂଲାଦେଶ ଫେରିଯିବା ପାଇଁ ସୁଯୋଗ ଖୋଜୁଥିଲେ। ଗତ ମାର୍ଚ୍ଚ ୭ ଓ ୮ ମଧ୍ୟରାତ୍ରିରେ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି। ଉସ୍‌ମାନ ହାଦି ଜଣେ ରାଜନୈତିକ କର୍ମୀ, ଲେଖକ ଏବଂ ଇନ୍‌କିଲାବ ମଞ୍ଚର ମୁଖପାତ୍ର ଥିଲେ। ସେ ବାଙ୍ଗଲାଦେଶର ଆବାମୀ ଲିଗ୍ ଦଳକୁ ବିରୋଧ କରୁଥିଲେ ଓ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ ଯୋଜନା କରିଥିଲେ। କିନ୍ତୁ ୨୦୨୫ ଡିସେମ୍ବର ୧୨ରେ ରାଜଧାନୀ ଢାକାରେ ଏକ ରିକ୍ସା ଯାଉଥିବା ବେଳେ ବାଇକ୍‌ରେ ଆସିଥିବା ଦୁର୍ବୃତ୍ତ ହାଦିଙ୍କୁ ଗୁଳି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ୧୮ ତାରିଖରେ ମୃତ୍ୟୁବରଣ କରିଥିଲେ।

## କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ଇରାନ ପାଇଁ ଯୁଦ୍ଧ କରିବାକୁ ମନା କରୁଛନ୍ତି ମିଲିସିଆ

ତେହେରାନ, ୯।୩(ଏଜେନ୍ସି): ଇରାନ ଓ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ୧୦ ଦିନ ପାର କରିସାରିଛି। ଏହି ସମୟରେ ଇରାନ ପାଇଁ ସବୁଠାରୁ ଚିନ୍ତାର ବିଷୟ ହେଉଛି ଯେ, ଇରାନ ଯେଉଁ ଇରାକୀ ମିଲିସିଆ ବା ସ୍ଥାନୀୟ ଯୋଦ୍ଧାଙ୍କ ଗୋଷ୍ଠୀକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତିଆରି କରିଥିଲା, ସେମାନେ ଏବେ ଯୁଦ୍ଧରେ ସାମିଲ ହେବାକୁ ମନା କରିଦେଇଛନ୍ତି। ଦଶନ୍ଧି ଧରି ଇରାନ ଇରାକ, ଲେବାନନ, ସିରିଆ, ୟେମେନ ଓ ଗାଜାରେ ଅନେକ ସଶସ୍ତ୍ର ଗୋଷ୍ଠୀକୁ ପୋଷଣ କରିଆସୁଥିଲା। କିନ୍ତୁ ଆଜି ଯେତେବେଳେ ଇରାନ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି, ସେତେବେଳେ ଇରାକର ପ୍ରମୁଖ ମିଲିସିଆ ଗୋଷ୍ଠୀଗୁଡ଼ିକ ତରଫରୁ କୌଣସି ବଡ଼ ଧରଣର ଗତିବିଧି ଦେଖିବାକୁ ମିଳିନାହିଁ। ଇରାକ ମିଲିସିଆ କମାଣ୍ଡରମାନେ ବର୍ତ୍ତମାନ ଯୁଦ୍ଧ ଅପେକ୍ଷା ନିଜର ରାଜନୈତିକ ସ୍ଥିତି ଓ ବ୍ୟବସାୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। କାସେମ ସୋଲେମାନୀ ଓ ହସନ ନସରୁଲ୍ଲାଙ୍କ ଭଳି ପ୍ରଭାବଶାଳୀ ନେତାଙ୍କ ମୃତ୍ୟୁପରେ ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ନିର୍ଦ୍ଦେଶ ଦେବା ପାଇଁ ଶକ୍ତିଶାଳୀ ନେତୃତ୍ୱର ଅଭାବ ଦେଖାଦେଇଛି। ପୁଣି ଅନେକ କମାଣ୍ଡର ଏବେ ଇରାକୀ ସଂସଦରେ ସାଂସଦ ଅଛନ୍ତି ଓ ସେମାନେ ବଡ଼ ବଡ଼ ବ୍ୟବସାୟର ମାଲିକ। ସେମାନେ ଆମେରିକାର କଟକଣା ଭୟରେ ପୁଣିଥରେ ସିଧାସଳଖ ଯୁଦ୍ଧ କରିବାକୁ ଚାହୁଁନାହାନ୍ତି। ସେହିପରି ଇରାନ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ସେମାନଙ୍କ ପାଖରେ ଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ପୁରୁଣା ଓ ନିଷ୍କ୍ରିୟ ହୋଇଯାଇଛି। ଇରାକୀ କମାଣ୍ଡରମାନେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛନ୍ତି। ସେହିପରି ସିରିଆରେ ବଶର ଅଲ- ଆସାଦଙ୍କ ଶାସନର ପତନ ଓ ସେଠାରେ ସୁନ୍ନି ବିଦ୍ରୋହୀ କ୍ଷମତାକୁ ଆସିବା ପରେ ଇରାନର ପ୍ରକ୍ସି ନେଟୱର୍କକୁ ବଡ଼ ଧରଣର ଝଟ୍‌କା ଲାଗିଛି। ତେଣୁ ଏବେ ଇରାକର ଏହି ମିଲିସିଆ ଗୋଷ୍ଠୀଗୁଡ଼ିକ ଇରାନ ପାଇଁ ବଳି ଦେବାକୁ ଚାହୁଁନାହାନ୍ତି। ଫଳରେ ଇରାନକୁ ନିରାଶ ହେବାକୁ ପଡ଼ିଛି।

## ମଝି ଆକାଶରୁ ଫେରିଲା ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଦିଲ୍ଲୀରୁ ବ୍ରିଟେନର ମାଞ୍ଚେଷ୍ଟର ଯାଉଥିବା ଇଣ୍ଡିଗୋର ଏକ ବିମାନକୁ ଜରୁରୀକାଳୀନ ଭାବେ ଦିଲ୍ଲୀ ଫେରାଇ ଅଣାଯାଇଛି। ବିମାନଟି ୫ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ ଭରିବା ପରେ ଇଥିଓପିଆ ସୀମା ନିକଟରୁ ହଠାତ ୟୁ-ଟର୍ଣ୍ଣ ନେଇଥିଲା। ନୋର୍ସ ଦ୍ୱାରା ପରିଚାଳିତ ଇଣ୍ଡିଗୋ ବିମାନ ୬ଇ୩୩ ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ଇଥିଓପିଆ ସୀମା ନିକଟରୁ ଫେରିଥିଲା। ମିଳିଥିବା ସୂଚନା ଅନୁଯାୟ ଏହି ବିମାନ ଦିଲ୍ଲୀରୁ ମାଞ୍ଚେଷ୍ଟର ଅଭିମୁଖେ ଯାତ୍ରା କରିଥିଲା। ଯେତେବେଳେ ବିମାନଟି ଇଥିଓପିଆର ଆକାଶମାର୍ଗରେ ପହଞ୍ଚିଥିଲା, ସେତେବେଳେ ପାଇଲଟ ବିମାନକୁ ଫେରାଇ ଆଣିଥିଲେ। ପଶ୍ଚିମ ଏସିଆରେ ଚାଲିଥିବା ସାମ୍ପ୍ରତିକ ଯୁଦ୍ଧ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ହଠାତ ଏୟାରସ୍ପେଶ ନିୟନ୍ତ୍ରଣ ଲାଗୁ ହେବାରୁ ଏହି ବିମାନର ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ଏହି ବିମାନଟି ସାଧାରଣତଃ ସଂଘର୍ଷପୂର୍ଣ୍ଣ ଅଞ୍ଚଳକୁ ଏଡ଼ାଇବା ପାଇଁ ଆଫ୍ରିକା ଓ ଆଡେନ ଉପସାଗର ଦେଇ ଯାତ୍ରା କରୁଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କଟକଣା ଲାଗୁ ହେବା କାରଣରୁ ବିମାନକୁ ଶେଷରେ ଫେରିବାକୁ ପଡ଼ିଥିଲା। ତେବେ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ, ସୁରକ୍ଷା ଦୃଷ୍ଟିକୋଣରୁ ବିମାନକୁ ଆଗକୁ ନ ନେଇ ପାଇଲଟ ତୁରନ୍ତ ଦିଲ୍ଲୀ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପଶ୍ଚିମ ଏସିଆରେ ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି କିଛି ବିମାନର ରୁଟ୍ ବଦଳାଯାଇଛି କିମ୍ବା ବାଧ୍ୟତାମୂଳକ ଭାବେ ଫେରାଇ ଅଣାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପରେ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବାର ସୂଚନା ମିଳିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକାଶରେ ରହିବା ପରେ ପୁଣି



ସେହି ସ୍ଥାନକୁ ଫେରିଆସିବା ଯୋଗୁଁ ଯାତ୍ରୀମାନେ କିଛି ସମୟ ପାଇଁ ଆତଙ୍କିତ ହୋଇ ପଡ଼ିଥିଲେ। ଇଞ୍ଜିନିୟରିଂ ଟିମ୍ ବର୍ତ୍ତମାନ ବିମାନର ଯାଞ୍ଚ କରୁଛନ୍ତି। ଉଲ୍ଲେଖଥାଉ କି, ଦିଲ୍ଲୀ ଓ ଇଂଲଣ୍ଡର ମାଞ୍ଚେଷ୍ଟର ରୁଟର ସମୁଦାୟ ଦୂରତା ପ୍ରାୟ ୬, ୮୨୯ କିମି ଓ ଏଥିପାଇଁ ହାରାହାରି ୧୧ ଘଣ୍ଟା ସମୟ ଲାଗିଥାଏ। ବିମାନଟି ଆଡେନ ଉପସାଗର ଓ ଆଫ୍ରିକା ଦେଇ ଦକ୍ଷିଣ ପଥ ଅନୁସରଣ କରୁଥିଲା।

## ନେପାଳ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବାଲେନ୍ଦ୍ର ଶାହା



କାଠମାଣ୍ଡୁ, ୯।୩(ଏଜେନ୍ସି): ନେପାଳ ନିର୍ବାଚନର ଆଂଶିକ ଫଳାଫଳ ଅନୁଯାୟୀ, ବାଲେନ୍ଦ୍ର ଶାହାଙ୍କ ଦଳ ସଂସଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଦଶନ୍ଧି ଦଶନ୍ଧି ଧରି ଚାଲି ଆସିଥିବା ନେପାଳ ରାଜନୈତିକ ବ୍ୟବସ୍ଥାରେ ପ୍ରଥମଥର ପାଇଁ କୌଣସି ଗୋଟିଏ ଦଳ ଏତେ ବଡ଼ ବିଜୟ ହାସଲ କରିଛି। ବର୍ତ୍ତମାନର ଭୋଟ ଗଣତି ଅନୁଯାୟୀ, ବାଲେନ୍ଦ୍ରଙ୍କ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସପି) ଅନ୍ୟ ପାରମ୍ପରିକ ଦଳଗୁଡ଼ିକୁ ଯଥେଷ୍ଟ ପଛରେ ପକାଇଦେଇଛି। ଦୀର୍ଘ ବର୍ଷ ପରେ ପ୍ରଥମଥର ପାଇଁ ନେପାଳର ଜଟିଳ ଦୁଇ-ସ୍ତରୀୟ ନିର୍ବାଚନ ପ୍ରଣାଳୀରେ ଏକକ ଦଳ ଭାବେ ଆରଏସ୍‌ପି ବହୁମତ ପାଇବାକୁ ଯାଉଛି। ସାଧାରଣତଃ ଏହି ପ୍ରଣାଳୀରେ କୌଣସି ଗୋଟିଏ ଦଳ ସିଧାସଳଖ ବହୁମତ ହାସଲ କରିବା ଦୁର୍ଲଭ। ବର୍ତ୍ତମାନ ମିଳିଥିବା ଫଳାଫଳ ଅନୁଯାୟୀ, ଶାହାଙ୍କ ଦଳ ୧୨୪ଟି ଆସନ ଜିତିସାରିଛି। ୩୫ ବର୍ଷୀୟ ବାଲେନ୍ଦ୍ର ଝାପା-୫ ଆସନରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛନ୍ତି। ଏହି ଆସନ ଓଲିଙ୍କ ପାରମ୍ପରିକ ଦୃଢ଼ ଗଡ଼ ଭାବେ ପରିଚିତ ଥିଲା। ଏହି ବିଜୟ ଶାହାଙ୍କ ପାଇଁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାର ପଥକୁ ସୁଗମ କରିଛି। ଅନ୍ୟପଟେ ନିର୍ବାଚନରେ ବଡ଼ ପରାଜୟ ପରେ ଓଲିଙ୍କ ଦଳ ସପିଏନ୍-ୟୁଏମ୍‌ଏଲ୍ ମଧ୍ୟରେ ପୁନର୍ଗଠନ ଓ ନେତୃତ୍ୱ ପରିବର୍ତ୍ତନ ନେଇ ଆଲୋଚନା ହୋଇଛି। ଦଳର ନେତାମାନେ ଏହାକୁ ଗଭୀର ପତନ ବୋଲି ବର୍ଣ୍ଣନା କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୫ ସେପ୍ଟେମ୍ବରରେ ହଜାର ହଜାର ନେପାଳୀ ଯୁବକ- ଯୁବତୀ ଦୁର୍ନୀତି ଓ ପରିବାର ବିରୋଧରେ ସଂସଦ ସାମ୍ନାରେ ବିଶାଳ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନେତୃତ୍ୱ ଦେଇଥିଲେ ନିଜକୁ ଜେନ୍-ଜେଡ୍ ବୋଲି ପରିଚୟ ଦେଉଥିବା ଯୁବକମାନେ। ଏହି ଆନ୍ଦୋଳନ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା ଓ ସେବେକାର ସରକାରର ପତନ ହୋଇଥିଲା। ଏହି ଆନ୍ଦୋଳନରେ ୭୭ ଜଣଙ୍କର ମୃତ୍ୟୁ ହୋଇଥିଲା।

## ଦିଲ୍ଲୀ ମଦ ମାମଲା: କେଜ୍ରିୱାଲ, ସିସୋଦିଆଙ୍କୁ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୯।୩(ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ନୀତି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ଦିଲ୍ଲୀ ହାଇକୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ନିମ୍ନ ଅଦାଲତ (ଟ୍ରାଏଲ କୋର୍ଟ) ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିବା ଆଦେଶ ବିରୋଧରେ ସିବିଆଇ ଆବେଦନ କରିବା ପରେ ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। କେବଳ ସେତିକି ନୁହେଁ ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମା ଶୁଣାଣି କରି ଟ୍ରାଏଲ କୋର୍ଟ ଦ୍ୱାରା ସିବିଆଇ ଅଧିକାରୀଙ୍କ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଉପରେ ରୋକ ଲଗାଇଛନ୍ତି। ଏଥିସହ ମନି ଲଣ୍ଡରିଂ ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟଙ୍କ ଶୁଣାଣିକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସିବିଆଇ ନିଜର ୯୭୪ ପୃଷ୍ଠାର ଆବେଦନରେ ଦର୍ଶାଇଛି ଯେ ଟ୍ରାଏଲ କୋର୍ଟ ଚାର୍ଜ ଫ୍ରେମିଂ ସମୟରେ ହିଁ ମାମଲାର ପୂରା ବିଚାର କରିବା ଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ଯାହା ଆଇନଗତ ଭାବେ ଠିକ୍ ନୁହେଁ। ସିବିଆଇର ଦାବି ଅନୁଯାୟୀ, କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ବିଜୟ ନାୟାର 'ସାଉଥ ଗ୍ରୁପ୍'ରୁ ୧୦୦ କୋଟି ଟଙ୍କା ଆଦାୟ କରିଥିଲେ। ଏଥିରୁ ୪୪.୫ କୋଟି ଟଙ୍କା ଗୋଆ ନିର୍ବାଚନରେ ବ୍ୟୟ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୭ରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟଙ୍କ ଦାରା ଦୋଷମୁକ୍ତ ହେବା ପରେ କେଜ୍ରିୱାଲ ଗଣମାଧ୍ୟମ ସମ୍ମୁଖରେ କାନ୍ଦି ପକାଇଥିଲେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଆମ ଆଦମୀ ପାର୍ଟିକୁ ଶେଷ କରିବା ପାଇଁ ଏକ ଷଡ଼ଯନ୍ତ୍ର ରଚିଥିଲେ ବୋଲି କହିଥିଲେ। ତେବେ ହାଇକୋର୍ଟଙ୍କ ନୋଟିସ ପରେ ଏହି ମାମଲା ପୁଣି ସକ୍ରିୟ ହୋଇଛି।

### ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ମାମଲା

## ରିପୋର୍ଟ ଦାଖଲ କଲେ ପଶ୍ଚିମବଙ୍ଗ ସରକାର

କୋଲକାତା, ୯।୩ (ଏଜେନ୍ସି): ପଶ୍ଚିମବଙ୍ଗ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ମାମଲାକୁ ନେଇ ଦେଶରେ ରାଜନୀତି ଜୋର ଧରିଛି। ଶିବସେନା ନେତା ସଞ୍ଜୟ ରାଉତ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମଣିପୁରରେ ଆଦିବାସୀ ମହିଳାଙ୍କୁ ଅତ୍ୟାଚାର ମାମଲାରେ ରାଷ୍ଟ୍ରପତି କାହିଁକି ଚୁପ ରହିଥିଲେ ବୋଲି ପଚାରିଛନ୍ତି। ଏପରି ସମୟରେ ସିଲିଗୁଡ଼ିରେ ପ୍ରୋଟୋକଲ ଉଲ୍ଲଙ୍ଘନକୁ ନେଇ ପଶ୍ଚିମବଙ୍ଗ ସରକାର କେନ୍ଦ୍ରକୁ ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ସୋମବାର କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନଙ୍କ ନିକଟକୁ ଏହି ଘଟଣା ସମ୍ବନ୍ଧିତ ବିବରଣୀ ଓ ଆବଶ୍ୟକୀୟ ଦଲିଲ ସହ ଏହି ରିପୋର୍ଟ ପଠାଇଛନ୍ତି। ଘଟଣାବଳୀର ବାଖ୍ୟା କରି ବିସ୍ତୃତ ରିପୋର୍ଟ ଦିଆଯାଇଛି ବୋଲି ପଶ୍ଚିମବଙ୍ଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏଥିରେ ପ୍ରତିଟି ପର୍ଯ୍ୟାୟରେ ନିଆଯାଇଥିବା ପ୍ରଶାସନିକ ନିଷ୍ପତ୍ତିଗୁଡ଼ିକୁ ବିଷୟରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାହିଁକି ଉପସ୍ଥିତ ନ ଥିଲେ, ସେ ସମ୍ପର୍କରେ ମଧ୍ୟ ରିପୋର୍ଟ ଦିଆଯାଇଛି। ଏହାବ୍ୟତୀତ ରାଷ୍ଟ୍ରପତିଙ୍କ ସମ୍ମିଳନୀ ସ୍ଥଳର ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ପଛରେ ଥିବା କାରଣ ବିଷୟରେ ମଧ୍ୟ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଛନ୍ତି।

ଗତ ୭ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରୋଟୋକଲ୍ ଉଲ୍ଲଂଘନ ହୋଇଥିବା ଅଭିଯୋଗ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଏକ ରିପୋର୍ଟ ମାଗିଥିଲା। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଜବବା ମଗା ଯାଇଥିଲା। ରାଷ୍ଟ୍ରପତି ରାଜ୍ୟରେ ପହଞ୍ଚିବା ସମୟରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଡିଜିପି ଙ୍କ ଅନୁପସ୍ଥିତି ଉପରେ ଜବାବ ମଗାଯାଇଥିଲା।

# ବିଶ୍ୱକୁ ଅଶାନ୍ତ କରି ଆମେରିକା ମାଲେମାଲ

- ବଢୁଛି ଅସ୍ତ୍ରଶସ୍ତ୍ର କ୍ରୟ ପ୍ରତିଯୋଗିତା
- ଶୀର୍ଷରେ ସାଉଦି; ଦ୍ୱିତୀୟରେ ଭାରତ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ଯୁଦ୍ଧର କରାଳ ଛାୟାରେ ବିଶ୍ୱ କବଳିତ ହୋଇଯାଇଛି। ଏବେ ଦୁଇ ଦୁଇଟି ଯୁଦ୍ଧ ଜାରି ରହିଛି। ଶତ୍ରୁ ତ ଦୂରର କଥା ମିତ୍ର ରାଷ୍ଟ୍ର ବି ସୁରକ୍ଷିତ ନାହାନ୍ତି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ଏହାର ଉଦାହରଣ ପାଲଟିଛି। ସେହିପରି ଭେନେଜୁଏଲା ଏବଂ ଇରାନରେ ଆମେରିକାର ଆକ୍ରମଣ 'ଜୋରଜାର ମୂଳକ ତାର' ସ୍ଥିତି ସୃଷ୍ଟି କରିଛି। ଏହା ବିଶ୍ୱର ଭୂରାଜନୈତିକ ସ୍ଥିତିକୁ ବଦଳାଇ ଦେଇଛି। ନିଜ ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ପାଇଁ ଆମେରିକା ମିଛ ଅଭିଯୋଗ ଲଗାଉଛି। ପରେ ସାଲିସ କରିବା ପାଇଁ ଚାପ ପକାଉଛି। ଯଦି କୌଣସି ରାଷ୍ଟ୍ର ଏହାକୁ ବିରୋଧ କରୁଛନ୍ତି ତେବେ ଆକ୍ରମଣ ଭୟ ଦେଖାଯାଉଛି। ପରିଶେଷରେ ସେହି ଦେଶକୁ ନିୟନ୍ତ୍ରଣ କରିବା ପାଇଁ ଆକ୍ରମଣ କରାଯାଉଛି। ଭେନେଜୁଏଲା ପରେ ଇରାନ ସହ ଆମେରିକା ଏପରି କରିଛି। ଏହା ଦ୍ୱାରା ଆମେରିକାର ବୁଡ଼ି ଯାଉଥିବା ଅର୍ଥନୀତି ଲାଭବାନ ହେଉଛି। ଶତ୍ରୁ ରାଷ୍ଟ୍ର ଆକ୍ରମଣ କରିବାର ଭୟରେ ଛାନିଆ ହୋଇ ସାମରିକ ଦୃଷ୍ଟିରୁ ଦୂର୍ବଳ ଦେଶଗୁଡ଼ିକ ଆମେରିକାଠାରୁ ବିପୁଳ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଫଳରେ ଆମେରିକା ମାଲେମାଲ ହେଉଛି। ଏହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଲାଗିଥିବାବେଳେ ଆମେରିକା ବିକ୍ରିରେ ଆଗରେ ରହିଛି। ବିଶ୍ୱର ବିକ୍ରି ହେଉଥିବା ପ୍ରତି ଶହେରୁ ୪୨ ଅସ୍ତ୍ରଶସ୍ତ୍ର ଆମେରିକା ନିର୍ମାଣ କରୁଛି।

ଅନ୍ୟପଟେ ଅସ୍ତ୍ରଶସ୍ତ୍ର କ୍ରୟରେ ସାଉଦି ଆରବ ବିଶ୍ୱରେ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ୱିଡେନର ଗବେଷଣା ସଂସ୍ଥା ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ) ରିପୋର୍ଟରେ ଏହା କୁହାଯାଇଛି।

ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଚାଲିଥିବା ଯୁଦ୍ଧ ପାଇଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ମାତ୍ର ଏହି ଯୁଦ୍ଧ ସୃଷ୍ଟି କରି ଆମେରିକା ତାହାର ଲାଭ ଉଠାଉଛି। ଗତ ୪ ବର୍ଷରେ ଯୁଦ୍ଧ ପ୍ରଭାବିତ ଦେଶକୁ ଆମେରିକା ବିପୁଳ ଅସ୍ତ୍ରଶସ୍ତ୍ର ବିକିଛି। ଏଥିପାଇଁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର କର୍ତ୍ତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି। ୨୦୨୧-୨୫ ଭିତରେ ବିକ୍ରି ହୋଇଥିବା ଅସ୍ତ୍ରଶସ୍ତ୍ରରେ ଆମେରିକାର ଅଂଶ ୪୨ ପ୍ରତିଶତ ରହିଛି। ୨୦୧୬-୨୦ରେ ଏହା ୩୬ ପ୍ରତିଶତ ଥିଲା। ମାତ୍ର ଏହି ଅବଧିରେ ରୁଷର ସର୍ବାଧିକ କ୍ଷତି ହୋଇଛି। ଅସ୍ତ୍ରଶସ୍ତ୍ର ବିକ୍ରିରେ ରୁଷର ଯୋଗଦାନ ୬.୮ ପ୍ରତିଶତକୁ ଖସି ଆସିଛି। ୨୦୨୧-୨୫ ଭିତରେ ଆମେରିକା ୯୯ ଦେଶକୁ ଅସ୍ତ୍ରଶସ୍ତ୍ର ବିକିଛି। ଏଥିରେ ୟୁରୋପର ୩୫ ଦେଶ, ଉତ୍ତର ଏବଂ ଦକ୍ଷିଣ ଆମେରିକା ମହାଦେଶର ୧୮ ରାଷ୍ଟ୍ର, ଆଫ୍ରିକାର ୧୭, ଏସିଆ ଏବଂ ଓସିନିଆର ୧୭, ମଧ୍ୟପ୍ରାଚ୍ୟର ୧୨ ଦେଶ ସାମିଲ ଅଛନ୍ତି। ଅସ୍ତ୍ରଶସ୍ତ୍ର ରପ୍ତାନୀରେ ଫ୍ରାନ୍ସ (୯.୮%) ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦେଶଠାରୁ ଭାରତ (୨୪%), ଇଜିପ୍ଟ (୧୧%) ଏବଂ ଗ୍ରୀସ (୧୦%) ରହିଛି। ଅନ୍ୟପଟେ ରୁଷର ରପ୍ତାନୀ ୬୪ ପ୍ରତିଶତ ହ୍ରାସ ପାଇଛି। ସମୀକ୍ଷାଧିନ ଅବଧିରେ ଭାରତକୁ ୪୮%, ଚୀନ୍ ଏବଂ ବେଲାରୁଷକୁ ୧୩% ଲେଖାଏଁ ଅସ୍ତ୍ରଶସ୍ତ୍ର ବିକିଛି। ଅସ୍ତ୍ରଶସ୍ତ୍ର ବିକ୍ରି ତାଲିକାରେ ଚୀନକୁ ପଛରେ ପକାଇ ଜର୍ମାନୀ ଚତୁର୍ଥ ସ୍ଥାନରେ ରହିଛି।

୨୦୨୧-୨୫ରେ ସାଉଦିକୁ ଆମେରିକା ୪୮ଟି ଏଫ-୩୫ ବିମାନ, ଥାଡ ସିଷ୍ଟମ ଆଦି ଦେଇଛି। ଏହି ଅବଧିରେ ଆମେରିକା ବିକିଥିବା ଅସ୍ତ୍ରଶସ୍ତ୍ରର ୧୨ ପ୍ରତିଶତ ସାଉଦି କିଣିଛି। ଭାରତ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ଥିଲା। ମାତ୍ର ଏବେ ଆମଦାନୀ ୪ ପ୍ରତିଶତ ହ୍ରାସ ପାଇଛି। ଭାରତର ୪୦% ଅସ୍ତ୍ରଶସ୍ତ୍ର ରୁଷରୁ ଆସୁଥିଲା। ଏବେ ପଶ୍ଚିମ ଦେଶରୁ ଅଧିକ କିଣାଯାଉଛି। ୨୦୧୬-୨୦ ତୁଳନାରେ ୨୦୨୧-୨୫ରେ ଦେଶ ଦେଶ ମଧ୍ୟରେ ବୃହତ ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ମାମଲା ୯.୨ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୧-୧୫ ପରେ ଏହା ସର୍ବାଧିକ। ୟୁରୋପରେ ଅସ୍ତ୍ରଶସ୍ତ୍ର ଚାହିଦା ବଢ଼ିବା ଏହାର ପ୍ରମୁଖ କାରଣ। ୨୦୨୧-୨୫ ମଧ୍ୟରେ ୟୁରୋପୀୟ ଦେଶଗୁଡ଼ିକ ଅସ୍ତ୍ରଶସ୍ତ୍ର କ୍ରୟ ତିନି ଗୁଣ ବୃଦ୍ଧି କରିଛନ୍ତି। ଏଥିଯୋଗୁଁ ୟୁରୋପ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ପାଲଟି ଯାଇଛି। ଏହି ଅବଧିରେ ବିକ୍ରି ହୋଇଥିବା ମୋଟ ଅସ୍ତ୍ରଶସ୍ତ୍ରରୁ ୩୩ ପ୍ରତିଶତ ଭାରତକୁ ମିଳିଛି।

## ରେସନ କାର୍ଡ ଭୋଜବାଜୀ

# କାଟିଲେ ଅଧିକ୍; ଯୋଡ଼ିଲେ କମ୍

### ବାଦ୍ ପଡ଼ିଲେ ୧୭ ଲକ୍ଷ, ନୂଆ ପାଇଲେ ୯ ଲକ୍ଷ

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରାୟ ୧୭ ଲକ୍ଷ ହିତାଧିକାରୀଙ୍କ ରାସନ୍ କାର୍ଡ କାଟିଛନ୍ତି। ଏହା ବଦଳରେ ମାତ୍ର ୯ ଲକ୍ଷ ଲୋକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି। ଏବେ ବି ୮ ଲକ୍ଷ ଲୋକଙ୍କୁ ରାସନ କାର୍ଡ ମିଳିପାରିବ, ମାତ୍ର ସରକାର ଆବେଦନ କରିଥିବା ଲୋକଙ୍କୁ ରାସନ କାର୍ଡ ଦେଉ ନାହାନ୍ତି । ଯେଉଁମାନେ ବ୍ଲକ୍‌କୁ ଗେରୁଆ ଗାମୁଛା ପକାଇ ଯାଉଛନ୍ତି, ସେମାନଙ୍କ ନାମରେ ରାସନ କାର୍ଡ ଇସ୍ୟୁ ହେଉଛି । ସୋମବାର ଏମିତି ଆକ୍ଷେପ କରି ସରକାରଙ୍କୁ ବିଧାନସଭାରେ ଘେରିଛନ୍ତି ବିରୋଧୀ। ଏହା ସହ ଏହି ଆଲୋଚନା ସମୟରେ ଧାନ କିଣା ଅବ୍ୟବସ୍ଥା, ଚାଷୀ ମୃତ୍ୟୁ, ବଳକା ଚାଉଳ ବଣ୍ଟନ ପ୍ରସଙ୍ଗରେ ବିଜେଡ଼ି ଓ କଂଗ୍ରେସ ବିଧାୟକ ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଛନ୍ତି ।

ଏ ସଂକ୍ରାନ୍ତ ମୁଲତବୀ ଆଲୋଚନା ଆରମ୍ଭ କରି ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି ଯେ ସରକାର ଗତ ବର୍ଷ ରବି ଓ ଖରିଫ ଋତୁରେ ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ୍ ରଖିଥିଲେ। ଏହି ଧାନରୁ ୬୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ହେବ। ପିଡିଏସ୍ ପାଇଁ ଚାଉଳ ଯାଇ ସାରିବା ପରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ ବଳକା ରହୁଛି। ଏହି ଚାଉଳ କେଉଁଠି ରଖାଯାଇଛି? କେନ୍ଦ୍ର କେତେ ଚାଉଳ ଉଠାଇଛି? କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏମଏସପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ ନୁହେଁ। ବିଭିନ୍ନ ଆଳରେ ବହୁ ରାସନ୍ କାର୍ଡ କାଟି ୨୦୦ କୋଟି ଟଙ୍କା ରାଜସ୍ୱ ବଞ୍ଚାଇଛନ୍ତି ବୋଲି ସରକାର କହୁଛନ୍ତି। ହେଲେ ପର୍ବ ପର୍ବାଣୀ ଆଳରେ ବିଭିନ୍ନ ଅଞ୍ଚଳରେ ବଳକା ଚାଉଳ ବଣ୍ଟାଯାଇଛି। ସେଥିରେ ସରକାର

- ଗେରୁଆ ଗାମୁଛା ପକାଇଲେ ଯୋଡ଼ା ଯାଉଛି ନାମ: ବିରୋଧୀ
- ବିଜେପି ସରକାର ଆସିବା ପରେ ଚାଷୀ ସବୁଠୁ ଖୁସି: ଶାସକ

୧୧୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ରାଜସ୍ୱ କ୍ଷତି କେତେ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ୩୧୦୦ ଟଙ୍କା ଦେବା କଥା କହି ବିଜେପି ସରକାରକୁ ଆସିଲେ, ହେଲେ ସରକାରଙ୍କ ଠନ ଠନ ଏବେ ଲଣ୍ଡନ ହୋଇଯାଇଛି। ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଦେଇଛନ୍ତି। ହେଲେ ରଖିବା ପାଇଁ ଜାଗା ନାହିଁ ବୋଲି କହି ପ୍ରତାପ ଦେବ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଅନୁରୂପ ଭାବରେ ବିଜେଡି ବିଧାୟକ ବ୍ୟୋମକେଶ ରାୟ ମଧ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଏବେ ବି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ଇ-କେୱାଇସି ହୋଇନାହିଁ। ବହୁ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ଦାଦନ ଯାଇଥିବା ଲୋକ ଥରେ ଇ କେୱାଇସି କରି ଫେରିବା ପରେ ସେମାନଙ୍କୁ ପୁନର୍ବାର ଇ-କେୱାଇସି ପାଇଁ ଡକାଯାଉଛି। ସରକାର ଏବେ ପୁରୁଣା ଚାଉଳ ନିଲାମ କରିବେ ବୋଲି କହୁଛନ୍ତି। ହେଲେ ଏହାର ଦର କଣ ରହିବ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସରକାର ଧାନ କିଣା ବେଳେ ଅତିରିକ୍ତ ୮୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ପୁଣି ନିଲାମ ବେଳେ କ୍ଷତି ହେବ। ଏହାଦ୍ୱାରା ସରକାରଙ୍କର କେତେ ରାଜସ୍ୱ କ୍ଷତି ହେବ ତାହାର ହିସାବ ଦେବାକୁ ବ୍ୟୋମକେଶ ଦାବି କରିଛନ୍ତି। ବିଧାୟକ ଧ୍ରୁବ ସାହୁ କହିଥିଲେ ଯେ, ରାଜ୍ୟ ସରକାର ୧୭ ଲକ୍ଷ ଲୋକଙ୍କର ରାସନ୍ କାର୍ଡ କଟାଯାଇଛି। ଏମାନଙ୍କ ବଦଳରେ ମାତ୍ର ୯ ଲକ୍ଷ ଯୋଡାଯାଇଛି। ଯେଉଁମାନେ ଗେରୁଆ ଗାମୁଛା ପକାଇ ବ୍ଲକକୁ ଯାଉଛନ୍ତି, ସେମାନଙ୍କର ହିଁ ନାଁ ଯୋଡାଯାଉଛି। ପୁରୁଣା ଚାଉଳ ମିଲରଙ୍କ ପାଖରେ ପଡ଼ିଥିବାରୁ, ସେମାନେ ଚାଉଳ ଉଠାଉନହନ୍ତି। ଏହାସହ ସେ ରାଜନଗର ଚାଷୀ ମୃତ୍ୟୁ ଘଟଣା ପ୍ରସଙ୍ଗ ଉଠାଇ ଜାନୁଆରୀ ୧୬ରୁ ଟୋକନ ପାଇ ମଧ୍ୟ ଫେବୃଆରୀ ୧୪ ପର୍ଯ୍ୟନ୍ତ ଚାଷୀ ସୋସାଇଟି ଦୌଡୁଛି ବୋଲି କହି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ବ୍ୟତୀତ କେନ୍ଦ୍ରାପଡାରେ ମିଲରଙ୍କ ଠାରୁ ଚାନ୍ଦା ଆଦାୟ ହୋଇଛି। ଏହି ଘଟଣା ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମନ୍ତ୍ରୀ ଘଟଣା ତଦନ୍ତ କରି ଏହି ଟଙ୍କା କାହା ପାଖକୁ ଯାଉଛି, ତାହାର ରିପୋର୍ଟ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ଗେରୁଆ, ସବୁଜ ଲଢ଼େଇ ମଧ୍ୟରେ ସାଧାରଣ ଉପଭୋକ୍ତା ହନ୍ତସନ୍ତ ଅର୍ଥାତ ତ୍ରିରଙ୍ଗା ବାଦ୍ ପଡୁଛି। ସରକାର ଋଣ କରି ଗୁଣ ଗାଉଛନ୍ତି। ମାଣ୍ଡିପଙ୍କା ଅନାହାର ମୃତ୍ୟୁ ସହ ଆଜିକା ଦିନରେ ମଧ୍ୟ ଖାଦ୍ୟ ଅଭାବରୁ ଶିଶୁ ବିକ୍ରି ହେଉଛି ବୋଲି କହି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିଭଳି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ରାସନ୍ କାର୍ଡ ବଣ୍ଟନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇବା ସହ ବିଜେପି ବିଧାୟକ ସନ୍ତୋଷ ଖଟୁଆ, ସାରଦା ପ୍ରଧାନ, ଓମ୍ ପ୍ରକାଶ ମିଶ୍ର ଓ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିଜେପି ସରକାର ଆସିବା ପରେ ଚାଷୀ ଖୁସି ଅଛନ୍ତି। ଭୂତ ରାସନ୍ କାର୍ଡ କାଟାଯାଇଛି। ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଛି। ନିରପେକ୍ଷ ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କଟାଯାଇନାହିଁ ବୋଲି ଶାସକ ଦଳ ପକ୍ଷରୁ ବିଧାୟକମାନେ ଯୁକ୍ତି ରଖିଛନ୍ତି।

# ରାଜ୍ୟରେ ମହିଳା ହିଂସା ଅଣାୟତ୍ତ

### ୧୮ ମାସରେ ୪୮୭୮୯ ମାମଲା

ଭୁବନେଶ୍ୱର, ୯।୩(ସମିସ): ଗତ ୧୮ ମାସରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଲଗାମଛଡ଼ା ଭାବେ ବଢ଼ିଛି। ୨୦୨୪ ଜୁଲାଇ ୧ରୁ ୨୦୨୫ ଡିସେମ୍ବର ୧୨ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୪୮୭୮୯ଟି ମହିଳା ବିରୋଧୀ ହିଂସା ମାମଲା ରୁଜୁ ହୋଇଛି। ସେହିପରି, ଏହି ଅବଧି ମଧ୍ୟରେ ଦଳିତ ଓ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ଜନିତ ୪୮୬୮ଟି ମାମଲା ପଞ୍ଜୀକୃତ ହୋଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିସ୍ଫୋରକ ତଥା ଭୟଙ୍କର ତଥ୍ୟ ରଖିଛନ୍ତି।

**ଦଳିତ ଓ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ଜନିତ ୪୮୬୮ ମାମଲା**

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ରୋକିବା ସହ ମହିଳାମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ମାମଲାଗୁଡ଼ିକର ତୁରନ୍ତ ପଞ୍ଜୀକରଣ, ଉପଯୁକ୍ତ ତଦନ୍ତ, ସ୍ୱତନ୍ତ୍ର ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀ ନିଯୁକ୍ତ କରି ବିଚାରର ତଦାରଖ, ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ, ପୁନର୍ବାସ ମାଧ୍ୟମରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ମହିଳା ଏବଂ ଶିଶୁ ବିରୁଦ୍ଧରେ ଅପରାଧ ଜଘନ୍ୟ ମାମଲା ଯଥା ମାନବ ଚାଲାଣ, ଯୌନ ଅପରାଧ, ଘରୋଇ ହିଂସା, ଏସିଡ୍ ଆକ୍ରମଣ, ଶିଶୁ ଶ୍ରମିକ, ଗୁଣିଗାରେଡ଼ିର ଶିକାର ଇତ୍ୟାଦି ଉପରେ ନଜର ରଖିବା ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁକୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାଜ୍ୟ ସାରା ଘୃଣ୍ୟ ଏବଂ ଚାଞ୍ଚଲ୍ୟକର ଅପରାଧର ତଦନ୍ତ ପାଇଁ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଅଧୀନରେ ଏକ ପୁଲିସ ଷ୍ଟେସନ୍ କାର୍ଯ୍ୟ କରୁଥିବା ସହ ଜିଲ୍ଲାଗୁଡ଼ିକରେ ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ମହିଳା ସମ୍ପର୍କିତ ସମ୍ବେଦନଶୀଳ ମାମଲାଗୁଡ଼ିକର ତଦନ୍ତ ପାଇଁ ଜିଲ୍ଲାସ୍ତରରେ ୨୯ଟି ଆଇୟୁସିଏଡବ୍ଲ୍ୟୁ କାର୍ଯ୍ୟକାରୀ ହେଉଛି। ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର ଜୁଭେନାଇଲ୍ ପୁଲିସ ୟୁନିଟ୍ (ଏସଜେପିୟୁ) କାର୍ଯ୍ୟ କରୁଛି। ଏହାର ନେତୃତ୍ୱ ଜଣେ ଡିଏସପି ପାହ୍ୟାର ଅଧିକାରୀ ନେଉଛନ୍ତି।

## ଗୃହ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ

# ପୁଲିସ ବ୍ୟବସ୍ଥାରେ ପୃଥକ୍ ହେଉ ଆଇନଶୃଙ୍ଖଳା ଓ ତଦନ୍ତ ପ୍ରକ୍ରିୟା

ଭୁବନେଶ୍ୱର, ୯।୩(ସମିସ): ଓଡ଼ିଶା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଗତ କିଛିମାସ ହେଲା ପ୍ରଶ୍ନବାଚୀ ସୃଷ୍ଟି ହୋଇ ଆସୁଛି। ପୁଲିସ ଉପରେ ଉଭୟ ଆଇନ ଶୃଙ୍ଖଳା ରକ୍ଷା ଏବଂ ତଦନ୍ତ ପରି ଦୁଇଟି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ଏହା ପୁଲିସର କାର୍ଯ୍ୟଦକ୍ଷତା ଉପରେ କୁପ୍ରଭାବ ପକାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଗଭୀର ଉଦବେଗ ପ୍ରକାଶ କରିଛି ଗୃହ ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି। ଏପରି ଦ୍ୱୈତ ଦାୟିତ୍ୱ ପୁଲିସର କାର୍ଯ୍ୟକୁଶଳତାକୁ ହ୍ରାସ କରୁଛି ବୋଲି ଷ୍ଟାଣ୍ଡିଂ କମିଟି ମତବ୍ୟକ୍ତ କରିଛନ୍ତି।

ଅନେକ ସମୟରେ ପୁଲିସ ନିକଟରୁ ଆଇନ ଶୃଙ୍ଖଳା ଓ ତଦନ୍ତ ଦାୟିତ୍ୱକୁ ପୃଥକ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଜଣେ ପୁଲିସ ଉପରେ ଦୁଇଟି ଦାୟିତ୍ୱ ଏକ ସାଙ୍ଗରେ ରହୁଥିବାରୁ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଗଭୀର ଭାବେ ପ୍ରଭାବିତ ହେଉଛି। ପୁଲିସ ଅଧିକାରୀମାନେ ଅଧିକ ଚାପଗ୍ରସ୍ତ ହେବା ଯୋଗୁଁ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦଣ୍ଡବିଧାନ ହାର ହ୍ରାସ କରିବା ସହ ତଦନ୍ତର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଆସିଛି। ତେଣୁ ପୁଲିସକୁ ପୃଥକ ପୃଥକ ଭାବେ ଉଭୟ ଦାୟିତ୍ୱ ପ୍ରଦାନ କରିଲେ ପୁଲିସ ଅଧିକ ଦକ୍ଷ ତଥା କୁଶଳୀ ହୋଇପାରିବ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇ ଆସୁଛନ୍ତି।

ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ମଧ୍ୟ ନିଜ ପରାମର୍ଶରେ ସମାନ କଥା ଉଲ୍ଲେଖ କରିଛି। ଦାୟିତ୍ୱ ଦ୍ୱୟକୁ ଅଲଗା କରିବା ସହ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବାକୁ ମଧ୍ୟ କମିଟି ପରାମର୍ଶ ଦେଇଛି। ୨୦୦୬ରେ ସୁପ୍ରିମକୋର୍ଟ ପ୍ରକାଶ ସିଂହ ମାମଲାରେ ଏ ନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ନିଜ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ କହିଥିଲେ ଯେ ଦେଶରେ ସହରାଞ୍ଚଳରେ (୧୦ ଲକ୍ଷରୁ ଅଧିକ ଜନସଂଖ୍ୟା) ଏହି ପୃଥକୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉ। ଏହାପରେ ଏହାକୁ ଧିରେ ଧିରେ ଅନ୍ୟ ଅଞ୍ଚଳରେ ଲାଗୁ କରାଯାଉ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ରାଜ୍ୟ ଏହାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିନାହାନ୍ତି। ତେବେ ୨୦୧୮ ମସିହାରେ ତତକାଳୀନ ବିଜେଡି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲେ। ଏହି କ୍ରମରେ ରାଜ୍ୟର ପ୍ରାୟ ୧୧୫ଟି ଥାନାରେ ତତ୍କାଳୀନ ସରକାର ପାଇଲଟ୍ ପ୍ରକଳ୍ପ ଭାବରେ ଏହି ପୃଥକୀକରଣ ଯୋଜନାକୁ

**୧୧୫ ଥାନାରେ ୨୦୧୮ ରେ ଆରମ୍ଭ ହୋଇଥିଲା ପାଇଲଟ୍ ପ୍ରକଳ୍ପ**

କାର୍ଯ୍ୟକାରୀ କରିଥିଲେ। ସେହିପରି ନଭେମ୍ବର ୧୯-୨୦ ତାରିଖରେ ଭୁବନେଶ୍ୱରରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କର ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ରାଜ୍ୟରେ ଦଣ୍ଡାଦେଶ ହାର ବଢ଼ାଇବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱର-କଟକ କମିଶନରେଟ ପୁଲିସ ମଧ୍ୟ ଆଇନ ଶୃଙ୍ଖଳା ଏବଂ ତଦନ୍ତ ପ୍ରକ୍ରିୟାକୁ ପୃଥକ କରିବା ପାଇଁ ଅତୀତରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇସାରିଛନ୍ତି। ତେଣୁ ଏ ଦିଗରେ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଏହାଦ୍ୱାରା ପୁଲିସର କାର୍ଯ୍ୟଦକ୍ଷତା ବଢ଼ିବା ସହ ଦଣ୍ଡବିଧାନ ହାର ଏବଂ ଆଇନ ଶୃଙ୍ଖଳା ରକ୍ଷାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଛାତ୍ରୀନିବାସରେ ବାଣ ଫୁଟି ୪ ଛାତ୍ରୀ ଆହତ

ସମ୍ବଲପୁର, ୯।୩ (ସମିସ): ସମ୍ବଲପୁର ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରୀ ନିବାସ ଭିତରେ ବାଣ ଫୁଟି ୪ ଜଣ ଛାତ୍ରୀ ଆହତ ହୋଇଛନ୍ତି। ଛାତ୍ରୀନିବାସ କର୍ମଚାରୀ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଟାଉନ୍ ଥାନା ମୁଦିପଡ଼ା ଫେଜ୍‌ର କ୍ଲବ୍ ରାସ୍ତାରେ ଲେଡ଼ିଲୁଇସ୍ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀନିବାସ ଭିତରେ ଛାତ୍ରୀମାନେ ପାଠ ପଢୁଥିଲେ। ଏହି ସମୟରେ ଛାତ୍ରୀନିବାସ ସମ୍ମୁଖ ରାସ୍ତାରେ ଏକ ବରଯାତ୍ରୀ ଦଳ ନାଚଗୀତ କରି ଯାଉଥିଲେ। ବରଯାତ୍ରୀ ଦଳ ପକ୍ଷରୁ କିଛି ଲୋକ ବାଣ ଫୁଟାଉଥିଲେ। ଏହି ସମୟରେ ଛାତ୍ରୀନିବାସ ଭିତରେ ବାଣ ପଡ଼ି ବାହାରେ ପାଠ ପଢୁଥିବା ଛାତ୍ରୀଙ୍କ ପାଖରେ ଫୁଟିବାରୁ ଜଣେ ନବମ ଶ୍ରେଣୀ ଓ ତିନିଜଣ ଅଷ୍ଟମ ଶ୍ରେଣୀ ଛାତ୍ରୀ ଆହତ ହୋଇଥିଲେ। ଟାଉନ୍ ଥାନାଧିକାରୀ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ଅତାବିରା, ୯।୩ (ସମିସ): ଅତାବିରା ବ୍ଲକ୍ ଟାମ୍ପରସରା ପଞ୍ଚାୟତ ଅନ୍ଧାରିପାଲିରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଅନ୍ଧାରିପାଲିର ବେଣୁଧର ଛୁରିଆ (୬୦)। ସୂଚନାନୁଯାୟୀ, ଆଜି ଭୋର୍‌ରେ ଅର୍ଡଚାଟ ବଗିଚା ପାଖ ଚାଷ ଜମିକୁ ବେଣୁଧର ଯାଇଥିଲେ। ସେତିକିବେଳେ ସେ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ବେଣୁଧରଙ୍କ ଚିତ୍କାର ଶୁଣି ବଗିଚା ପାଖରେ ଥିବା ଅନ୍ୟ ଚାଷୀ ତାଙ୍କ ପାଖକୁ ଗଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଫାଣ୍ଡି ଅଧିକାରୀ ଗଣେଶ ବାରିକଙ୍କ ସମେତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ବନ ବିଭାଗ ଡିଏଫ୍‌ଓ ସରୋଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ପରିବାର ଲୋକେ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିବା ସହ ପଞ୍ଚାୟତ ସ୍ତରରେ ଥିବା ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଦେବାକୁ କହିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।



ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ସଂସଦ ଭବନ ପରିସରରେ ବିଜେଡି ରାଜ୍ୟସଭା ସାଂସଦଙ୍କ ଦଳୀୟ ରଣନୀତି ପ୍ରସ୍ତୁତି....

## ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ବ୍ୟବସ୍ଥା

# ଗୋଟିଏ ବିଷୟରେ ଦେଇପାରିବେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୯।୩(ସମିସ): ଯୁକ୍ତ୨ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆଉ ଏକ ସୁଯୋଗ ମିଳିବ। ଏଥିପାଇଁ ଚଳିତ ଶିକ୍ଷାବର୍ଷ ଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ନୂତନ ପଦକ୍ଷେପ ନିଆଯାଇଛି। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ସେମାନଙ୍କ ପରୀକ୍ଷା ଫଳ ଦୁଇମାସ ମଧ୍ୟରେ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପଡ଼ିଡ଼ା ସୂଚନା ଦେଇଛନ୍ତି।

ଡ. ପରିଡ଼ା କହିଛନ୍ତି ଯେ, ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ ବିଷୟରେ ପାସ କରିଥିବା ପିଲା ନିଜର ମାର୍କ ବା ପରସେଣ୍ଟ ବଢ଼ାଇବା ପାଇଁ ଇମପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ଏକାଧିକ ବିଷୟରେ ଏହି ପରୀକ୍ଷା ଦେଇପାରିବେ ନାହିଁ। ଇନଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେବ ଓ ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ

**ଫଳ ପ୍ରକାଶର ୬୦ ଦିନ ମଧ୍ୟରେ ପରୀକ୍ଷା ଓ ରେଜଲ୍ଟ**

ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ମାସରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ। ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଗତ ଅଗଷ୍ଟ ମାସରୁ ନୀତିଗତ ନିଷ୍ପତ୍ତି ହୋଇଛି। ୨୦୨୬ ରେ ବାର୍ଷିକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ଏହାକୁ ଲାଗୁ କରାଯାଉଥିବା ଡ. ପରିଡ଼ା ସ୍ପଷ୍ଟ କରିଛନ୍ତି।

## ସାଇବର୍ ଅପରାଧ ତଦନ୍ତରେ ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଅଚଳ କରାଯିବା ପ୍ରସଙ୍ଗ

# ଗୃହ ମନ୍ତ୍ରଣାଳୟ ଏସ୍‌ଓପି ଆଣିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ, ୯।୩ (ସମିସ): ସାଇବର୍ ଅପରାଧ ତଦନ୍ତ ସମୟରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଫ୍ରିଜ୍ କରିଦେବା ଦ୍ୱାରା ନିର୍ଦ୍ଦୋଷ ବ୍ୟକ୍ତି ଓ ବ୍ୟବସାୟୀମାନେ ଭୋଗୁଥିବା ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ସନ୍ଦେହଜନକ ଥାଏ, ତେବେ କେବଳ ସେତିକି ଟଙ୍କା ଉପରେ ପ୍ରତିବନ୍ଧକ ଲଗାଯାଇପାରିବ। କିନ୍ତୁ, ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିଦେବା ଅନୁଚିତ ଓ ଯୁକ୍ତିସଙ୍ଗତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ସମାନ ନୀତି ପ୍ରଣୟନ ସହ ଏକ ଏସ୍‌ଓପି ଏବଂ ନିର୍ଦ୍ଦେଶାବଳୀ ଜାରି କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ବାରମ୍ବାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ସମ୍ପର୍କିତ ମାମଲା କୋର୍ଟକୁ ଆସୁଥିବାରୁ କେନ୍ଦ୍ର ସରକାର ଏହି ବିଷୟରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଅଭିଯୋଗକାରୀଙ୍କ ସ୍ୱାର୍ଥ ଏବଂ ଜଣେ ନିର୍ଦ୍ଦୋଷ ବ୍ୟାଙ୍କ ଖାତାଧାରୀଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ସହ ପୁଲିସ୍ ଯେପରି ଏହି ମାମଲାଗୁଡ଼ିକୁ ସମ୍ବେଦନଶୀଳ ଭାବେ ପରିଚାଳନା କରିବ, ସେଥିପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ ରହିବା ଆବଶ୍ୟକ। ସେହିଭଳି, ଜଣେ ବ୍ୟକ୍ତି କୌଣସି ଅପରାଧ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ କିମ୍ବା ନିର୍ଦ୍ଦୋଷ ହୋଇ ମଧ୍ୟ ଯେପରି ନିଜର ବ୍ୟାଙ୍କ ଆକାଉଣ୍ଟ ଅଚଳ ଯୋଗୁଁ ଅଯଥା କଷ୍ଟ ନପାଆନ୍ତି, ତାହାକୁ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ଗଜପତି ଜିଲ୍ଲାର ଏକ ଗ୍ୟାସ୍ ବିତରକ ସଂସ୍ଥା 'ମେସର୍ସ ସାଇରାମ ଭାରତ ଗ୍ୟାସ୍'ର ବ୍ୟାଙ୍କ ଆକାଉଣ୍ଟକୁ ଏକ ସାଇବର ଅପରାଧ ମାମଲାରେ କେରଳ ସାଇବର ପୁଲିସ୍ ଫ୍ରିଜ୍ କରିବା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିଛନ୍ତି। ବ୍ୟାବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆକାଉଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଫଳରେ କର୍ମଚାରୀଙ୍କ ଦରମା ଓ ଦୈନନ୍ଦିନ କାରବାର ବାଧାପ୍ରାପ୍ତ ହେଉଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। କେରଳ ସାଇବର୍ ପୁଲିସ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସନ୍ଦେହଜନକ ଟଙ୍କାର ପରିମାଣ ଜଣାଇବ। ସମ୍ପୃକ୍ତ ବ୍ୟାଙ୍କ କେବଳ ସେତିକି ଟଙ୍କାକୁ ଅଟକାଇ ବାକି ଟଙ୍କାରେ ବ୍ୟବସାୟୀଙ୍କୁ କାରବାର କରିବାକୁ ଅନୁମତି ଦେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## କେହି ପ୍ରତ୍ୟାହାର କଲେ ନାହିଁ ନାମାଙ୍କନ: ଆସନ ୪, ପ୍ରାର୍ଥୀ ୫

# ଚତୁର୍ଥ ଆସନରେ ବିଜୟ ପାଇଁ ଶାସକ-ବିରୋଧୀଙ୍କ ଦମ୍ଭୋକ୍ତି

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟସଭା ନିର୍ବାଚନ ନେଇ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାବେଳେ କୌଣସି ପ୍ରାର୍ଥୀ ନିଜର ନାମାଙ୍କନ ପ୍ରତ୍ୟାହାର କରିନାହାନ୍ତି। ମଇଦାନରେ ମୋଟ ୫ଜଣ ପ୍ରାର୍ଥୀ ଥିବାବେଳେ ଆସନ୍ତା ୧୬ ତାରିଖରେ ବିଧାନସଭା ସଚିବାଳୟରେ ଭୋଟ ଗ୍ରହଣ କରାଯିବା ନିଶ୍ଚିତ ହୋଇଛି। ନିର୍ବାଚନ ନେଇ ତାରିଖ ପାଖଉଥିବା ବେଳେ ଚତୁର୍ଥ ଆସନରେ ବିଜୟ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଏପଟେ କଂଗ୍ରେସ ପକ୍ଷରୁ ସୋମବାର ବିଧାନସଭାରେ ନିଜର ବିଧାୟକଙ୍କୁ ନେଇ ବୈଠକ କରାଯିବା ସହ ନିର୍ବାଚନରେ କେମିତି ମତଦାନ କରିବାକୁ ହେବ, ସେନେଇ ଏକ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଛି।

ମୋଟ ୪ ଆସନ ମଧ୍ୟରୁ ବିଜେପି ଖାତାକୁ ୨ଟି ଆସନ ଏବଂ ବିଜେଡି ଖାତାକୁ ଗୋଟିଏ ଆସନ ଯିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ତେବେ ଚତୁର୍ଥ ଆସନକୁ ନେଇ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ବିଜେଡି ଦ୍ୱାରା ଘୋଷିତ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଏବଂ ସିପିଏମ ସମର୍ଥନ ଘୋଷଣା କରିଥିବାରୁ ତାଙ୍କ ପାଖରେ ନିର୍ବାଚନ ଜିଣିବା ପାଇଁ ଆବଶ୍ୟକୀୟ ସଂଖ୍ୟା ରହିଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା

- ବିଧାୟକଙ୍କୁ କିଣିବା ପାଇଁ ଶାସକ ଖୋଲା ଆହ୍ୱାନ କରୁଛି: ବିଜେଡି
- ଆମେ ସବୁ ଏକାଠି, ଦତ୍ତେଶ୍ୱରଙ୍କୁ ମିଳିବ ସବୁ ଭୋଟ: କଂଗ୍ରେସ
- ବିଜେପିର ସବୁ ତିନି ଜଣ ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ: ଶାସକ

ବିଜେପି ନେତା ଦିଲ୍ଲୀପ ରାୟ ସ୍ୱାଧୀନ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରି ସାରିଛି। ବିଜେପି ସହ ନିଜେ ଦିଲ୍ଲୀପ ନିଜର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ବିଜେପି ୩ଟି ଆସନରେ ବିଜୟ ଲାଭ କରିବ ବୋଲି ଭବିଷ୍ୟତବାଣୀ କରିଛି। ଶାସକ ବିଜେପିର ଏପ୍ରକାରର ଆକଳନକୁ ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଧ୍ରୁବଚରଣ ସାହୁ। ସେ କହିଛନ୍ତି ଯେ ବିଜେପି ଗଣତନ୍ତ୍ରକୁ ହତ୍ୟା କରି ଚାଲିଛି। ଏକ ସରକାରୀ ଦଳ ଘୋଡ଼ା ବେପାରକୁ ଜାତୀୟକରଣ କରିବା ପାଇଁ ସୁଯୋଗ ଦେଇଛି ଏବଂ ବିଧାୟକମାନଙ୍କୁ କିଣିବା ପାଇଁ ଖୋଲାଖୋଲି ଆହ୍ୱାନ କରୁଛି। ଏପରି ଅଗଣତାନ୍ତ୍ରିକ କାର୍ଯ୍ୟର ଉତ୍ତର ଜନ ସାଧାରଣ ଆଗାମୀ ଦିନରେ ଦେବେ।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ୧୪ ଜଣ ବିଧାୟକ ଏକ ହୋଇ ରହିଛନ୍ତି। କୌଣସି ପରିସ୍ଥିତିରେ ଆମର କ୍ରସ ଭୋଟିଂ ହେବାର ନାହିଁ। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସମସ୍ତ କଂଗ୍ରେସ ଭୋଟ ଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ ବିଜେପି ନିଶ୍ଚିତ ଭାବରେ ଚତୁର୍ଥ ଆସନରେ ବିଜୟ ହେବ। ଏଥିପାଇଁ ଉଭୟ ଗଣିତ ଏବଂ ସଂଖ୍ୟା ଆମ ସାଥିରେ ଅଛି ବୋଲି ବିଜେପି ବିଧାୟକ ଅଶୋକ ମହାନ୍ତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ବିଜେପି କେଉଁଠୁ ଆବଶ୍ୟକୀୟ ସଂଖା ଆଣିବ ସେ ସମ୍ପର୍କରେ ସେ ନିରବ ରହିଛନ୍ତି।

ଅପରପକ୍ଷେ କଂଗ୍ରେସ ପକ୍ଷରୁ ଆଜି ବିଧାନସଭା ପରିସରରେ ଦଳୀୟ ବିଧାୟକଙ୍କୁ ପ୍ରାଥମିକ ଟ୍ରେନିଂ ଦିଆଯାଇଛି। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଦଳୀୟ ବିଧାୟକଙ୍କୁ ନିର୍ବାଚନ ନେଇ ଥିବା ନୀତି ନିୟମ ସମ୍ପର୍କରେ ଆଜି ଆଲୋଚନା ହେଲା। ଆଜି ଏକ ମକ୍ ଟ୍ରାଏଲ ହୋଇଛି। ଆଜି ବିଧାୟକମାନଙ୍କୁ ଭୋଟିଂ ପ୍ରକ୍ରିୟା ନେଇ ଟ୍ରେନିଂ ଦିଆଯାଇଥିବା ବେଳେ ଆଉ ୨ ଥର ଟ୍ରେନିଂ ଦିଆଯିବ। ଆମର ୧୪ ବିଧାୟକ ସହ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଭୋଟ ମଧ୍ୟ ଆମକୁ ମିଳିବ। ଆମର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସକାଳ THE SAKALA



## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**କୋକସରା, ୯ ।୩ (ସମିସ):** କୋକସରା ଥାନା ଫୁପଗାଁ ପୁରୁଣା ମଦଭାଟିଛକ ନିକଟରେ ଦୁର୍ଘଟଣାରେ ଗୁରୁତର ଥିବା ଆମଯୋର ଡଙ୍ଗରୀପଡ଼ାର ଧନମତି ଶବରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । କୋକସରା ପୁଲିସ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅନ୍ୟପଟେ ଗୁରୁତର ଥିବା ମଧୁସୂଦନ ଶବର ବର୍ତ୍ତମାନ ସୁଦ୍ଧା ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ରବିବାର ଦିନ ମଧୁସୂଧନ, ଧନମତି ଓ ବଳମତି ବାଇକ୍ ଯୋଗେ ଫୁପଗାଁ ପଟୁ ନିଜ ଗାଁ ଅଭିମୁଖେ ଯାଉଥିଲେ । ଏହି ସମୟରେ ମୋଟେର ପଟୁ ଦ୍ରୁତ ଗତିରେ ଆସୁଥିବା ମିନି ଟ୍ରକ ନଂ-ଓଡି୦୮ କେ-୫୨୫୩ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଫଳରେ ବାଇକ୍‌ରେ ଥିବା ମଧୁସୂଧନ, ଧନମତି ଓ ବଳମତି ରାସ୍ତା କଡ଼ରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ମଧୁସୂଧନ ଓ ଧନମତିଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଧନମତି ଶବରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

## ଭବାନୀପାଟଣା ସହରରେ ଜଳଛତ୍ର କେବେ

**ଭବାନୀପାଟଣା, ୯ ।୩(ସମିସ):** ଦିନକୁ ଦିନ ଖରା ବୃଦ୍ଧି ସାଙ୍ଗକୁ ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି ।ଭବାନୀପାଟଣା ସହର ୨୦ ୱାର୍ଡ ସମେତ ଦୈନିକ ଲକ୍ଷ ଲକ୍ଷ ଜିଲ୍ଲା ତଥା ଜିଲ୍ଲା ବାହାର ଲୋକ ଯାତାୟତ କରନ୍ତି । ବର୍ତ୍ତମାନ ଉତ୍ତାପ ସହରରେ ୩୮ ପାର କରିଥିବା ବେଳେ ଭବାନୀପାଟଣା ପୌରପରିଷଦ ପକ୍ଷରୁ ଜଳଛତ୍ର ଖୋଲାଯାଇ ନହିଁ ।ଫଳରେ ସାଧାରଣଲୋକେ ଓ ସହରକୁ ଆସୁଥିବା ପଥିକମାନେ ପିଇବା ପାଣି ଟୋପାଏ ପାଇଁ ତହକ ବିକଳ ହେଉଥିବା ଦେଖିବାକୁ ମିଳିଛି ।ସହରର ବସଷ୍ଟାଣ୍ଡ, ଜିଲ୍ଲାପାଳ କାର୍ଯ୍ୟାଳୟ, ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଆସୁଥିବା ଲୋକେ ପିଇବା ପାଣି ମୁନ୍ଦାଏ ପାଇଁ ହଇରାଣ ହେଉଛନ୍ତି । ବିଶେଷ କରି ଭବାନୀପାଟଣାରେ ମଙ୍ଗଳ ବାର ଓ ଶନିବାର ବସୁଥିବା ସାପ୍ତାହିକ ହାଟ ପାଇଁ ଆସୁଥିବା ଚାଷୀ, ବ୍ୟବସାୟୀ ଓ ସାଧାରଣଲୋକେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ପୌରପରିଷଦ ପକ୍ଷରୁ ସ୍ଥାପିତ ପିଇବା ପାଣି ଷ୍ଟାଣ୍ଡ ଗୁଡିକ ପ୍ରାୟ ଅକାମି ହୋଇ ପଡ଼ିଥିବା ବେଳେ ଟେଂକର ଯୋଗେ ମଧ ପାଣି ଯୋଗାଇ ଦିଆଯାଉନାହିଁ । ଏନେଇ ଭବାନୀପାଟଣା ପୌରପାଳିକା ର କାର୍ଯ୍ୟକାରୀ ଅଧକ୍ଷ ବିଷ୍ଣୁ ପ୍ରଧାନ ୨/୪ଦିନ ମଧ୍ୟରେ ଜଳଛତ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।




## ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବିପଦସଂକୁଳ

# ଥୁଆମୂଳରାମପୁର ବ୍ଲକ୍‌ରେ ଭୁଶୁଡ଼ି ପଡୁଛି ଶିକ୍ଷା ବ୍ୟବସ୍ଥା

**ଥୁଆମୂଳରାମପୁର, ୯ ।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବଣପାହାଡ଼ ଘେରା ଥୁଆମୂଳରାମପୁର ବ୍ଲକରେ ସରକାରୀ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଦୁର୍ବଳ ହେଉଥିବା ଚିତ୍ର ସ୍ପଷ୍ଟ ହେଉଛି । ଶିକ୍ଷା ହେଉଛି ଏକ ସମାଜର ଭବିଷ୍ୟତ ଗଢ଼ିବାର ମୂଳ ଆଧାର, କିନ୍ତୁ ଏଠାରେ ଶିକ୍ଷାର ମୂଳଦୁଆ ଦୁର୍ବଳ ହୋଇପଡ଼ିଛି । ବିପଦସଂକୁଳ କୋଠାରେ ଚାଲିଛି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଭଗବାନଙ୍କ ଭରସାରେ ଅଫିସ କାମ ଚାଳାଇଥାଆନ୍ତି କର୍ମଚାରୀ। ଆଜି ପର୍ଯ୍ୟନ୍ତ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇପାରିନି। ଏଥି ସହିତ ଅଧିକାରୀଙ୍କ ରହିବା ପାଇଁ ଘର ଖଣ୍ଡିଏ ମଧ ନାହିଁ।ଏପରି ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ସୁନେଲି ଭବିଷ୍ୟତ କିପରି ଗଢ଼ିଉଠିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।ବ୍ଲକରେ ମୋଟ ୧୦୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ୪୮, ଉଚ୍ଚ ବିଦ୍ୟାଳୟ ୧୫ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ୮ଟି ମୋଟ ୧୭୬ଟି ବିଦ୍ୟାଳୟ ରହିଥିବା ବେଳେ ସେଠାରେ ୧୫, ୯୮୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଥିପାଇଁ ବର୍ତ୍ତମାନ ୪୦୦ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। କିନ୍ତୁ ଏହି ବିଦ୍ୟାଳୟଗୁଡିକର ଅବସ୍ଥା ଦୟନୀୟ ହୋଇପଡ଼ିଛି। ସୂଚନା ଅନୁଯାୟୀ, ବ୍ଲକର ଗୋଟିଏ ମାତ୍ର ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ମଧ କୋଠା ନଥିବା ବେଳେ ୨୧ଟି ବିଦ୍ୟାଳୟ ଭଙ୍ଗାଦଦରା କୋଠାରେ ଚାଲୁଛି ।ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସୂଚନା

### ଭଙ୍ଗାଦଦରା କୋଠାରେ ଚାଲୁଛି ୨୧ ବିଦ୍ୟାଳୟ

### ୪୧ ବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା ନାହିଁ

ମୁତାବକ ୪୧ ଟି ବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା ନଥିବା ବେଳେ ୪୨ ଟି ବିଦ୍ୟାଳୟରେ ପାଚେରୀ ନାହିଁ। ତଥା ୧୭ଟି ବିଦ୍ୟାଳୟରେ ରୋଷେଇଘର ନଥିବା ଯୋଗୁଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରୁଛି ।କେବଳ ଭୌତିକ ସୁବିଧା ନୁହେଁ, ଶିକ୍ଷକ ଅଭାବ ମଧ ଏଠାରେ ଗୁରୁତର ସମସ୍ୟା ହୋଇପଡ଼ିଛି । ବ୍ଲକରେ ପ୍ରାୟ ୧୫୦ ଶିକ୍ଷକ ପଦବୀ ଖାଲି ରହିଥିବାରୁ ଅନେକ ବିଦ୍ୟାଳୟରେ ଠିକ୍‌ଭାବେ ପାଠପଢ଼ା ଚାଲିପାରୁନାହିଁ। ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି



ଅନ୍ୟତ୍ର ହୋଇଥିବା ସତ୍ତ୍ୱେ ସେମାନଙ୍କ ସ୍ଥାନ ପୂରଣ ହେଉନଥିବା ଅଭିଯୋଗ ହେଉଛି ।ସୂଚନାଯୋଗ୍ୟ ଯେ ଥୁଆମୂଳରାମପୁର ଭଳି ଅଞ୍ଚଳ ପ୍ରତି ଶିକ୍ଷା ବିଭାଗର ବୈମାତୃକ ମନୋଭାବ ବେଶ୍ ବାରି ହୋଇପଡୁଛି ।ଏଠାରେ ଯେଉଁ ଶିକ୍ଷା ଅଧିକାରୀମାନେ ଅଛନ୍ତି ସମସ୍ତେ କାମଚଳା ଦାୟିତ୍ୱରେ। ବ୍ଲକର ଏତେବଡ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରିବା ତଥା ତଦାରଖ ପାଇଁ ଦୀର୍ଘ ଦିନ ହେଲା ନିୟମିତ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀମାନେ ନିଯୁକ୍ତ ହୋଇନାହାନ୍ତି । ଯଦି ବା କାହାକୁ ନିଯୁକ୍ତ କରନ୍ତି ବ୍ଲକ ଶିକ୍ଷା ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ସ୍ଥିତି ବୁଝିବାର କିଛି ମାସ ପରେ ସେମାନଙ୍କ ଚାକିରିରୁ ଅବସର ନେବାର ସମୟ ଆସିଥାଏ । ଶିକ୍ଷାଧିକାରୀଙ୍କୁ ସହଯୋଗ କରିବା ପାଇଁ ଥୁଆମୂଳରାମପୁର ବ୍ଲକର ୧୪ ଟି କ୍ଲଷ୍ଟରକୁ ପରିଚାଳନା କରିବା ପାଇଁ ଅନ୍ତତଃ ୪ ଜଣ ଅତିରିକ୍ତ ଶିକ୍ଷାଧିକାରୀ ଆବଶ୍ୟକତା ରହିଛି। ଗୋଟିଏ ଦିଇଟା ବିଦ୍ୟାଳୟ ଛାଡିଦେଲେ କୌଣସି ବିଦ୍ୟାଳୟରେ ନାହାନ୍ତି ନିୟମିତ ପ୍ରଧାନଶିକ୍ଷକ। ଏତେ ବଡ ଅଞ୍ଚଳର ସମସ୍ତ ବିଦ୍ୟାଳୟ ତଦାରଖ କରିବାରେ ବ୍ୟାପକ ଅସୁବିଧା ଦେଖାଦେବ। ଏହି ବ୍ଲକରୁ ମନ ଇଚ୍ଛା ଅନ୍ୟତ୍ର ବଦଳି ଏବଂ ଡେପୁଟେସନ୍ କରାଯାଉଛି। ବଦଳି ସ୍ଥାନରେ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ହେବାର ନା ନାହିଁ। ଏହାର ପ୍ରଭାବ ସମସ୍ତ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ଅନେକ ଗରିବ ପରିବାରର ପିଲାମାନେ ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି, ଯାହା ଶିକ୍ଷା ପ୍ରତି ସେମାନଙ୍କ ଆଗ୍ରହକୁ ମଧ୍ୟ କମାଇ ଦେଉଛି। ଆଜି ବି ଏହି ଅଞ୍ଚଳର ବହୁ ପିଲା ବିଦ୍ୟାଳୟ ଦେଖିନଥିବା ନଜିର ରହିଛି ।ବିଶେଷ କରି ଝିଅ ମାନଙ୍କ ସଂଖ୍ୟା ଅଧିକ ।ସରକାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଥିବା କହୁଥିଲେ ମଧ ଗ୍ରାମାଞ୍ଚଳରେ ତାହାର ପ୍ରଭାବ ଠିକ୍‌ଭାବେ ପଡୁନାହିଁ ବୋଲି ସ୍ଥାନୀୟମାନେ ଅଭିଯୋଗ କରୁଛନ୍ତି। ତେଣୁ ଶିକ୍ଷା ବ୍ୟବସ୍ଥାର ଏହି ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସରକାର ଓ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ଚିତାରମାରେ ପୁଲିସ ଜନସମ୍ପର୍କ ଶିବିର

**ସିନାପାଲି, ୯ ।୩(ସମିସ):** ମାଓ ପ୍ରବଣ ସିନାପାଲି ଥାନା ଚିତାରମାରେ ସିନାପାଲି ଥାନା ପକ୍ଷରୁ ପୁଲିସ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ଶିବିର ରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ୍ ଖାନ, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ଘାଟମାଲ ସରପଞ୍ଚ ଟେକରାମ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏଏସ୍‌ଆଇ ପ୍ରଭାକର ନାୟକ ସଭା ପରିଚାଳନା କରିଥିଲେ ।ଶିବିରରେ ଗ୍ରାମର ବୃଦ୍ଧାବୃଦ୍ଧାଙ୍କୁ ବିଭିନ୍ନ ପ୍ରକାରର ବସ୍ତ୍ର ଓ ଛୋଟ ପିଲାଙ୍କୁ ଖେଳଣା ସାମଗ୍ରୀ ତଥା ଖାତା, କଲମ ବଣ୍ଟନ କରିଥିଲେ ।ସେହିପରି କ୍ରିକେଟ, ସଂକିର୍ତ୍ତନ, ଫୁଟବଲ ଟିମକୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରିଥିଲେ। ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପୋଲିସ ଜନସମ୍ପର୍କ ଶିବିର ଉଦ୍ଦେଶ୍ୟ ଉପରେ ଲୋକଙ୍କୁ ସଚେତନ କରିଥିବା ବେଳେ ଡିଏଫଓ ନିଆଁ ସଚେତନ ଓ ଜନସମ୍ପର୍କ ନେଇ ସଚେତନ କରିଥିଲେ। ଶିବିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ ହୋଇଥିଲା। ଶିବିରରେ ମାଗଣା ସ୍ୱାସ୍ଥ୍ୟସେବାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ଗୌରୀଶଙ୍କର ଦାସ, ଏଏସ୍‌ଆଇ ରାମେଶ୍ୱର ବାଗ ସମେତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

## ବାଲ୍ୟବିବାହ ନିରାକରଣ ସଚେତନତା ଶିବିର



**ସିନାପାଲି, ୯ ।୩(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକର ହାତିବନ୍ଧା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିନାପାଲି ସିଡ଼ିପିଓ ଉର୍ମିଳା ମହାପାତ୍ର, ତାଲୁକ ଆଇନ ସେବା ସମିତିର ଓକିଲ ଗୁଣ ସାଗର ମେହେର, ହାତିବନ୍ଧା ଗ୍ରାମ ପଞ୍ଚାୟତର ପିଇଓ ଜୟାନନ୍ଦ ମେହେର ପ୍ରମୁଖଙ୍କ ସହ ସିନାପାଲି ଅଧିବକ୍ତା ସଂଘର ଓକିଲଗଣ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ଯୋଗଦାନ କରିଥିଲେ ।ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟବିବାହ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ବାଲ୍ୟବିବାହ ଏକ ସାମାଜିକ କଳଙ୍କ ଏବଂ ଏହାକୁ ବନ୍ଦ କରି ବାଲ୍ୟ ବିବାହମୁକ୍ତ ଭାରତ ଗଠନରେ ସମସ୍ତେ ସହାୟକ ହେବାକୁ ସଚେତନ କରାଯାଇଥିଲା ।

# ଅନ୍ତର୍ଜାତୀୟ ମହିଳା ଦିବସ

### ନିଖିଳ ଉତ୍କଳ ଖଡୁରା ସମାଜ

**ଭବାନୀପାଟଣା, ୯ ।୩(ସମିସ):**ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ଇରିଗେସନ କଲୋନୀରେ ଅନ୍ତର୍ଜାତୀୟ ମହିଳା ଦିବସ ଆଇନଜୀବୀ ତଥା ସମାଜସେବୀ ସମିତା ନାୟକଙ୍କ ଅଧକ୍ଷତାରେ ପାଳନ କରାଯାଇଛି ।ଏହି ଅବସରରେ ସମାଜର ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।ଖଡୁରା ସମାଜର



ସୁଷମା ନାୟକ, ସଂଯୁକ୍ତା ରାଣୀ ନାୟକ, ସୁନୀତା ସାହୁ, ସଞ୍ଜୁ ନାୟକ, ତିଲୋତ୍ତମା ମହାପାତ୍ର, ଝୁନୁ ନାୟକ, ମଞ୍ଜରୀ ନାୟକ, ଲିଲୀ ନାୟକ, ସ୍ମିତା ନାୟକ, ଜୁବୁଲି ନାୟକ, ତ୍ରିବୁଲି ନାୟକ, ପ୍ରିୟଦର୍ଶିନୀ ନାୟକ, ଦୀପ୍ତି ରାଣୀ ମହାପାତ୍ର, ମିକିନି, ଲିପି, ରଶ୍ମିତା, ମିତାରାଣୀ ନାୟକ, ସୁଷମା ନାୟକ, କୁମାରୀ ନାୟକ ଓ ଝିଲ୍ଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କିସ୍ ଆବାସିକ ବିଦ୍ୟାଳୟ



**ଭବାନୀପାଟଣା:** ସ୍ଥାନୀୟ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ, ସମ୍ମାନିତ ଅତିଥି ଭାବେ ଡଃ. ପଲ୍ଲୀଶ୍ରୀ ପଟ୍ଟନାୟକ ଓଡ଼ିଆ ବିଭାଗର ମୁଖ୍ୟ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପସ୍ଥିତ ଥିଲେ। କିସ୍ ବିଦ୍ୟାଳୟର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପ୍ରଧାନ, କିସ୍ ପ୍ରଶାସନିକ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ସୁନୀତା ପଣ୍ଡା ଏବଂ କିସ୍ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କିସ୍‌ର ତୃତୀୟ ଶ୍ରେଣୀର ଛାତ୍ରୀ ବିନୋଦିନୀ ମାଝୀ, ଲିପ୍ସା ମାଝୀ ଓ ଅର୍ପିତା ମାଝୀ ମହିଳା ଦିବସ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ସମାଜରେ ଜଣେ ନାରୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେହି ବିଷୟରେ ପିଲାମାନଙ୍କୁ କହିଥିଲେ। ଶେଷରେ କିସ୍‌ର ଶିକ୍ଷୟିତ୍ରୀ ଅଭିପ୍ସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ସଂସ୍କୃତି ପରିଷଦ

**ନୂଆପଡ଼ା:** ନୂଆପଡ଼ା ଜିଲ୍ଲାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବିତା ପାଠୋତ୍ସବ ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ହୋଇଯାଇଛି ।ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ



ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରୁ ଆସିଥିବା କବୟିତ୍ରୀମାନେ ମହିଳା ସଶକ୍ତିକରଣ, ସମାଜରେ ନାରୀଙ୍କ ଭୂମିକା ଓ ସମକାଳୀନ ସାମାଜିକ ପରିପ୍ରେକ୍ଷୀକୁ ଆଧାର କରି ନିଜର କବିତା ପାଠ କରିଥିଲେ। ଏହି ବହୁଭାଷୀ କବିତା ପାଠ ମାଧ୍ୟମରେ ନାରୀଙ୍କ ସମ୍ମାନ, ସମାନତା ଓ ସଶକ୍ତିକରଣର ସନ୍ଦେଶ ପ୍ରସାର ହୋଇଥିଲା। ସର୍ବ କନିଷ୍ଠ କୁନି କବିଙ୍କ ବୟସ ୮ ବର୍ଷ ଥିଲା ବେଳେ ବରିଷ୍ଠ କବିଙ୍କ ବୟସ ୮୩ ବର୍ଷ ଥିଲା। ସଭାରେ ଜିଲ୍ଲାପାଳ ମହିଳାଙ୍କ ସମ୍ମାନ ଓ ସମାନ ଅଧିକାର ସୁନିଶ୍ଚିତ କରିବା ପାଇଁ ସମାଜର ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରିଥିଲେ ।କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ କବି ତଥା ଶିକ୍ଷକ ଭବତୋଷ ଦାଶ, କବିୟିତ୍ରୀ ଶୁଭଶ୍ରୀ ଜେନା ଓ ପ୍ରତିମା ରାଜ ସଂଯୋଜନା କରିଥିଲେ। ଶେଷରେ ସ୍ୱଚ୍ଛତା ସଂଯୋଜକ ଅନିଲ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

### ସହାଭାଗୀ ବିକାଶ ଅଭିଯାନ ଅନୁଷ୍ଠାନ

**କୋମନା:** ସହାଭାଗୀ ବିକାଶ ଅଭିଯାନ ବିଲେଞ୍ଜୋର ସଭାଗୃହରେ ନୂଆପଡ଼ା ନାବାର୍ଡ ସହାୟତାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୂଆପଡ଼ା ଡିଡିଏମ ନାବାର୍ଡ ସୁନାରାମ ମାଝୀ ଓ ସମ୍ମାନିତ ଅତିଥି ଭାବରେ କୋନାବିରା ପଞ୍ଚାୟତ ସରପଞ୍ଚ ମିଥିଲା ନାଏକ ଯୋଗଦାନ କରି ମହିଳା ଦିବସର ଉଦ୍ଦେଶ୍ୟ ଓ ମହିଳାଙ୍କ ଭୂମିକା ଉପରେ ବୁଝେଇଥିଲେ। ଅନୁଷ୍ଠାନ ସଂଯୋଜକ ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁବେର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଚନୀୟ ସିଂଘାରି ଘାଟି ରାସ୍ତା

**କଳମପୁର, ୯ ।୩(ସମିସ)**

ସରକାର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଯୋଜନା ଗୁଡିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଶାସନକଳ ନିୟୋଜିତ ହୋଇଛନ୍ତି। ଶାସକ ଦଳ ମଧ କହୁଛି ଏହା ଲୋକଙ୍କ ସରକାର, ହେଲେ କାର୍ଯ୍ୟକାରିତା ବିପରିତମୁଖି ହୋଇ ଚାଲିଛି। ଏସବୁ ଦେଖିବାକୁ କାହାରି ବେଳ ନାହିଁ, ପିଡ୍ଲ୍ୟୁଡି, ଆର୍‌ଡି ଓ ଇନ୍ଦ୍ରାବତୀ ବିଭାଗ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ସଦ୍ୟ ଉଦାହରଣ ପାଲଟିଛି। ପିଡ୍ଲ୍ୟୁଡି ବିଭାଗର ଅଧିନରେ ଆସୁଛି ଜୁନାଗଡ଼ ଠାରୁ କଳମପୁର ଭାୟା ଥୁଆମୂଳରାମପୁର ରାସ୍ତା। ଏହି ରାସ୍ତା ଭିତରେ ରହିଛି ସିଂଘାରି ଘାଟି ରାସ୍ତା। ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି, ଦୀର୍ଘ ଦିନ ହେଲା ଲୋକେ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି, କିନ୍ତୁ ବିଭାଗ କିଛି କର୍ଣ୍ଣପାତ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଦୈନିକ ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟିବାରେ ଲାଗିଛି, ଗତ ଅକ୍ଟୋବର ମାସ ପୂର୍ବରୁ ରାସ୍ତା ନିର୍ମାଣ ଶେଷ ପାଇଁ ପ୍ରସ୍ତାବ ରହିଥିଲା, ତାହା ଏବେ ନାଲି ଫିତା ତଳେ ଚାପି ହୋଇ ରହି ଯାଇଛି । ଲୋକଙ୍କ ଦାବି ଅନୁଯାୟୀ ଏହି ରାସ୍ତା ନିର୍ମାଣ ଅତ୍ୟନ୍ତ ଆବଶ୍ୟକ ଥିବା ବେଳେ ବିଭାଗ କିନ୍ତୁ ଘର୍ଲା ଯୋର ପୋଲ ନିର୍ମାଣ ଆରମ୍ଭ କରି ଦେଇଛି। ସେହି ଘର୍ଲା ଯୋର ପୋଲ ଠାରୁ କୁଲେଇ ଯୋର ପୋଲ ଅଧିକ ବିପଦପୂର୍ଣ୍ଣ ଥିବା ବେଳେ ବିଭାଗ ତାହାକୁ ଅଣଦେଖା କରିଛି । ଅନ୍ୟପକ୍ଷରେ କଳମପୁର



କଲେଜ ଛାତ୍ରଛାତ୍ରୀ ମାନେ କଲେଜ ରାସ୍ତା ସଂକୀର୍ଣ୍ଣ ସହ ମୁକ୍ତାକାଶ ଶୌଚାଳୟ ତଥା ଅନାବନା ଘାସ ଯୋଗୁଁ ଯିବା ଆସିବାରେ ଅସୁବିଧା ହେଉଥିବା ନେଇ ଅଭିଯୋଗ କରି ଆସୁଛନ୍ତି। ବ୍ଲକ ଅଫିସ ଘେରାଉ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଆସୁଛନ୍ତି। ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଛି ହେଲେ ଅଦ୍ୟାବଧି କାମ ଆରମ୍ଭ କରାଯାଇନାହିଁ। ଏହି ରାସ୍ତା ଆରଡି ବିଭାଗ ଅଧିନରେ ଆସୁଥିବା ବେଳେ କଳମପୁର ଠାରୁ ବିରିପୁର ଭାୟା ବର୍ଚ୍ଛି ଛକ ପର୍ଯ୍ୟନ୍ତ ଲମ୍ବିଛି, ଦୀର୍ଘ ଦିନ ହେଲା କଲେଜ ଛାତ୍ରଛାତ୍ରୀ ରାସ୍ତା ପାଇଁ ବାରମ୍ବାର ଦାବି କରି ଆସୁଥିବା ବେଳେ ତାହା ନ କରି ବିଭାଗ ବିରିପୁର ପୋଲ ନିକଟରେ ଦବି ଯାଇଥିବା ରାସ୍ତା ନିର୍ମାଣରେ ବ୍ୟସ୍ତ ଅଛି। ଇନ୍ଦ୍ରାବତୀ ବିଭାଗରେ ମଧ ଅନୁରୂପ ଘଟଣା ଦେଖିବାକୁ ମିଳିଛି, କଳମପୁର ବ୍ଲକ ଦେପୁର ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ୪୧କିଲୋମିଟର ଡାହାଣ କେନାଲ ଉପରେ ଶତାଧିକ କୋଟି ଟଙ୍କାର ରାସ୍ତା ନିର୍ମାଣ ହୋଇଛି। ହେଲେ ଏହି ରାସ୍ତା କାମ ଦୀର୍ଘ ଦିନ ହେଲା ସମ୍ପୂର୍ଣ୍ଣ ହୋଇ ପାରିନାହିଁ, ବିଭିନ୍ନ ସ୍ଥାନରେ କାମ ଛାଡି ଦିଆଯାଇଛି। ଏଥିରେ ସମ୍ପୂର୍ଣ୍ଣ ବିଲ ହୋଇଛି ନା ଅଧପନ୍ତରିଆ ବିଲ ହୋଇଛି କାହାକୁ ଜଣାନାହିଁ, ଏହାରି ଭିତରେ ରହିଛି ପାତ୍ରବସା ନିକଟସ୍ଥ ଘାଟି ରାସ୍ତା, ଏଠାରେ ପ୍ରାୟ ଏକ କିଲୋମିଟର ରାସ୍ତା ନିର୍ମାଣ ଆଦ୍ୟାବଧି କରାଯାଇ ନାହିଁ, ଫଳରେ ଗମନାଗମନରେ ଘୋର ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏନେଇ ଲୋକେ ରାସ୍ତା ସମ୍ପୂର୍ଣ୍ଣ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି, ହେଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି । କିନ୍ତୁ

### ବିଭାଗୀୟ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ

### ଲୋକଙ୍କ ହିତ ପାଇଁ ଚୁପ୍, ଠିକାଦାରଙ୍କ ପାଇଁ ତତ୍ପର


ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଇ ଶାଖ କେନାଲ ଉପରେ ରାସ୍ତା ନିର୍ମାଣ ଲାଗି ଅଗ୍ରାଧିକାର ଦେଇ କାମ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ତିନି ବିଭାଗ ଅଞ୍ଚଳରେ ଯେତେ ସବୁ କାମ କରୁଛନ୍ତି, କୌଣସି ସ୍ଥାନରେ ମଧ ସୂଚନା ଫଳକ ବ୍ୟବହାର କରୁ ନାହାନ୍ତି। ଫଳରେ ଜନସାଧାରଣରେ ସଠିକ ତଥ୍ୟ ଲୋକଲୋଚନକୁ ଆସି ପାରୁନାହିଁ ବୋଲି ଅଞ୍ଚଳବାସୀ କ୍ଷୋଭକ୍ତି ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନେ ଫୋନ ଉଠାଉ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ଜନସାଧାରଣରେ ଏସବୁର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରୁଛନ୍ତି।

## ଖରିଆରରୋଡ୍‌ର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ନୂଆପଡ଼ା, ୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜିଲ୍ଲାର ପ୍ରମୁଖ ବ୍ୟବସାୟୀକ ସହର



ଖରିଆରରୋଡ଼ର ବିକାଶ ପାଇଁ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଖରିଆରରୋଡ୍ ସହରର ଦିନକୁ ଦିନ ଜନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସମସ୍ୟା ମଧ ବଢ଼ି ଚାଲିଛି। ବେଳହୁଁ ସମାଧାନ କରିବାକୁ ଅଧକ୍ଷା ଜୈନ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେପି ବରିଷ୍ଠ ନେତା ଗୋଲ୍ଡି ଅଗ୍ରୱାଲ ମଧ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସମସ୍ୟା ଗୁଡିକ ଶୁଣିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବଲାଙ୍ଗିର, ୯ ।୩(ସମିସ): ସେଞ୍ଚୁରିଅନ ପବ୍ଲିକ ସ୍କୁଲ ପରିସରରେ ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଫନ ଫିଏଷ୍ଟା' ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସଇଁତଳା ବ୍ଲକ୍ ଶିକ୍ଷା ଅଧିକାରୀ ଦିଲ୍ଲୀପ ଯୋଶୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହୋଇଥିଲା । ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶକ ଅରୁଣ ମିଶ୍ର, ସହ ନିର୍ଦ୍ଦେଶିକା ନୀଳିମା ପ୍ରିୟଦର୍ଶିନୀ ଷଡଙ୍ଗୀ, ଅଧକ୍ଷା ସଞ୍ଜନା ବାଲି ଉପସ୍ଥିତ ଥିଲେ। ଶିବାଂଶୀ ଲୁହା ମିସ୍ ଡିପିଏସ ଓ ଛାତ୍ର ଶ୍ରେୟାଂଶ ପଟେଲ ମାଷ୍ଟର ଡିପିଏସ୍ ଭାବେ ପୁରସ୍କୃତ ହୋଇଥିଲେ।

## ବାଲୁକା କଳାକୃତି ପ୍ରଦର୍ଶନ କରି ପ୍ରଶଂସିତ

ବଲାଙ୍ଗିର, ୯।୩(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହାର ବାପୁନ ମେହେର ପୁରୀ ବେଳାଭୂମିରେ ପରିବେଶ ସୁରକ୍ଷା ସଂପର୍କିତ ବାଲୁକା କଳା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଲୋଇସିଂହାର ଲକ୍ଷ୍ମୀକାନ୍ତ ମେହେର ଓ ବିନୋଦିନୀ ମେହେରଙ୍କ ସାନପୁଅ ବାପୁନ ଏବେ ଭୁବନେଶ୍ୱର କଳିଙ୍ଗ କଲେଜ ଅଫ କମର୍ସରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ର। ପଢା ସହ ତାଙ୍କର ବାଲୁକା କଳା ପ୍ରତି ରୁଚି ରହଛି । ବଲାଙ୍ଗିରରେ ଏହି କଳା ବିଷୟରେ ତାଲିମ ନେବାର ସେହିଭଳି କିଛି ବ୍ୟବସ୍ଥା ନାହିଁ। ନିଜ ଇଚ୍ଛା ଓ ଏକାଗ୍ରତା ବଳରେ ସେ ବିଭିନ୍ନ ବାଲୁକା ଶିଳ୍ପୀଙ୍କ କଳାକୃତିକୁ ଦେଖି ଶିଖିଥିବା କହିଛନ୍ତି।



## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

# ମହିଳାଙ୍କ ବିନା ସମାଜର ସ୍ଥିତି ନାହିଁ





### ● ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ

ବଲାଙ୍ଗିର, ୯ ।୩(ସମିସ)

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପରିସରରେ ବିଶ୍ୱ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହିଳାଙ୍କ ବିନା ସମାଜର ସ୍ଥିତି ନାହିଁ। ମହିଳାଙ୍କ ସୁରକ୍ଷା, ସମ୍ମାନ ପାଇଁ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଛି। ସମ୍ପାଦକ କମ୍ରେଡ ମଧୁ ସାହୁଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ଜଗତଜନନୀ ମାଁ ଦୁର୍ଗାଙ୍କ ପୂଜା ପରେ ସଂଗଠନର ସହକାରୀ କୋଷାଧକ୍ଷ ମୀନାକ୍ଷୀ ସାଗର ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କସ୍ତୁରୀ ରଥ, ଇଷ୍ଟକୋଷ୍ଟ ରେଲୱେ ମହିଳା ସଂଗଠନ ବଲାଙ୍ଗିର ଶାଖା ସଂପାଦିକା ଗୀତା ସିଂ ଓ ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିର ପରି.ଳନା କମିଟି ସଂପାଦିକା ଜୟନ୍ତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବଭାରତୀୟ ମେଡିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ସୁଶ୍ରୀ ସୋନାଲି ସିଂ, ଯୁକ୍ତ ଦୁଇ ପରୀକ୍ଷାରେ ୮୯ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିବା ସୁଶ୍ରୀ ଅଭିପ୍ସା ପ୍ରିୟଦର୍ଶିନୀ ରଣା, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡିଶୀ ନୃତ୍ୟରେ ଖ୍ୟାତିଲାଭ କରିଥିବା ସୁଶ୍ରୀ ପ୍ରିୟାଂଶା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଗଠନ ପଦାଧିକାରୀ କମ୍ରେଡ ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ। ସହ-ସଂପାଦକ ଉଜ୍ଜଳ ସାହୁ, ସଭ୍ୟ ସରୋଜ ରଣା, ଲୀଳାମୟ ସାହୁ, ଦିବାକର ସାହୁ, ଗୀତାଞ୍ଜଳି ଛତ୍ରିଆ, ରୀନୁ ଦେବତା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂଗଠାନିକ ସଂପାଦକ ଉତ୍କଳ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ● ବଲାଙ୍ଗିର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ମହିଳା ସମିତି

ବଲାଙ୍ଗିର ମାଲପଡା ରାମାସ୍ୱାମୀ ମନ୍ଦିରରେ



ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଶାଖା ମହିଳା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥିଲା। ଏଥିରେ ଗ୍ରାହକ ପଞ୍ଚାୟତ ଓଡିଶା ପଶ୍ଚିମ ପ୍ରାନ୍ତ ସଭାପତି କିଶୋର ମୋହନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜିତା ମିଶ୍ର, ବୀଣାପାଣି ଆଚାର୍ଯ୍ୟ, ରାଜଶ୍ରୀ ତ୍ରିପାଠୀ, ସଂଯୁକ୍ତା ମିଶ୍ର, ଅଞ୍ଜଳି ବେହେରା, ମୃଣ୍ମୟୀ ମିଶ୍ର, କୁସୁମ ସତପଥୀ ପ୍ରମୁଖ ନିଜ ମାତ ରଖିଥିଲେ। ଅନ୍ୟମାନଙ୍କ ଭିତରେ ଗୀତାଞ୍ଜଳି ଗୁରୁ, ଶୀଲା ରଥ, ପ୍ରଭାସିନୀ ପଣ୍ଡା, ରଞ୍ଜୁ ଶତପଥୀ, ଅନ୍ନପୂର୍ଣ୍ଣା ପଣ୍ଡା, ପଙ୍କଜିନୀ ଥନାପତି, ଶ୍ୱେତା ମଞ୍ଜରି ଥନାପତି, ତିଳୋତ୍ତମା ଥନାପତି, ଯୋଗୀତା ହାତୀ ପ୍ରମୁଖ ଯୋଗ ଦେଇଥିଲେ। ନିହାରିକା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ● ସହଯୋଗ ଫାଉଣ୍ଡେସନ

ବଲାଙ୍ଗିର ଜିଲ୍ଲା ଡାକ୍ତରଖାନା ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସହଯୋଗ ଫାଉଣ୍ଡେସନ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଓ ଲାୟନ୍ସ କ୍ଲବ ବଲାଙ୍ଗିରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଅତିଥି ଭାବେ ପୌରଧକ୍ଷା ଲିକା ସାହୁ, ସ୍ଥାନୀୟ ସାଇବର ଥାନା ଅଧିକାରୀ ଭାରତୀ ନାୟକ, ବିନ୍ଦୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଞ୍ଚ ଶହରୁ ଅଧିକ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଥିଲା। ସେହିପରି ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୫୧ ଜଣ ରକ୍ତଦାନ କରିଥିଲେ। ଫାଉଣ୍ଡେସନ ପକ୍ଷରୁ ୧୧୦୦ ଜଣଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା।

### ● ବଲାଙ୍ଗିର ଜିଲ୍ଲା ଆଇନସେବା ପ୍ରାଧିକରଣ

ବଲାଙ୍ଗିର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସର ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ନ୍ୟାୟାଧୀଶ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ (ଭାରପ୍ରାପ୍ତ) ମଳୟ କୁମାର ଦାଶଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନଙ୍କ ମୌଳିକ ଅଧିକାର ଏବଂ ସେମାନଙ୍କ ଶିକ୍ଷା, ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଆଭାସି ମାଧ୍ୟମରେ ବିକ୍ରମ କେଶରୀ ପଟ୍ଟନାୟକ (ଫେମିଲି କୋର୍ଟ ଜଜ୍), ବୈଶାଳୀ ନାୟକ (ସିଭିଲ ଜଜ୍ ବରିଷ୍ଠ ), ଅର୍ଣ୍ଣପୂର୍ଣ୍ଣା ଷଡ଼ଙ୍ଗୀ (ଅତିରିକ୍ତ ସିଭିଲ ଜଜ୍ ବରିଷ୍ଠ), ଦୀପାରାଣି ଜେନା (ଏସଡିଜେଏମ୍), ଶାଶ୍ୱତୀ ମହାପାତ୍ର (ସିଭିଲ ଜଜ୍ କନିଷ୍ଠ), ଅର୍ଘ୍ୟରୁପା ମିଶ୍ର (ଜେଏମ୍ଏଫ୍ସି), ସାଧକ କାରଜି (ଜେଏମ୍ଏଫ୍ସି), ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ● ମୁରିବାହାଲ ଜନମୁକ୍ତି ଅନୁଷ୍ଠାନ

ମୁରିବାହାଲ: ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ହଳଦୀ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଜନମୁକ୍ତି ଅନୁଷ୍ଠାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି। ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଭଗବାନ ମହାନ୍ତି, ଜୟଶ୍ରୀ ବିଶ୍ୱାଳ, ମେନକା ମେହେର, ରଶ୍ମିତା ଦାସ, ସଞ୍ଜୀବ ମହାନ୍ତି, ନୀଳିମା ବାଗ, ନମିତା ବାଗ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଗୋପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରରେଖା ସାହୁ ଓ ସଂଜିତା ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଜୀବ ବାରିକ, ପ୍ରକାଶ ବନ୍ଦୀଛୋର, ଚନ୍ଦନ ମେହେର, ଧର୍ମା ସାହୁ, ଲଳିତ ରଣା, ସୁବର୍ଣ୍ଣ ବାଗ, କିରଣ ଜାଲ, ବିନ୍ଦୁ ବାଗ, ଝତକେତନ ବସ୍ତିଆ, ସୁଶୀଲ ସାହୁ, ଜାନକୀ ଭୋଇ, କୁମୁଦିନୀ ପାତ୍ର, ବୈଷ୍ଣବୀ ମହାକୁର, ବିଦେଶୀ ବୁଡ଼େକ, ମତୀନ୍ଦ୍ର ବାଗ, ଚନ୍ଦ୍ର ଚରଣ ସାହୁ, ପିଙ୍କି ଶିଖା, ସୁଶୀଲ ବାଗ, ଚନ୍ଦ୍ରକାନ୍ତ ହଂସ, ବୈଷ୍ଣବ ଛତର, ବିକ୍ରମ ରଣା ପ୍ରମୁଖ ସହଯୋଗ କରିଥିଲେ।



## ଗୁଡଭେଲାରେ ଅଭିଯୋଗ ଶୁଣାଣି



ବଲାଙ୍ଗିର, ୯ ।୩(ସମିସ): ବଲାଙ୍ଗିର ଜିଲ୍ଲା ଗୁଡଭେଲା ଗୁଡଭେଲା ପଞ୍ଚାୟତ ସମିତି ବୈଠକ ଗୃହରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ଏସ୍‌ପି ଅଭିଳାଷ ଜୀ ଯୋଗଦେଇ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଶୁଣିବା ପରେ ଯଥାଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଥିରେ ମାତ୍ର ୨୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ୧୬ ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ପ୍ରମୁକ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଗୁଡଭେଲାସ୍ଥିତ ଜାତୀୟ ଗ୍ରାମୀଣ ଜୀବିକା ମିଶନର ପଲିହାଉସ ନର୍ସରୀ ପ୍ରକଳ୍ପ, ମାଧେକେଲାର ମା ମଙ୍ଗଳା ଏସଏଚଜି ଦ୍ୱାରା ପରିଚାଳିତ ଟେରାକୋଟା କାର୍ଯ୍ୟ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଜନାର ଦେଉଳଗୁଡିର ଅମୃତସରୋବର ପ୍ରକଳ୍ପ, ଭୂଆଁପଡା, ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଦି ବୁଲି ଦେଖିଥିଲେ।

## କର୍କଟ ରୋଗରେ ଆକ୍ରାନ୍ତ ଶିକ୍ଷକଙ୍କ ପରଲୋକ

ବେଲପଡା, ୯ ।୩(ସମିସ): ବେଲପଡା ବ୍ଲକ୍ ଘାଗୁର୍ଲି ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ବଡ଼ ଭାଇ ପୁରୁଷତ୍ତମ ପଣ୍ଡା ମୁଖାଗ୍ନି ଦେଇଥିଲେ। ଏହି ଘଟଣାରେ ତାଙ୍କ ପତ୍ନୀ ମଣ୍ଡଳ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ତରଙ୍ଗିନୀ ହୋତା ଦୁଇ ପୁଅ ସୁରଜିତ ନାରାୟଣ ପଣ୍ଡା (୧୧) ଏବଂ ଅଭିଜିତ ନାରାୟଣ ପଣ୍ଡା (୬)କୁ ନେଇ ଭାଙ୍ଗି ପଡିଛନ୍ତି।



# ତହଁକ୍ ତିହାର୍ ଉଦ୍‌ଯାପିତ

ବଲାଙ୍ଗିର, ୯ ।୩(ସମିସ): ବଲାଙ୍ଗିର କୋଶଳ କଳା ମଣ୍ଡଳ ପୁରୁଣା ମଞ୍ଚରେ ତହଁକ ତିହାର ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ କୁରୁଲ ଉଚ୍ଚ ବିଦ୍ୟାଳୟରେ କୋସଲି ହକାବାଦି, ଦ୍ୱିତୀୟ ଦିନ ଆଲୋଚନା ଚକ୍ର ଓ ତୃତୀୟ ଦିନରେ ମହା ଆଡମ୍ବରରେ କଳାକାର ଏବଂ କବିଙ୍କ ସମାବେଶ ହୋଇଥିଲା।

ରାଜେଶ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଦେବକୀ ସେଠ, ମୁଖ୍ୟ ବକ୍ତା ଭାବେ ସୁଶୀଲ ଗୁରୁ, ସମ୍ମାନିତ ଅତିଥି ଭାବେ ସୁଷମା ବେହେରା, ଶାଶ୍ୱତ ତ୍ରିପାଠୀ, ସଞ୍ଜୟ ଗଡତିଆ, ହିମାଞ୍ଚଳ ମହେର, ଲକ୍ଷ୍ମୀ ପଧାନ, ଜୟକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ତମାସା ମହାପାତ୍ରଙ୍କ ଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ମୁନିସିପାଲିଟି ଅଧକ୍ଷା ଲୀକା ସାହୁ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରି, ବଲାଙ୍ଗିର ବ୍ଲକ ଅଧକ୍ଷା ସରିତା ବାଗ, ଅଶୋକ ସାହୁ, ମାନସ ନନ୍ଦ, ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ସୁଶାନ୍ତ ବାଗ, ଆଶୁତୋଷ ଠାକୁର, ରୀନା ସାହୁ, ଇଂ ରାଜ କିଶୋର ଷଡଙ୍ଗୀ, ଶତ୍ରୁଘନ ବେହେରା, ବିମଳା ପଧାନ ଓ ଦେବାଳୟ ସୁରକ୍ଷା କମିଟିଙ୍କୁ ସମ୍ମାନିତ କରାଯାଇଥିଲା। ବୌଦ୍ଧ, ସୋନପୁର, ବରଗଡ, ବଲାଙ୍ଗିରର ଶତାଧିକ କବି ଓ କଳାକାର ଏହି ଉତ୍ସବରେ ଯୋଗଦେଇଥିଲେ। ଅର୍ଜୁନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ଶ୍ରିୟାକାନ୍ତ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଦିଲ୍ଲୀପ ମିଶ୍ରଙ୍କ ଅଧକ୍ଷତାରେ ସସ୍ମିତା ମେହେର, ପ୍ରଭାସିନୀ ଭୋଇ, ସୁଦେଷ୍ଣା ମିଶ୍ର, ମାନସୀ ସାହୁ, ନିକିତା ସା, ଜ୍ୟୋତିରାଣୀ ମିଶ୍ର, ପୁଷ୍ପାଞ୍ଜଳି ମେହେର କବିତା ସଂଯୋଜନା କରିଥିଲେ। ମିଳନ ପଣ୍ଡା, ଦିଗାମ୍ବର ନାଏକ, ଜଗବନ୍ଧୁ ପଟେଲ, ଭରତ ମେହେର, ରଘୁନାଥ ନନ୍ଦ, ସାଲିନୀ ସା, ଦେବବ୍ରତ ମିଶ୍ର, ଗୋପିନାଥ ଦଣ୍ଡସେନା, ଗୋପାଳ ମେହେର, ରାଜୀବ ଭୋଇ, ଗରିବ ମଲ୍ଲିକ, ଗିରୀଶ ପାତ୍ର, ରାଜେଶ ଶର୍ମା, ଅଖୋଜ ଷାଣ୍ଢ ପ୍ରମୁଖ ସହଯୋଗ କରିଥିଲେ।



## ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ବୈଠକ




ବଲାଙ୍ଗିର, ୯ ।୩(ସମିସ): ବଲାଙ୍ଗିର ସାମ୍ବାଦିକ ଭବନଠାରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ବଲାଙ୍ଗିର ଶାଖାର ୧୩ତମ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଡାକ ଅଧିକ୍ଷକ ମଣ୍ଡଳ ସଞ୍ଜୟ ବିଶ୍ୱାଳ, ସମ୍ମାନୀୟ ଅତିଥି ଭାବେ ଦାମୋଦର ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡାକ ଅଧିକ୍ଷକ ବାନାମ୍ବର ସେଠୀ ଏବଂ ସର୍କଲ ସଭାପତି କୃଷ୍ଣଚନ୍ଦ୍ର ପଧାନ ଯୋଗ ଦେଇଥିଲେ। ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମ୍ପାଦକ ଦଶରଥ ଦାସ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅଶୋକ ପାଣିଗ୍ରାହୀ, ମଧୁସୂଦନ ତ୍ରିପାଠୀ, ଖିରୋଦ୍ର ଗଡତ୍ୟା, ନିରାକାର ପଣ୍ଡା, ବିଶ୍ୱାମିତ୍ର ସାହୁ, ନୀଳାମ୍ବର ପାଣିଗ୍ରାହୀ, ସଞ୍ଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ● ଭୂଷଲାଡ ପଞ୍ଚାୟତରେ ମନରେଗା ଦୁର୍ନୀତି

## ପୁରୁଣା କାମକୁ ନୂଆ ଦର୍ଶାଇ ଟଙ୍କା ହଡ଼ପ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୯ ।୩(ସମିସ): ବଲାଙ୍ଗିର ଜିଲ୍ଲାର ବହୁ ଚର୍ଚ୍ଚିତ ବଙ୍ଗୋମୁଣ୍ଡା ବ୍ଲକର ଭୂଷଲାଡ ପଞ୍ଚାୟତରେ ଗୋଟିଏ ପରେ ଗୋଟିଏ ପୋଖରୀରେ ଅନିୟମିତତା ହୋଇଥିବା ସାମ୍ନାକୁ ଆସୁଛି। ପୁରୁଣା କାମକୁ ନୂଆ ଦର୍ଶାଇ ନିମ୍ନମାନର କାମ କରି ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହିଭଳି ଭାବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ଏକାଧିକ ମନରେଗା ପ୍ରକଳ୍ପରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି।



ଭୂଷଲାଡ ଗାଁରେ ଥିବା ମହାବନ୍ଧ ଉନ୍ନତି ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରି କାମ କରାଯାଇଛି; କିନ୍ତୁ ଏହି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ମନରେଗା କାମରେ ୬୦ ପ୍ରତିଶତ ଟଙ୍କା ମାଟି ଉନ୍ନତି ପାଇଁ ଖର୍ଚ୍ଚ ହେଉଥିବା ବେଳେ ୪୦ ପ୍ରତିଶତ ଟଙ୍କା ମ୍ୟାଟ୍ରିଆଲ କାମ ପାଇଁ ଖର୍ଚ୍ଚ ହୋଇଥାଏ; କିନ୍ତୁ ଏଠାରେ ମ୍ୟାଟ୍ରିଆଲ କାମରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ପୂର୍ବରୁ ନିର୍ମାଣ ହୋଇଥିବା ଗାର୍ଡୱାଲ ଉପରେ ସିମେଣ୍ଟ ଓ ବାଲି ଦେଇ ପ୍ଲାଷ୍ଟର କରି ନୂଆ ଭାବେ ନିର୍ମାଣ କରିଥିବା ନେଇ ଦର୍ଶାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଛି ବୋଲି ଅଭିଯୋଗ ହେଉଛି। ତେବେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଏହିଭଳି ଦୁର୍ନୀତି କରିବାକୁ କିଭଳି ପ୍ରୋତ୍ସାହନ ଦେଲେ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ବାରମ୍ବାର ଏହି ପୋଖରୀ ଉନ୍ନତି ନାଁରେ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଜଣକ ନିଜକୁ ମନରେଗା ଯୋଜନାର ସର୍ବେ ସର୍ବା ଭାବି ନିଜ ଘରେ ମନରେଗା ଯୋଜନାର ପ୍ରତୋକ ଫାଇଲକୁ ନେଇ ମନମାନି କରି ଦୁର୍ନୀତି କରୁଥିବା ଚର୍ଚ୍ଚା ହେଉଛି। ୫ ବର୍ଷ ଏହି ପୋଖରୀରେ ମନରେଗା ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ସେହି ଅନୁସାରେ କାମ ହୋଇଛି ନା ନାହିଁ ତାହାର ଭିଜିଲାନ୍ସ ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି।

## ମହିଳାଙ୍କୁ ସ୍ୱାବଲମ୍ବୀ ରାସ୍ତା ଦେଖାଇଲା ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ

ବଲାଙ୍ଗିର, ୯ ।୩(ସମିସ): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ସ୍ଥାନୀୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଃଶୁଳ୍କ ବ୍ୟୁଟିସିଆନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି। ରୂପା ବ୍ୟୁଟିପାର୍ଲରରେ ଆୟୋଜିତ କାର୍ଯ୍ୟକ୍ରମ ମହିଳା ଶାଖାର ସଭାପତି ଶତାବ୍ଦୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ଅନୁଷ୍ଠାନ ଉପଦେଷ୍ଟା ଲୋଟସ ଷଡ଼ଙ୍ଗୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ୱେତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗ୍ରହୀ ମହିଳାଙ୍କୁ ନୁଃଶୁଳ୍କ ସୌନ୍ଦର୍ଯ୍ୟ ପ୍ରଶାଧନ ଏବଂ



ବୃତ୍ତିଗତ ବ୍ୟୁଟିସିଆନ କୋର୍ସ କରିବାକୁ ସୁଯୋଗ ଦିଆଯିବ। ସମାଜର ଆର୍ଥିକ ଅନଗ୍ରସର ଶ୍ରେଣୀର ମହିଳା ଓ ଯୁବତୀମାନେ ଯେପରି ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବେ ଏବଂ ଏହାକୁଏକଜୀବିକାଭାବରେଗ୍ରହଣକରିପାରିବେଏହାଏହିକାର୍ଯ୍ୟକ୍ରମରମୂଳଲକ୍ଷ୍ୟ।ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ର, ସୁନିତା ବେହରା, ଶିବାନୀ ଜାଲ, ଶିବାନୀ ମହାପାତ୍ର, ସୁଦୀପ୍ତା ନନ୍ଦ, ପ୍ରଜ୍ଞା ମହାପାତ୍ର, ନିବେଦିତା ବିଶ୍ୱାସ, ରୋଲି ସାହୁ, ପ୍ରଣତି ସାହା, ପଦ୍ମା ମାଇତି, କନ୍ଦର୍ପ ରଣା, ରଂଜିତ ପଧାନ, ଖଗେଶ୍ୱର ପଧାନ, ମାନସ ପଟେଲ, ସୁବ୍ରତ ଖଣ୍ଡୁଆଳ, ବୁଲୁ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶାଖାର ଉପସଭାପତି ପ୍ରିୟା ମିଶ୍ର ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଓଡ଼ିଆ ଭାଷାର ପ୍ରତିଟି ଶବ୍ଦରେ ଅକ୍ଷରଗୁଡ଼ିକ ସ୍ପଷ୍ଟ ଧ୍ୱନି ଧାରଣ କରିଥା'ନ୍ତି । ଶବ୍ଦର ଭାବ ସହିତ ପଦଲାଳିତ୍ୟ, ସୁମଧୁର ଛନ୍ଦ ଓ ସାଂଗୀତିକତାର ସମାବେଶ ଏହି ଭାଷାକୁ ଗ୍ରାହ୍ୟ ତଥା ସୁଗମ କରିଥାଏ ।
-ଜି ଏ ଗ୍ରିୟରସନ୍

## ଇତିହାସ ରଚିଲା ଭାରତ

ଭାରତର ଟି-୨୦ ବିଶ୍ୱକପ୍ ବିଜୟ କ୍ରିକେଟ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି । ଏ ପର୍ଯ୍ୟନ୍ତ କୌଣସି ଦଳ କ୍ରମାଗତ ଦୁଇଥର ଏହି ଟ୍ରଫି ହାସଲ କରିନଥିବାବେଳେ ଭାରତ ୨୦୨୪ ଓ ୨୦୨୬ ବିଶ୍ୱକପ୍ ହାସଲ କରିଛି । ସେହିଭଳି ଭାରତ ତୃତୀୟ ଥର ଟି-୨୦ ବିଶ୍ୱକପ୍ ହାସଲ କରିବା ମଧ୍ୟ ଅନ୍ୟତମ ରେକର୍ଡ । ଏପରିକି ଏ ବିଶ୍ୱକପ୍ ଆୟୋଜକ ଦେଶର ଜାତୀୟ ଦଳ ଚମ୍ପିଅନ୍ ହେବାରେ ପ୍ରାୟତଃ ପରିଲକ୍ଷିତ ହୋଇନଥାଏ । ତେବେ କ୍ରିକେଟ ଇତିହାସ ପୃଷ୍ଠାର ଏହି ସମସ୍ତ ରେକର୍ଡକୁ ଅତିକ୍ରମ କରି ଭାରତ ବିଶ୍ୱକପ୍ ଟି-୨୦ ଟ୍ରଫି ହାସଲ କରିବା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଏକଥା ସତ ଯେ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଭାରତୀୟ ଦଳର ଦକ୍ଷତା ଓ ସାମର୍ଥ୍ୟ ନେଇ ସମସ୍ତେ ଆଶାବାଦୀ ଥିଲେ । ହେଲେ ଟି-୨୦ କ୍ରିକେଟର ସଂକ୍ଷିପ୍ତ ଅବଧିକୁ ନେଇ କିଛି ସମ୍ଭାବନାର ଗଣିତ କଷିବା ଏତେ ସହଜ ନୁହେଁ । ଆଜିର କୃତିତ୍ୱ କାଲିର ମ୍ୟାଚରେ ଯେ ଉପଲବ୍ଧି ହେବ ତାହାର କିଛି ନିର୍ଦ୍ଦିଷ୍ଟତା ନଥାଏ ଏହି ଖେଳରେ । ତେବେ ଏକଥା ସ୍ୱୀକାର କରିବାକୁ ହେବ ଯେ ଭାରତୀୟ ଦଳର କିଛି ସୁଦକ୍ଷ କ୍ରିକେଟରଙ୍କ କ୍ରମାଗତ ଭଲ ପ୍ରଦର୍ଶନ ଯୋଗୁଁ ଏହି ବିଜୟ ସମ୍ଭବ ହୋଇଛି ।

ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିକଟରୁ ଶୋଚନୀୟ ପରାଜିତ ହେବା ପରେ ଦଳକୁ ସୁଧାରିଛି ଓ ପରିସ୍ଥିତିର ମୁକାବିଲା ସକାଶେ ନୂଆ ରଣନୀତିକୁ ଆପଣାଇଛି । ସଞ୍ଜୁ ସାମ୍‌ସନ୍‌ଙ୍କୁ ପୁଣି ଥରେ ବ୍ୟାଟିଂ ଓପନ୍ କରିବାକୁ ସୁଯୋଗ ଦିଆଯାଇଛି । ବାମହାତୀ ବ୍ୟାଟ୍‌ସମ୍ୟାନଙ୍କୁ ଆଉଟ୍ କରିବା ସକାଶେ ଅଫ୍‌ସ୍ପିନର ସଫଳ ପ୍ରୟୋଗ କରି ପ୍ରତିପକ୍ଷ ଦଳ ଯେଉଁ ଫାଇନାଲର ସ୍ୱପ୍ନ ଦେଖୁଥିଲେ ତାହାକୁ ସଞ୍ଜୁ ସାମ୍‌ସନ୍ ମାଧ୍ୟମରେ ପ୍ରତିହତ କରାଯାଇପାରିଲା । ସୌଭାଗ୍ୟକୁ ସେ ମଧ୍ୟ ନିଜ ବ୍ୟାଟିଂ ଲୟ ଫେରିପାଇ କ୍ରମାଗତ ବଡ଼ ସ୍କୋର କରିବାକୁ ସମର୍ଥ ହୋଇଥିଲେ । କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲରେ ସେ ସର୍ବାଧିକ ରନ କରି ଦଳର ବିଜୟକୁ ଅପେକ୍ଷାକୃତ ସହଜ କରିଥିଲେ । ଏପରିକି ଟୁର୍ଣ୍ଣାମେଣ୍ଟରେ ସଞ୍ଜୁ ସର୍ବାଧିକ ୩୨୦ ରନ୍ କରି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଛନ୍ତି ।

ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ବିରୋଧରେ ବିପୁଳ ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଥିବା ନ୍ୟୁଜିଲାଣ୍ଡର କ୍ରିକେଟ୍ ରେକର୍ଡ ଉପରେ ଆଖି ପକାଇଲେ ଭାରତ ମଧ୍ୟ ଆତଙ୍କିତ ଅବସ୍ଥାରେ ପଡ଼ିଆକୁ ଓହ୍ଲାଇଥିଲା । ଟି-୨୦ ବିଶ୍ୱକପ୍‌ରେ ଦୁଇ ଦଳ ପରସ୍ପରକୁ ୩ ଥର ଭେଟିଥିଲେ ମଧ୍ୟ କୌଣସି ଗୋଟିଏ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇନଥିଲା । ଆଇସିସି ପ୍ରାୟୋଜିତ ବିଭିନ୍ନ ଫର୍ମାଟରେ ଏଥରକୁ ମିଶାଇ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଚତୁର୍ଥଥର ପାଇଁ ଫାଇନାଲରେ ମୁକାବିଲା କରିଛନ୍ତି । ଚମ୍ପିଅନ୍ସ ଟ୍ରଫିର ଦୁଇଟି ଫାଇନାଲ ମ୍ୟାଚ୍ ମଧ୍ୟରୁ ପ୍ରତ୍ୟେକ ଦଳ ପରସ୍ପରକୁ ପରାଜିତ କରି ଚମ୍ପିଅନ୍ ହୋଇଛନ୍ତି । ତେବେ ଟେଷ୍ଟ ଚମ୍ପିଅନ୍‌ସିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାସ୍ତ ହୋଇଥିଲା । କିନ୍ତୁ ଅହମ୍ମଦାବାଦର ସର୍ବବୃହତ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭାରତ ୯ ୬ ରନ୍‌ରେ ପରାଜିତ କରିବା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ । ଏଠାରେ ଉଲ୍ଲେଖଯୋଗ୍ୟ କି ସେମିଫାଇନାଲରେ ଭରାତ-ଇଂଲଣ୍ଡ ମ୍ୟାଚ୍ ଯେଭଳି ପ୍ରତିଯୋଗିତାପୂର୍ଣ୍ଣ ହୋଇଥିଲା, ତାହା ଫାଇନାଲ ମ୍ୟାଚ୍‌ରେ ପରିଲକ୍ଷିତ ହୋଇନଥିଲା । ଭାରତର ୨୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଯେଉଁ ଲଢ଼େଇ କରିଥିଲା ତାହା ପ୍ରଶଂସନୀୟ । ମାତ୍ର ୭ ରନ୍‌ରେ ପରାଜିତ ହୋଇଥିଲା ଇଂଲଣ୍ଡ । ଅଥଚ ରବିବାରର ଫାଇନାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା ନ୍ୟୁଜିଲାଣ୍ଡକୁ । ଭାରତୀୟ ବୋଲର ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲ ଯଥାକ୍ରମେ ୪ ଓ ୩ ୱିକେଟ ହାସଲ କରି ନ୍ୟୁଜିଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ବୁମରା ୪ ଓଭରରେ ମାତ୍ର ୧୫ ରନ୍ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଭାରତୀୟ ଦଳର ୩ଟି ଅର୍ଦ୍ଧଶତକ ବିପୁଳ ରନ୍ ସଂଗ୍ରହରେ ସହାୟକ ହୋଇଥିଲା । ସେଥିମଧ୍ୟରେ ଥିଲା ସଞ୍ଜୁ ସାମସନ୍‌ଙ୍କ ୮ ୯ ରନ୍ । ବଡ଼ ସ୍କୋରର ପାଶ୍ଚାତ ଧାବନକରି ବିଜୟୀ ହେବା ଏତେ ସହଜ ନୁହେଁ । ନ୍ୟୁଜିଲାଣ୍ଡ ପକ୍ଷରୁ ଟମ୍ ସେଇଫର୍ଟ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଦୁର୍ଦ୍ଦଶ ଫିନ୍ ଆଲେନ୍‌ଙ୍କ ବିଫଳତାକୁ ଅନ୍ୟ ସହଯୋଗୀମାନେ ଭରଣା କରିବାକୁ ସମର୍ଥ ହୋଇନଥିଲେ ।

ଆଇସିସି ଟ୍ରଫି ଆୟୋଜନକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ଓ ଆଇପିଏଲ୍ ପାଇଁ ଖେଳାଳି ଚୟନରୁ ବାଂଲାଦେଶ ବାଦ୍ ପଡ଼ିବା ଘଟଣାରୁ ବିବାଦର ସୂତ୍ରପାତ ହୋଇଥିଲା । ବାଂଲାଦେଶ ଓ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଧମକର ସମାଧାନ ସକାଶେ ଆଇସିସିକୁ କେବଳ ହସ୍ତକ୍ଷେପ କରିବାକୁ ପଡ଼ିଲାନି କିଛି ସର୍ତ୍ତକୁ ମଧ୍ୟ ମାନିନେବାକୁ ପଡ଼ିଲା । ଏସୀୟ ରାଷ୍ଟ୍ରରେ କ୍ରିକେଟ କେଜ୍ ପ୍ରତି ଏହା ଶକ୍ତ ଧକ୍କା ।

ଗତଥର ଅପେକ୍ଷା ଟି-୨୦ ବିଶ୍ୱକପ୍ ବିଜେତାଙ୍କ ପୁରସ୍କାର ରାଶି ୨୦ ପ୍ରତିଶତ ବଢ଼ିଛି । ତାହା ଏବେ ୪୭-୪୮ କୋଟି ଟଙ୍କାରେ ପହଞ୍ଚିଛି । ଉପବିଜେତାଙ୍କଠାରୁ ଅନ୍ୟ ଅଂଶୀଦାର ଦଳ ସକାଶେ ପୁରସ୍କାର ରାଶି ଘୋଷଣା ହୋଇଛି । ଭାରତୀୟ ଉପମହାଦେଶରେ କ୍ରିକେଟ ପ୍ରତି ଯେଭଳି ଅତିଶୟ ଉତ୍ସାହ ରହିଛି, ସେହିଭଳି ଗାଁରୁ ସହର ପର୍ଯ୍ୟନ୍ତ ସବୁଠାରେ ପିଲାଙ୍କୁ ବାୟା କରିଛି କ୍ରିକେଟ୍ । ଗୋଟିଏ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ନ ସରୁଣୁ ଆଇପିଏଲ୍ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କ୍ରିକେଟର ସବୁ ଫର୍ମାଟରେ ଭାରତୀୟ ଦଳର ପ୍ରଶଂସନୀୟ ଅବଦାନ ସତ୍ତ୍ୱେ କେଜାଣି କାହିଁକି ମନ କହେ ଆମ ଯୁବଶକ୍ତି ଅନ୍ୟ ଦିନରେ ମଧ୍ୟ ଅନୁରୂପ ଭାବେ ଆଗୁସାର ହୁଅନ୍ତେ ତ?

## କୃଷି ଅଭିବୃଦ୍ଧିରେ ଓୟୁଏଟିର ଗବେଷଣା

ପ୍ରଫେସର ନିରଞ୍ଜନ ପଣ୍ଡା

କୃଷି ଗବେଷଣା, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ( ଓୟୁଏଟି )ର ଏକ ପ୍ରମୁଖ ଆଭିମୁଖ୍ୟ ହୋଇଥିଲା ବେଳେ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଆନ୍ତଃ ବିଭାଗୀୟ ଗବେଷଣା ବ୍ୟବହାର କରି ଚାଷ କାର୍ଯ୍ୟକୁ ଅଧିକ ଲାଭଜନକ, ଜଳବାୟୁ ସହନଶୀଳ ଓ ଚିର ନମନୀୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଅନେକ ନୂଆ ପଦକ୍ଷେପ ନିଆ ଯାଉଛି । ପରିବର୍ତ୍ତିତ ଜଳବାୟୁ ଓ ଅନିଶ୍ଚିତ କୃଷି ଦୃଷ୍ଟିପଟ ପରିପ୍ରେକ୍ଷୀରେ ଗବେଷଣା ନିର୍ଦ୍ଦେଶାଳୟର ଅବଦାନ ଓ ଏହାର ଗୁରୁତ୍ୱ ମଧ୍ୟ ସ୍ୱତନ୍ତ୍ର ହେବାରେ ଲାଗିଛି । କୃଷି ଗବେଷଣାକୁ ସ୍ଥାନୀୟ ସମସ୍ୟା, ଅଂଚଳ ଓ ଫସଲ ଭିତ୍ତିକ କରିବା ପାଇଁ ୮ ଟି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୪ଟି ଉପ-ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୭ଟି ଦ୍ରବ୍ୟ ଭିତ୍ତିକ ଗବେଷଣା କେନ୍ଦ୍ର ଓ ୫୦ ଗୋଟି ସର୍ବଭାରତୀୟ ସମନ୍ୱିତ ପ୍ରକଳ୍ପ ନିରନ୍ତର ଭାବେ କାର୍ଯ୍ୟରତ ଅଛନ୍ତି ।

ବୈଷୟିକ ଜ୍ଞାନକୌଶଳ ଦ୍ୱାରା କୃଷିରେ ବ୍ୟାପକ କର୍ମନିଯୁକ୍ତି, ଆତ୍ମନିଯୁକ୍ତି ଓ ଗ୍ରାମୀଣ ଜୀବିକାରେ ମାନଦଣ୍ଡ ବୃଦ୍ଧି ନିମନ୍ତେ ସର୍ବଦା ପ୍ରାଥମିକତା ଦିଆଯାଉଛି । ନୂତନ କିସମ ଉଦ୍ଭାବନ ସହ ଫସଲରେ ଖାଦ୍ୟସାର ଓ ରୋଗପୋକ ପରିଚାଳନା, ଫସଲ ପର୍ଯ୍ୟାୟ, ସମନ୍ୱିତ କୃଷି ପଦ୍ଧତି ଓ କୃଷି ବନୀକରଣ, ଜୈବିକ ଓ ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀ, ମୃତ୍ତିକା ଓ ଜଳ ପରିଚାଳନା, କ୍ଷୁଦ୍ର ଜଳସେଚନ, ଶୁଷ୍କାଞ୍ଚଳ କୃଷି, କୃଷି ଯାନ୍ତ୍ରିକରଣ, ଛତୁ ଚାଷ, ମହୁମାଛି ପାଳନ, ପଶୁପକ୍ଷୀ ପାଳନ, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ନୂତନ ଜ୍ଞାନକୌଶଳର ବିକାଶ, ପରୀକ୍ଷଣ ଓ ପ୍ରମାଣୀକରଣରେ ବୈଜ୍ଞାନିକ ଓ ଗବେଷକମାନେ ନିୟୋଜିତ ରହି ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରୁଛନ୍ତି । ପରିବର୍ତ୍ତିତ ସମସ୍ୟା, ସୁଯୋଗ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷିତ କୃଷି, ସଠିକ୍ ଓ ସୁରକ୍ଷିତ କୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ନାନୋଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତା ଓ ଭୌଗୋଳିକ ସୂଚନା ପ୍ରଣାଳୀ ଭିତ୍ତିକ କୃଷି ଉପରେ ଗବେଷଣା ଉଦ୍ୟମ ମଧ୍ୟ ଆରମ୍ଭ ହୋଇଛି ।



ବିଶ୍ୱ ବିଦ୍ୟାଳୟ ତରଫରୁ ଅଦ୍ୟାବଧି ୨୧୭ ଅଧିକ ଅମଳକ୍ଷମ ଫସଲ କିସମ ବିକଶିତ ହୋଇ ରାଜ୍ୟର କୃଷକମାନଙ୍କ ପାଖରେ ଆଦୃତ ହୋଇ ସାରିଥିବା ବେଳେ ଚଳିତ ବର୍ଷ ବୈଜ୍ଞାନିକମାନଙ୍କ ଦ୍ୱାରା ୧୨ ଗୋଟି ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ପୋଷକ ତତ୍ତ୍ୱଯୁକ୍ତ କ୍ଷେତ୍ର ଫସଲ (ଧାନ, ମକା, ମାଣ୍ଡିଆ, ବିରି, ସୋରିଷ, ଅଳସି, ଜଡ଼ା) ଓ ୮ ଟି ଉଦ୍ୟାନ ଫସଲ କିସମ (ପନିପରିବା, ଆଳୁ, କାଜୁ, କଳା ହଳଦୀ ଓ ଆମ୍ବ ଅଦା ) କିସମ କୃଷକମାନଙ୍କ ସେବାରେ ଲୋକାର୍ପିତ ହୋଇଛି । ଅଧିକ ପୋଷକ ତତ୍ୱ ଓ ଆଣ୍ଟି ଅକ୍ସିଡାଂଟ ଯୁକ୍ତ ନାଲି ଧାନ କିସମ ସମ୍ପଦ ଓ ପଦ୍ମଜା, ସ୍ୱଳ୍ପ ଅବଧି ଓ ରୋଗପୋକ ସହନଶୀଳ କିସମ ପରଜା ଏବଂ ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ବିଳମ୍ବ ଧାନ କିସମ ଶ୍ରୀପଦ ଚାଷୀମାନଙ୍କ ନିକଟରେ ଆଦୃତ ହେବା ସହ ରାଜ୍ୟରେ ଧାନ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ଆଶା କରା ଯାଉଛି ।

ଏତଦ୍ ବ୍ୟତୀତ ସଦ୍ୟ ବିକଶିତ ହୋଇଥିବା ଅଣଧାନ କିସମ ରାଜ୍ୟ ସରକାରଙ୍କ ଫସଲ ବିବିଧିକରଣ ଓ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନା ଯୋଜନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହି ଫସଲ କିସମଗୁଡିକ ମାଣ୍ଡିଆ (ଶ୍ରୀ ନିଧି), ବିରି (ଶ୍ରୀୟା), ଅଳସି (ପ୍ରଭାତ), ମକା (ଖୁସି), ଜଡ଼ା (ମାଣିକ), ସୋରିଷ (ସମୃଦ୍ଧି ଓ ସିଦ୍ଧି) ଓ ଟୋରିଆ (ଜୟନ୍ତୀ) ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହୋଇ ପାରିବ । ମଧ୍ୟମ ଅବଧି ମାଣ୍ଡିଆ କିସମ (ଶ୍ରୀ ନିଧି) ର ହାରାହାରି ହେକ୍ଟର ପ୍ରତି ଅମଳ ୨୫.୨୦ କ୍ୱିଣ୍ଟାଲ ହୋଇଥିଲା ବେଳେ ଏଥିରେ ପୁଷ୍ଟିସାର, ଲୌହ ଓ ଜିଙ୍କ୍ ଆଦି ପୋଷକତତ୍ୱ ମାତ୍ରା ଅଧିକ ରହୁଥିବାରୁ ଏହି ଲଘୁ ଶସ୍ୟ କିସମଟି ରାଜ୍ୟ ଖାଦ୍ୟ ଓ ପୋଷଣ ସୁରକ୍ଷାରେ ବ୍ୟାପକ ଭୂମିକା ଗ୍ରହଣରେ ସହାୟକ ହେବ । ସାହେବି ଓ ପତ୍ରମୋଡା ରୋଗ ଏବଂ ଧଳା ମାଛି, ପତ୍ର ଡଂକୁଣି ଓ ଛୁଇଁ ବିନ୍ଧା ପୋକ ସହନଶୀଳ ମଧ୍ୟମ ଅବଧିର ବିରି କିସମ (ଶ୍ରୀୟା) ଧାନ ପରବର୍ତ୍ତୀ ପଡିଆ ଜମିର ସଫଳ ପରିଚାଳନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ସ୍ୱଳ୍ପ ଅବଧିର ଟୋରିଆ କିସମ (ଜୟନ୍ତୀ) ଓ ସୋରିଷ କିସମ (ସମୃଦ୍ଧି ଓ ସିଦ୍ଧି) ରାଜ୍ୟର ଉଭୟ ଉପକୂଳବର୍ତ୍ତୀ ଓ ଆଭ୍ୟନ୍ତରୀଣ ଅଂଚଳର ଧାନ ପର୍ଯ୍ୟବସିତ ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇ ଚାଷୀର ଆୟ ଦ୍ୱିଗୁଣିତ କରିବା ସହ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସହାୟକ ହେବ । ଅଧିକ ଅମଳକ୍ଷମ, ମଧ୍ୟମ ଅବଧି ଏବଂ ଉଭୟ ଖରିଫ ଓ ପ୍ରାକ ରବି ଚାଷ ପାଇଁ ଉପଯୋଗୀ ଅଳସି କିସମ ପ୍ରଭାତ, କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ଆଦି ଆଦିବାସୀ ବହୁଳ ଅଂଚଳର ଚାଷୀମାନଙ୍କ ପାଖରେ ଆଦୃତ ହୋଇ ପାରିବ । ସମ୍ପ୍ରତି ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ଅଳସି ଦାନା, ତେଲ ଓ ପିଡିଆର ଚାହିଦା ବୃଦ୍ଧି ପାଉଥିଲା ବେଳେ, ଏହି କିସମଟି ଚାଷୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାର ରେଶମ ଚାଷକୁ ପ୍ରୋତ୍ସାହନ ଦେଉଥିଲା ବେଳେ ଏରି ରେଶମ କୀଟର ପୋଷକ ଫସଲ ଜଡ଼ା ଚାଷକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତରଫରୁ ରାଜ୍ୟର ପ୍ରଥମ ଶଙ୍କର ଜଡ଼ା କିସମ "ମାଣିକ" ବିକଶିତ ହୋଇଛି । ଅଧିକ ଅମଳକ୍ଷମ ମକା କିସମ "ଖୁସି" ରାଜ୍ୟର ଉଚ୍ଚ ଓ ଡିପ ଜମିରେ ଫସଲ ପରିବର୍ତ୍ତନ ପ୍ରୟାସକୁ ତ୍ୱରାନ୍ୱିତ କରି ପାରିବ ।

ଅମ୍ଳ ମାଟିରେ ଖାଦ୍ୟ ସାର ପରିଚାଳନା; ଧାନ, ସୂର୍ଯ୍ୟମୁଖୀ ଓ ଅଳସି ଫସଲରେ ନାନୋ ୟୁରିଆର ପ୍ରୟୋଗ ବିଧି; ଫସଲରେ ଅନାବନା ଘାସ ନିୟନ୍ତ୍ରଣ; ଧାନ ଫସଲରେ ଲୌହ ବିଷାକ୍ତ ନିୟନ୍ତ୍ରଣ; ମାଣ୍ଡିଆ ଓ ହରଡ ଭିତ୍ତିକ ଅନ୍ତଃଫସଲ ଚାଷ, ବାସନା ଧାନ ଓ ହଳଦୀରେ ଜୈବିକ ଚାଷ ପ୍ରଣାଳୀ, ପ୍ରାକୃତିକ କୃଷି ଉପାୟରେ ବିଲାତି ବାଇଗଣ ଚାଷ, ଗମ୍ଭାରୀ ଭିତ୍ତିକ କୃଷି ବନୀକରଣ, ଫଳ ବଗିଚାରେ ଅନ୍ତଃଫସଲ ଚାଷ, ମାଣ୍ଡିଆ ଅମଳ ଯନ୍ତ୍ର, ବଳଦ ଟଣା ମଞ୍ଜିବୁଣା ଯନ୍ତ୍ର, ସୌରଚାଳିତ ବହୁମୁଖୀ ଯାନ ଆଦିର ଉଦ୍ଭାବନ ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକରଣ ଗବେଷଣାକୁ ସମୃଦ୍ଧ କରିଛି । ଧାତବ ଲବଣ ଓ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ ଦ୍ୱାରା ବିଂଝାରପୁର ଦେଶୀ ଗାଈର ପ୍ରଜନନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି, କୃମି ନାଶକ ଓ ପୋଷାକ ତତ୍ୱ ପରିଚାଳନା ମାଧ୍ୟମରେ ଗଂଜାମ ଛେଳିର ଶାରୀରିକ ବିକାଶ ଆଦି ଜ୍ଞାନକୌଶଳ ରାଜ୍ୟର ପ୍ରାଣୀ ପାଳନ ଭିତ୍ତିକ ଜୀବିକାକୁ ନୂତନ ଦିଗ ପ୍ରଦାନ କରିଛି । ଅନେକ ଉପଲବ୍ଧି ସହ ଆଗାମୀ ଦିନର ଆହ୍ୱାନକୁ ସମୁଖୀନ ହୋଇ କୃଷି ଓ କୃଷକମାନଙ୍କ ସେବାରେ ବିଶ୍ୱବିଦ୍ୟାଳୟର ଏହି ନିର୍ଦ୍ଦେଶାଳୟ ସଦାସର୍ବଦା ସମର୍ପିତ ।

ଗବେଷଣା ଅଧକ୍ଷ, ଓୟୁଏଟି

## ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ମୋଦୀଙ୍କ ଇସ୍ରାଏଲ୍ ଗସ୍ତ

ଡ. ସୁଶାନ୍ତ କୁମାର ପରିଡ଼ା

ଆଜିର ବିଶ୍ୱ ରାଜନୀତି ଏକ ଅସ୍ଥିର, ଅନିଶ୍ଚିତ ଓ ଦ୍ରୁତ ପରିବର୍ତ୍ତନଶୀଳ ପର୍ଯ୍ୟାୟ ମଧ୍ୟକୁ ଯାଉଛି । ଯୁଦ୍ଧ, ଭୂ-ରାଜନୀତିକ ପ୍ରତିସ୍ପର୍ଧା, ଆର୍ଥିକ ଅସ୍ଥିରତା ଓ ସୁରକ୍ଷା ସଙ୍କଟ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ନୂଆ ଆକୃତି ଦେଉଛି । ବିଶେଷକରି ପଶ୍ଚିମ ଏସିଆ ପୁନର୍ବାର ବିଶ୍ୱ ରାଜନୀତିର କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି । ଗାଜା ସଂଘର୍ଷ, ଇରାନ-ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା, ଶକ୍ତି ସୁରକ୍ଷା ଓ ବୃହତ୍ ଶକ୍ତିମାନ୍ ଦେଶମାନଙ୍କ ପ୍ରଭାବୀ ଯୁଦ୍ଧ ଏହି ଅଞ୍ଚଳକୁ ବିଶ୍ୱ ରଣନୀତିର ମୁଖ୍ୟ ମଞ୍ଚରେ ପରିଣତ କରିଛି । ଏହି ଜଟିଳ ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା କେବଳ ଏକ ସାଧାରଣ ଦ୍ୱିପକ୍ଷୀୟ ଭ୍ରମଣ ନୁହେଁ; ଏହା ବଦଳୁଥିବା ଭାରତୀୟ ବିଦେଶ ନୀତି, ରଣନୀତିକ ଚିନ୍ତାଧାରା ଓ ବୈଶ୍ୱିକ ଭୂମିକାର ଏକ ସ୍ପଷ୍ଟ ପ୍ରକାଶ । ଏହି ଯାତ୍ରା ଦେଖାଇଦେଉଛି ଯେ ଭାରତ ଆଜି ପୁରୁଣା ଆଦର୍ଶବାଦୀ ସୀମାରେ ଅଟକି ରହୁନାହିଁ; ବରଂ ସୁରକ୍ଷା, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥକୁ କେନ୍ଦ୍ର କରି ବାସ୍ତବବାଦୀ କୂଟନୀତିର ମାର୍ଗରେ ଆଗୁଆ ହେଉଛି ।

ପଶ୍ଚିମ ଏସିଆ ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ରାଜନୀତିର ସବୁଠାରୁ ସଂବେଦନଶୀଳ ଅଞ୍ଚଳ । ତେଲ ରାଜନୀତି, ଧର୍ମୀୟ ପରିଚୟ ସଂଘର୍ଷ, ଆତଙ୍କବାଦ, ସାମରିକ ହସ୍ତକ୍ଷେପ ଓ ଅଞ୍ଚଳୀୟ ଶକ୍ତି ସଂଘର୍ଷ ଏହାକୁ ସଦା ବିଶ୍ୱ ଧ୍ୟାନର କେନ୍ଦ୍ରରେ ରଖିଛି । ଶୀତଳ ଯୁଦ୍ଧ କାଳରୁ ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳ ଆମେରିକା, ରୁଷିଆ ଓ ବର୍ତ୍ତମାନ ଚୀନର ରଣନୀତିକ ଆଗ୍ରହର କେନ୍ଦ୍ର ରହିଆସିଛି । ଗାଜାର ସଂଘର୍ଷ ପଶ୍ଚିମ ଏସିଆର ସୁରକ୍ଷା ସମୀକରଣକୁ ଆହୁରି ଜଟିଳ କରିଛି । ଏହା କେବଳ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ ନୁହେଁ; ବରଂ ଏକ ବ୍ୟାପକ ଭୂ-ରାଜନୀତିକ ପ୍ରତିସ୍ପର୍ଧାର ଅଂଶ । ଏହି ପରିସ୍ଥିତିରେ ଯେକୌଣସି ଦେଶର କୂଟନୀତିକ ପଦକ୍ଷେପ ଏକ ବଡ଼ ରଣନୀତିକ ସନ୍ଦେଶ ବହନ କରେ । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବୈଶ୍ୱିକ ପରିପ୍ରେକ୍ଷୀରେ ବିଶେଷ ମହତ୍ୱ ବହନ କରେ ।

ସ୍ୱାଧୀନତା ପରେ ଦୀର୍ଘ ସମୟ ଧରି ଭାରତ ପଶ୍ଚିମ ଏସିଆ ପ୍ରତି ସତର୍କ ଓ ସନ୍ତୁଳିତ ନୀତି ଅନୁସରଣ କରିଥିଲା । ପାଲେଷ୍ଟାଇନ ପ୍ରତି ଐତିହାସିକ ସମର୍ଥନ, ଆରବ ଦେଶ ସହ ଶକ୍ତି ନିର୍ଭରତା ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆଦର୍ଶ ଭାରତର ବିଦେଶ ନୀତିକୁ ପ୍ରଭାବିତ କରୁଥିଲା । ସେହି କାରଣରୁ ଇସ୍ରାଏଲ୍ ସହ ଭାରତ ସମ୍ପର୍କ ରଖୁଥିଲେ ମଧ୍ୟ ତାହାକୁ ଦୀର୍ଘଦିନ ନିମ୍ନ ପ୍ରୋଫାଇଲରେ ରଖିଥିଲା ।

କିନ୍ତୁ ଏକବିଂଶ ଶତାବ୍ଦୀର ଭୂ-ରାଜନୀତି ଏହି ଧାରଣାକୁ ପରିବର୍ତ୍ତନ କରିଦେଲା । ସୁରକ୍ଷା, ପ୍ରଯୁକ୍ତି ଓ ନବୀନତା ବିଦେଶ ନୀତିର ନୂଆ ଆଧାର ହୋଇପଡ଼ିଲା । ଏହି ପରିବର୍ତ୍ତନ ସହ ଭାରତ ନିଜ ଆଭିମୁଖ୍ୟକୁ ପୁନଃନିର୍ଦ୍ଧାରଣ କଲା । ଆଜି ଭାରତ—ଇସ୍ରାଏଲ୍ ସହ ରଣନୀତିକ ସହଯୋଗ କରୁଛି, ଆରବ ଦେଶମାନଙ୍କ ସହ ଆର୍ଥିକ ଭାଗୀଦାରୀ ବଢ଼ାଉଛି, ପାଲେଷ୍ଟାଇନ୍ ରାଷ୍ଟ୍ର ଧାରଣାକୁ ସମର୍ଥନ ଜାରି ରଖୁଛି । ଏହି ନୀତିକୁ ଆଜି "Multi-Alignment Diplomacy ବୋଲି କୁହାଯାଏ ।

ଇସ୍ରାଏଲ୍ ବିଶ୍ୱର ଅଗ୍ରଣୀ ସୁରକ୍ଷା ଓ ପ୍ରଯୁକ୍ତି ଶକ୍ତିମାନ ଦେଶମାନଙ୍କ ମଧ୍ୟରେ ଗଣ୍ୟ । ସୀମା ସୁରକ୍ଷା, ଡ୍ରୋନ୍ ପ୍ରଯୁକ୍ତି, ମିସାଇଲ୍ ରକ୍ଷା ପ୍ରଣାଳୀ, ସାଇବର ସୁରକ୍ଷା ଓ Artificial Intelligenceରେ ତାହାର ଅଭିଜ୍ଞତା ବିଶ୍ୱସ୍ତରରେ ସ୍ୱୀକୃତ । ଭାରତ ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ—ସୀମା ସୁରକ୍ଷା ଚ୍ୟାଲେଞ୍ଜ, ଆତଙ୍କବାଦୀ ଆଶଙ୍କା, ସାଇବର ଯୁଦ୍ଧ, ଆଧୁନିକ ସାମରିକ ପ୍ରଯୁକ୍ତିର ଆବଶ୍ୟକତା ଦ୍ରୁତ ଗତିରେ ବଢୁଛି । ମୋଦୀ ଓ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସାକ୍ଷାତକାର ଏହି ସହଯୋଗକୁ ଆହୁରି ଗଭୀର କରିବାର ସଙ୍କେତ ଦେଇଛି ।

ବିଶ୍ୱ ଆଜି ଧୀରେଧୀରେ ବହୁଧ୍ରୁବୀୟ ବ୍ୟବସ୍ଥାକୁ ଅଗ୍ରସର ହେଉଛି । ଆମେରିକା-ଚୀନ୍ ପ୍ରତିସ୍ପର୍ଧା, ରୁଷିଆ-ପଶ୍ଚିମ ମତଭେଦ ଓ ଅଞ୍ଚଳୀୟ ସଂଘର୍ଷ ନୂଆ ଶକ୍ତି ସମୀକରଣ ସୃଷ୍ଟି କରୁଛି । ଏହି ପରିସ୍ଥିତିରେ ଭାରତ କୌଣସି ଏକ ଶିବିରରେ ନ ଥାଇ "Strategic Autonomy" ଅନୁସରଣ କରୁଛି । ଅର୍ଥାତ— ଭାରତ ନିଜ ସ୍ୱାର୍ଥ ଆଧାରରେ ସମ୍ପର୍କ ଗଠନ କରୁଛି । ଇସ୍ରାଏଲ୍ ଯାତ୍ରା ଏହି ନୀତିର ସ୍ପଷ୍ଟ ପ୍ରକାଶ । ଭାରତର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ । ଭାରତ ଏକାଧାରରେ— ଇସ୍ରାଏଲ୍, *UAE*, ସାଉଦି ଆରବ, ଇରାନ୍ ଓ ପାଲେଷ୍ଟାଇନ୍ ସହ ସମ୍ପର୍କ ରଖୁଛି । ଏହା ଭାରତକୁ ପଶ୍ଚିମ ଏସିଆରେ "Balance Power Actor" ଭାବେ ପରିଣତ କରୁଛି । କିଛି ମହଲ ମନେ କରେ ଯେ ଗାଜା ସଂଘର୍ଷ ସମୟରେ ଏହି ଯାତ୍ରା ସଂବେଦନଶୀଳ । ପାଲେଷ୍ଟାଇନ୍ ପ୍ରଶ୍ନରେ ଭୁଲ୍ ସନ୍ଦେଶ ଯାଇପାରେ । କିନ୍ତୁ ବାସ୍ତବ ରାଜନୀତିରେ ଦେଶମାନେ ଭାବନା ନୁହେଁ; ଜାତୀୟ ସ୍ୱାର୍ଥ ଆଧାରରେ ନୀତି ଗଠନ କରନ୍ତି ।

ଜି-୨୦ ନେତୃତ୍ୱ, *Global South* ର ପ୍ରତିନିଧିତ୍ୱ ଓ ବହୁପକ୍ଷୀୟ କୂଟନୀତିରେ ସକ୍ରିୟତା ଭାରତର ବୃଦ୍ଧିଶୀଳ ପ୍ରଭାବକୁ ପ୍ରକାଶ କରୁଛି । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବଡ଼ ରଣନୀତିର ଏକ ଅଂଶ— ଭାରତ ଆଜି କେବଳ ପର୍ଯ୍ୟବେକ୍ଷକ ନୁହେଁ; ବରଂ ବୈଶ୍ୱିକ ରାଜନୀତିର ଏକ ସକ୍ରିୟ ନିର୍ମାତା । ଯୁଦ୍ଧ, ଅସ୍ଥିରତା ଓ ଶକ୍ତି ପ୍ରତିସ୍ପର୍ଧାର ଏହି ଯୁଗରେ ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଭାରତର ବଦଳୁଥିବା ବିଦେଶ ନୀତିର ପ୍ରତୀକ । ଆଦର୍ଶବାଦ ଓ ବାସ୍ତବବାଦ ମଧ୍ୟରେ ସନ୍ତୁଳନ ରଖି ଭାରତ ଆଜି ଏକ ନୂଆ କୂଟନୀତିକ ପଥ ଗଢୁଛି— ଯେଉଁଠାରେ ମିତ୍ରତା ଭାବନାରୁ ନୁହେଁ; ସହଯୋଗ, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥ ଉପରେ ନିର୍ଭର କରେ । ପଶ୍ଚିମ ଏସିଆର ଜଟିଳ ରାଜନୀତି ମଧ୍ୟରେ ଭାରତର ସନ୍ତୁଳିତ ଭୂମିକା ଭବିଷ୍ୟତରେ ତାହାକୁ ଏକ ବିଶ୍ୱସ୍ତ ମଧ୍ୟସ୍ଥ ଓ ପ୍ରଭାବଶାଳୀ ବୈଶ୍ୱିକ ଶକ୍ତି ଭାବେ ସ୍ଥାପିତ କରିପାରେ ।

ଅଧ୍ୟାପକ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା,
କେନ୍ଦ୍ରାପଡ଼ା

## ତାପମାତ୍ରା ବୃଦ୍ଧିର ଚେତାବନୀ

ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ । କେବଳ ଏତିକି ନୁହେଁ; ଆଗକୁ ପରିସ୍ଥିତି କ'ଣ ହେବ, ଏହା ତାହାର ଏକ ପ୍ରାକ୍ ସୂଚନା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷକରି ଉତ୍ତର ଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ ଡିଗ୍ରୀ ଅଧିକ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆମ ରାଜ୍ୟର ଝାରସୁଗୁଡ଼ା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚିସାରିଲାଣି । ସୂଚନାଯୋଗ୍ୟ ଯେ ଗତବର୍ଷ ଝାରସୁଗୁଡ଼ାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି କରିଥିଲା । ଗ୍ରୀଷ୍ମ ଅବଧିରେ ଝାରସୁଗୁଡ଼ାର ଦୈନିକ ତାପମାତ୍ରା ହାରାହାରି ୪୨ ଡିଗ୍ରୀ ଉପରେ ରହିଥିଲା । ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ୧୯୮୦ ପରଠାରୁ ଦେଶରେ ହିଟ୍‌ୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତା'ଠାରୁ ଅଧିକ ହୋଇଛି । ସେହିପରି ଦେଶରେ ଅସହ୍ୟ ହିଟ୍‌ୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦୃତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡ଼ି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ ।

ପ୍ରକୃତି-ପରିବେଶ



ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନର ସଂକେତ ପ୍ରଦାନ କରେ । କହିବା ବାହୁଲ୍ୟ ଯେ ବସନ୍ତ ଋତୁ ଉଭାନ୍ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି । ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ । ଏଭଳି ଜଳବାୟୁ ପରିବର୍ତ୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି । କେବଳ ଜୀବନଜୀବିକା ନୁହେଁ; ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି । ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ବୋଧହୁଏ କେହି ଏହା ପାସୋରି ନ ଥିବେ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । କହିବା ବାହୁଲ୍ୟ ଯେ ଜଳବାୟୁ ପରିବର୍ତ୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ । ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ଅନ୍ୟଥା, ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ । ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ କେବଳ ଖାଦ୍ୟ ସଂକଟ ନୁହେଁ; ଉତ୍କଟ ପାନୀୟ ଜଳ ସଂକଟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ିଆ ଅଂଚଳ ସବୁଠାରେ ଉତ୍କଟ ପାନୀୟ ଜଳ ସଂକଟର ଧ୍ୱନି ଶୁଣାଯାଏ । କୁଅ-ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି, ଯାହାକି ଏବେ ଚିନ୍ତାର କାରଣ । ସେହିପରି ବିଦ୍ୟୁତ୍ ସଂକଟ ମଧ୍ୟ ଦେଖାଯାଏ । ବିଦ୍ୟୁତ୍ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ । ଏହା ନିଃସନ୍ଦେହ ଯେ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ; ଏହା ଏକ ବୈଶ୍ୱିକ ସମସ୍ୟା । ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ୱଳିତ କରିବାରେ ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ୍ ହୋଇ ନ ପାରେ । ତେଣୁ ବେଳହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮ / ୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ୍ ନଂ-୩, ଶିଶୁପାଳଗଡ଼,-୭୫୧୦୦୨
ମୋବାଇଲ ନଂ-୯୪୩୭ ୯ ୯୪୩୭ ୯

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଶ୍ଚିମ ଏସିଆ...

ଯାଇଥିବା ଅରାଗଚି ଦାବି କରିଛନ୍ତି। ଆମେରିକା ସିନେଟର ଲିଣ୍ଡେସ ଗ୍ରାହମ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ମିଳିତ ଭାବେ ଏହି ଷଡ଼ଯନ୍ତ୍ର କରିଥିଲେ ବୋଲି ସେ ଦାବି କରିଛନ୍ତି। ଏଥିପାଇଁ ଗ୍ରାହମ ବେଲ ସପ୍ତାହରେ ଅନେକ ଥର ଇସ୍ରାଏଲ ଗସ୍ତ କରି ଗୁଇନ୍ଦା ଅଧିକାରୀଙ୍କୁ ଭେଟି ଥିଲେ। ଇସ୍ରାଏଲରୁ ମିଳିଥିବା ଗୁଇନ୍ଦା ସୂଚନା ଆଧାରରେ ଟ୍ରମ୍ପ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ କୌଣସି ଦେଶ ଛିଡ଼ା ହେବାକୁ ସାହସ କରୁ ନ ଥିବାବେଳେ ତେହରାନକୁ ବଡ଼ ସହଯୋଗ ମିଳିଛି। ଇସ୍ରାଏଲ ଏବଂ ଇରାନର ପ୍ରଚଣ୍ଡ ଆକ୍ରମଣ ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ଯୁଦ୍ଧରେ ଇରାନକୁ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଇରାନର ନୂଆ ସର୍ବୋଚ୍ଚ ନେତା ନିଯୁକ୍ତ ହେବାକୁ ନେଇ ମୋଜତବା ଖାମନେଇଙ୍କୁ ପୁଟିନ ଶୁଭେଚ୍ଛା ଜଣାଇଛନ୍ତି। ପୁଟିନ କହିଛନ୍ତି ଯେ ତେହରାନକୁ ସମର୍ଥନ ଦେବା ଜାରି ରଖିବୁ। ଅକୁଣ୍ଠ ସହାୟତା ଯୋଗାଇ ଦେବୁ। ଆମେ ଇରାନ ବନ୍ଧୁଙ୍କ ସହ ଛିଡ଼ା ହୋଇଛୁ। ସେହିପରି ବାପା ଅୟତୁଲ୍ଲା ଅଲି ଖାମନେଇଙ୍କ ପରି ମୋଜତବା ଦୃଢ଼ତା ଏବଂ ସମ୍ମାନର ସହ କାର୍ଯ୍ୟ ଜାରି ରଖିବେ ବୋଲି ପୁଟିନ କହିଛନ୍ତି। ଏଭଳି କଠୋର ପରୀକ୍ଷା ସମୟରେ ଇରାନ ଲୋକଙ୍କୁ ଏକାଠି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଇରାନ ସଶସ୍ତ୍ର ଆକ୍ରମଣର ସମ୍ମୁଖୀନ ହେଉଛି। ଏଭଳି ସମୟରେ ଉଚ୍ଚ ପଦବୀରେ ବସିବା ପାଇଁ ମୋଜତବାଙ୍କୁ ବହୁତ ସାହସ ଏବଂ ସମର୍ପଣର ଆବଶ୍ୟକତା ପଡିବ ବୋଲି କହିଛନ୍ତି। ଏହା ପୂର୍ବରୁ ପୁଟିନ ଇରାନର ରାଷ୍ଟ୍ରପତି ମାସୁଦ ପେଜସକିଆନଙ୍କ ସହ କଥା ହୋଇଥିଲେ। ସର୍ବୋଚ୍ଚ ନେତା, ତାଙ୍କ ପରିବାର, ଇରାନ ରାଜନେତା, ସେନା ଅଧିକାରୀଙ୍କ ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଥିଲେ। ଶତ୍ରୁତା ବନ୍ଦ କରିବା ପାଇଁ ରୁଷର ଆଭିମୁଖ୍ୟକୁ ପୁନଃ ଦୋହରାଇଥିଲେ। ଇରାନକୁ ଘେରି ରହିଥିବା ଯେକୌଣସି ସମସ୍ୟାର ସମାଧାନ ପାଇଁ ବଳପ୍ରୟୋଗର ବଦଳରେ ଆଲୋଚନାର ପନ୍ଥା ଆପଣାଇବାକୁ ଆହ୍ୱାନ ଦେଇଥିଲେ।

### ସଂସଦରେ...

ଉପରେ ବିସ୍ତୃତ ଆଲୋଚନା ନହେବା ପର୍ଯ୍ୟନ୍ତ ସେମାନେ ଗୃହ ଚଳାଇଦେବେ ନାହିଁ ବୋଲି ବିରୋଧୀ ଦଳ ଜିଦ୍ ଧରିଥିଲେ। କିନ୍ତୁ ସରକାର ସେମାନଙ୍କର ଦାବିକୁ ପତ୍ୟାଖ୍ୟାନ କରିଦେଇଥିଲେ। ରାଜ୍ୟସଭାରେ ବିଜେପି ନେତା ଜେପି ନଡ୍ଡା ଏବଂ ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିରୋଧୀ ସାଂସଦଙ୍କ ତୀବ୍ର ସମାଲୋଚନା କରି କହିଥିଲେ ଯେ ସେମାନେ ଅରାଜକତା ସୃଷ୍ଟି କରୁଛନ୍ତି। ସେମାନେ କହିଥିଲେ ଯେ ସରକାର ସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି।

ଲୋକସଭାରେ ବିରୋଧୀ ଦଳ ସଭ୍ୟମାନେ ହାତରେ ବ୍ୟାନର ଧରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନଙ୍କର ଏଭଳି ଆଚରଣ ପାଇଁ ସମାଲୋଚନା କରିଥିଲେ ଗୃହର ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ। ସେ କହିଥିଲେ ଯେ ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତର ଦେଇ ସାରିଛନ୍ତି ଜୟଶଙ୍କର। ତେଣୁ ସେମାନେ ଆଉ ହଙ୍ଗାମା କରିବା ଉଚିତ ନୁହେଁ। କିନ୍ତୁ ବିରୋଧୀ ସାଂସଦମାନେ କିଛି ଶୁଣିନଥିଲେ। ଗୃହ ବାରମ୍ବାର ମୁଲତବୀ ହେବାପରେ ଶେଷରେ ତିନିଟା ବେଳେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଗଲା ବୋଲି ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ ଯେ ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ପାଇଁ ବିରୋଧୀ ଦଳର ୧୧୮ ଜଣ ସାଂସଦ ନୋଟିସ ଦେଇଛନ୍ତି। କିନ୍ତୁ ହଟ୍ଟଗୋଳ ଯୋଗୁଁ ଆଜି ଏହା ଉପରେ ଆଲୋଚନା ସମ୍ଭବ ହୋଇନଥିଲା। ଆସନ୍ତାକାଲି ଅନାସ୍ଥା ପ୍ରସ୍ତାବ ଆଲୋଚନା ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାଉପରେ ଜବାବ ଦେବେ ବୋଲି ଜଣାପଡ଼ିଛି।

### ଜ୍ଞାନେଶ କୁମାରଙ୍କୁ...

ପ୍ରସ୍ତାବ ଆଗତ କରିବେ ବୋଲି ଜଣାପଡ଼ିଛି। ଏହି ଦସ୍ତଖତ ସଂଗ୍ରହ ଅଭିଯାନର ନେତୃତ୍ୱ ନେଉଛି ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସ ସମେତ ଅନ୍ୟ ସମଭାବାପନ୍ନ ଦଳ ଏହାକୁ ସମର୍ଥନ କରୁଥିବା ଜଣାପଡ଼ିଛି। କୌଣସି କ୍ଷମତାସୀନ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏଭଳି ମହାଭିଯୋଗ ପ୍ରସ୍ତାବ ହେବ ପ୍ରଥମ ଘଟଣା। ଏହାପୂର୍ବରୁ କୌଣସି ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏଭଳି ପ୍ରସ୍ତାବ ଆସିନଥିଲା।

ସଂସଦୀୟ ବ୍ୟବସ୍ଥା ଅନୁଯାୟୀ କୌଣସି ସୁପ୍ରିମକୋର୍ଟ/ହାଇକୋର୍ଟ ବିଚାରପତି କିମ୍ବା ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ମହାଭିଯୋଗ ନୋଟିସରେ ଲୋକସଭାର ୧୦୦ କିମ୍ବା ରାଜ୍ୟସଭାର ୫୦ ସାଂସଦ ଦସ୍ତଖତ କରିବା ଦରକାର। ମହାଭିଯୋଗ ପ୍ରସ୍ତାବ ସପକ୍ଷରେ ଗୃହର ମୋଟ୍ ସଭ୍ୟ ସଂଖ୍ୟାର ଅର୍ଦ୍ଧାଧିକ ଏବଂ ଭୋଟଦାନ ବେଳେ ଦୁଇ ତୃତୀୟାଂଶ ସଭ୍ୟ ସମର୍ଥନ କଲେ ଯାଇ ମୁଖ୍ୟ ନିର୍ବାଚନ କମିସନରଙ୍କୁ ବହିଷ୍କାର କରାଯାଇପାରିବ।

ତୃଣମୂଳ କଂଗ୍ରେସର ଜଣେ ।।ନେତା କହିଛନ୍ତି ଯେ ଚଳିତ ସପ୍ତାହ ଶେଷ ଆଡ଼କୁ ମହାଭିଯୋଗ ନୋଟିସ ସଂସଦରେ ଦାଖଲ କରାଯିବ। ସେ କହିଲେ ଯେ ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ କମିସନର ଭଳି ବ୍ୟବହାର କରୁ ନାହାନ୍ତି। ସେ ତାଙ୍କର ଆଚରଣ ଦ୍ୱାରା ମୁଖ୍ୟ ନିର୍ବାଚନ କମିସନର ପଦମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛନ୍ତି।

### ଏବେ ବି ମଣ୍ଡିରେ...

ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଚାଷୀଙ୍କର ସବୁ ବଳକା ଧାନ କିଣିବେ ବୋଲି ସରକାର କହିଥିଲେ। ହେଲେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକ୍ରୟ ନିଷ୍ପତ୍ତି ଯୋଗୁଁ ମାର୍ଚ୍ଚ ମାସ ହେବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩ ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ସରକାର ୮ ଶହ ଟଙ୍କା ପରିବର୍ତ୍ତେ ୭୩୧ଟଙ୍କା ଇନପୁଟ୍ ସହାୟତା ଦେଉଛନ୍ତି। ଫଳରେ ଚାଷୀ କେନ୍ଦ୍ର ଘୋଷିତ ନିର୍ଦ୍ଧାରିତ ଏମଏସପିରୁ ବଞ୍ଚିତ ରହିଛନ୍ତି। ଧାନ କିଣା ପରେ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ଜମା ହେବା ପରିବର୍ତ୍ତେ ବହୁ ସ୍ଥାନରେ ୨/୩ ସପ୍ତାହ ପରେ ଟଙ୍କା ଜମା ହେଉଛି। ଏବେ ଖରିଫ୍ ଧାନ ଉଠୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଛି। ତେଣୁ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବକେୟା ଥିବା ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ସବୁ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବା ସହ ନିର୍ଦ୍ଧାରିତ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେବାପାଇଁ କିଷାନ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

### ବାଇକ୍-କଣ୍ଟେନର୍...

ସୁଜିତ ଲମଗା (୧୭) ଓ ପତ୍ରାପାଲି ଗ୍ରାମର ବୁଲୁ ରଣା(୨୦)। ଜମନକିରା ପୁଲିସ୍ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଜି ରାମଙ୍କ ବଡ଼ଭାଇର ବାହାଘର ଭୋଜି ଥିଲା। ଜମନକିରାରୁ ଜିନିଷପତ୍ର କିଣିବା ପାଇଁ ରାମ, ସୁଜିତ ଓ ବୁଲୁ ବ୍ରାହ୍ମଣୀପାଲି ଗ୍ରାମର ଲୋଚନ ସିଂଙ୍କ ବାଇକ୍ ନେଇ ଯାଇଥିଲେ। ସେଠାରୁ କିଣାକିଣି ସାରି ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୫୩ନମ୍ବର ଜାତୀୟ ରାଜପଥରେ ସେମାନେ ଘରକୁ ଫେରୁଥିବା ବେଳେ ପିଠାମାରେନ-ଡୁମେରମୁଣ୍ଡା ରାସ୍ତାରେ ବାଇକ୍ଟି ମୁହାଁମୁହିଁ କଣ୍ଟେନର୍ ସହ ଧକ୍କା ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ, ଦୁର୍ଘଟଣା ପରେ କଣ୍ଟେନର୍ଟି ବାଇକ୍କୁ କିଛି ବାଟ ଘୋଷାଡ଼ି ନେବା ଫଳରେ ସ୍ପାର୍କ ହୋଇ ବାଇକ୍ ଓ କଣ୍ଟେନର୍ରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଜମନକିରା ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସେହିପରି, ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ କଣ୍ଟେନର୍ ଡ୍ରାଇଭର୍ ଓ ହେଲପର୍ ଫେରାର୍ ହୋଇଯାଇଛି।

### ଦୁଇ ବାଇକ୍ ଧକ୍କା...

ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଅଞ୍ଚଳର କୁଶ ଗୋଚ୍ଛାୟତ(୨୭)। ସୋମବାର ସନ୍ଧ୍ୟାରେ ଦୁଇଟି ବାଇକ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିଲେ। କୌଣସି କାରଣରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ବାଇକ୍ରେ ଥିବା ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ହସ୍ପିଟାଲକୁ ପଠାଇଛି।

### ପୋଖରୀରେ ବୁଡ଼ି...

ପାଇ ଯାଇଥିଲେ। ମାନସୀ ଓ ମେଲକା ପୋଖରୀ ପାଣିର ବୁଡ଼ି ଯାଇଥିଲେ। ଏହା ପରେ ଅନ୍ୟ ଜଣେ ସାଙ୍ଗ ତୁରନ୍ତ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଖବର ଦେଇଥିଲା। ପରିବାର ଏହା ଜାଣିବା ପରେ ତୁରନ୍ତ ଅଗ୍ନିଶମ ବିଭାଗ ଓ କୋଡ଼ିଙ୍ଗା ପୁଲିସକୁ ଖବର ଦେବା ସହ ଘଟଣାସ୍ଥଳ ପହଞ୍ଚି ଖୋଜାଖୋଜି କରିଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଉଭୟଙ୍କ ଶବ ବ୍ୟବଚ୍ଛେଦ ପାଇ ନବରଙ୍ଗପୁର ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତ ଏଏସଆଇ ହାମିତନ ମାଝୀ କରୁଛନ୍ତି।

### ଭାରତ ବଜାରରେ...

ଦ୍ରୁତ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥରପାଇଁ ସର୍ବନିମ୍ନ ସ୍ତରକୁ ଖସିଆସିଛି। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଘଟି ଏହା ୯୨.୩୩ ଟଙ୍କାର ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଛି। ଯାହାଫଳରେ ଦେଶକୁ ଆମଦାନୀ ମହଙ୍ଗା ହୋଇଯାଇଛି। ଫଳରେ ଭାରତୀୟ ବଜାର କ୍ଷତିଗ୍ରସ୍ତ ହୋଇଛି ଓ ଏହାର ପ୍ରତିଫଳନ ଯୋଗୁଁ ଦରଦାମ ବୃଦ୍ଧି ଘଟିବା ନିଶ୍ଚିତ ବୋଲି କୁହାଯାଉଛି। ପାରସ୍ୟ ଉପସାଗରକୁ ଆରବ ସାଗର ସହିତ ସଂଯୋଗ କରୁଥିବା ୧୬୭ କିଲୋମିଟର ଲମ୍ବା ଜଳପଥ ହରମୁଜ୍ ପ୍ରଣାଳୀ ବନ୍ଦ ଦ୍ୱାରା କଞ୍ଚା ତେଲ ମୂଲ୍ୟ ବୃଦ୍ଧି ପାଇଛି। ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ ପରେ ଇରାନ୍ ଏହି ଜଳମାର୍ଗକୁ ବନ୍ଦ କରିଛି। ଇରାନ ଯୁଦ୍ଧ ଯୋଗୁଁ ହରମୁଜ୍ ବାଟ ଦେଇ ଯାତାୟତ ଆଉ ନିରାପଦ ନୁହେଁ। ବିପଦ ଆଶଙ୍କାରେ କୌଣସି ତେଲ ଟ୍ୟାଙ୍କରବାହୀ ଜାହାଜ ଏହି ମାର୍ଗ ଦେଇ ଯାଉନାହିଁ। ବିଶ୍ୱର ୨୦% ପେଟ୍ରୋଲିୟମ୍ ଏହି ପଥ ଦେଇ ଆମଦାନୀ ହୋଇଥାଏ। ସାଉଦି ଆରବ, ଇରାକ ଏବଂ କୁଏତ୍ ଭଳି ଦେଶ ମଧ୍ୟ ସେମାନଙ୍କର ରପ୍ତାନି ପାଇଁ ଏହି ମାର୍ଗ ଉପରେ ନିର୍ଭରଶୀଳ। ଆମେରିକା ଓ ଇସ୍ରାଏଲ ଆକ୍ରମଣର ଜବାବରେ ଇରାନ ପଡ଼ୋଶୀ କତାର, ସାଉଦି ଆରବ ଏବଂ କୁଏତ୍ର ତୈଳ ଭଣ୍ଡାର ଉପରେ ଡ୍ରୋନ ଆକ୍ରମଣ କରିଛି। ଏହି ଆକ୍ରମଣ ସମ୍ପୃକ୍ତ ଦେଶଗୁଡ଼ିକୁ ଉତ୍ପାଦନ ହ୍ରାସ କରିବାକୁ ବାଧ କରିଛି। ଫେବୃଆରୀ ୨୮ ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୦ ଦିନ ମଧ୍ୟରେ ଅଶୋଧିତ ତେଲ ମୂଲ୍ୟ ଆକାଶ ଛୁଇଁଛି।

ଯଦିଓ ଭାରତ ସରକାର ନିକଟ ଭବିଷ୍ୟତରେ ତେଲ ଦର ବୃଦ୍ଧି କରିବେ ନାହିଁ ବୋଲି କହିଛନ୍ତି। ହେଲେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୩୦ ଡଲାର ଟପିଲେ ସରକାର ମୂଲ୍ୟ ବୃଦ୍ଧି ନେଇ ବିଚାର କରିପାରନ୍ତି। ଫଳରେ ଆଗାମୀ ଦିନରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୫ରୁ ୬ ଟଙ୍କା ବୃଦ୍ଧି ପାଇପାରେ। ଯଦି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ ମହଜୁଦ ତେଲ ଦେଶର ସମଗ୍ର ଯୋଗାଣ ଶୃଙ୍ଖଳକୁ ୭ରୁ ୮ ସପ୍ତାହ ପର୍ଯ୍ୟନ୍ତ ବଜାୟ ରଖିବା ପାଇଁ ଯଥେଷ୍ଟ। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ପ୍ରତି ବ୍ୟାରେଲ ୧୦୦ ଡଲାର ଟପିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ କରିଛନ୍ତି। ଇରାନର ପରମାଣୁ କ୍ଷମତା ସମାପ୍ତ ହେବା ପରେ କ୍ଷଣସ୍ଥାୟୀ ତେଲ ମୂଲ୍ୟ ବୃଦ୍ଧି ପୁନଶ୍ଚ ଦ୍ରୁତ ଗତିରେ ହ୍ରାସ ପାଇବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ମାତ୍ର ଏହି ଯୁଦ୍ଧ କେବେ ଶେଷ ହେବ ତାହା ସେ ସ୍ପଷ୍ଟ କରିନାହାନ୍ତି।

## ପୀତବାସ ପଣ୍ଡା ହତ୍ୟା ମାମଲା

### ବିକ୍ରମ ପଣ୍ଡା ଓ ମଳୟ ବିଶୋୟୀଙ୍କ ଚିକିତ୍ସା ଜାରି

ବ୍ରହ୍ମପୁର, ୯।୩ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇ ଗିରଫ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ କର୍ପୋରେଟର୍ ମଳୟ ବିଶୋୟୀ ସ୍ୱାସ୍ଥ୍ୟଗତ କାରଣରୁ ଏମ୍କେସିଜି ମେଡିକାଲରେ

#### ଉଭୟଙ୍କ ରକ୍ତଶର୍କରା ବୃଦ୍ଧି, ଦିଆଯାଉଛି 'ଇନ୍ସୁଲିନ୍'

ଚିକିତ୍ସିତ ହେଉଛନ୍ତି। ଗୁରୁତର ଅବସ୍ଥାରେ ମଳୟଙ୍କୁ ମେଡିସିନ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବା ପରେ ତାଙ୍କୁ ଜେନେରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଉଭୟ ମଳୟ ଓ ବିକ୍ରମଙ୍କ ଶରୀରରେ ରକ୍ତଶର୍କରା ବୃଦ୍ଧି ପାଇଥିବା ଯୋଗୁଁ ଉଭୟଙ୍କୁ ଇନସୁଲିନ୍ ଦିଆଯାଉଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ମଳୟଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ଡାକ୍ତରଖାନା ଓ ଜେଲ କର୍ତ୍ତୃପକ୍ଷଙ୍କୁ କୋର୍ଟ ତଲବ କରିଥିବା ବେଳେ ଆସନ୍ତା ମଙ୍ଗଳବାର ଅର୍ଥାତ୍ ୧୦ ତାରିଖରେ ତାଙ୍କର ଅନ୍ତରୀଣ ଜାମିନ ଉପରେ ଶୁଣାଣି ରହିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ମଳୟଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ତାଙ୍କ ଓକିଲ କୋର୍ଟରେ ପିଟିସନ ଦାଖଲ କରି ନିବେଦନ କରିଛନ୍ତି। ଏହାର ଶୁଣାଣି ମଧ୍ୟ ମଙ୍ଗଳବାର ୧୦ ତାରିଖରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଦ୍ୱିତୀୟ) ଅଂଶୁମାନ ମହନ୍ତଙ୍କ କୋର୍ଟରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି।

### ସୁନୀଲଙ୍କ ଜାମିନ ଆବେଦନର ଶୁଣାଣି ଶେଷ, ରାୟ ସଂରକ୍ଷିତ

ବ୍ରହ୍ମପୁର, ୯।୩ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଅଂଶୁମାନ ମହନ୍ତଙ୍କ କୋର୍ଟରେ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇଛି। ହତ୍ୟାକାଣ୍ଡ ପରେ ସୁପାରି କିଲରଙ୍କୁ ଆଶ୍ରୟ ଦେଇଥିବା



ଅଭିଯୋଗରେ ଗିରଫ ଜୟପୁରର ସୁନୀଲ ହୋତାଙ୍କ ଜାମିନ ଆବେଦନର ଶୁଣାଣି ଆଜି ଶେଷ ହୋଇ ରାୟ ସଂରକ୍ଷିତ ରହିଥିବା ଜଣାପଡ଼ିଛି। ସୁନୀଲ ହୋତାଙ୍କ ପାଇଁ କପିଳ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ। ସେହିଭଳି, ମାମଲାରେ ଗିରଫ ଅନ୍ୟ ୪ଜଣ ଅଭିଯୁକ୍ତ ସୀମାଞ୍ଚଳ ନାୟକ, ବିପିନ ସ୍ୱାଇଁ, କୁନ୍ଦନ କୁମାର ଓ ଶିଶୁପାଳ ପାଶୱାନଙ୍କ ଜାମିନ ଆବେଦନର ଶୁଣାଣି ଆଜି ହୋଇଥିଲେ ହେଁ ପରବର୍ତ୍ତୀ ଶୁଣାଣି ଆସନ୍ତାକାଲି ମଙ୍ଗଳବାର ୧୦ ତାରିଖକୁ ଧାର୍ଯ୍ୟ କରାଯାଇଛି।

ଆଜିର ଶୁଣାଣି ବେଳେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗରେ ଗିରଫ କୁରୁପତି ଭୂୟାଁଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା।

- ଦୁଇ ବିହାରୀଙ୍କ ସମେତ ୪ଜଣଙ୍କ ଜାମିନ ଆବେଦନର ଶୁଣାଣି ଆଜି
- ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ୧୬ରେ

ଉପରୋକ୍ତ ୪ଜଣ ଅଭିଯୁକ୍ତଙ୍କ ପାଇଁ ଯୁବ ଆଇନଜୀବୀ ଚକ୍ରପାଣି ନାହାକ ଓ ଆଶ୍ରିତ ବେହେରା ମକଦ୍ଦମା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ନିଯୋଜିତ ସ୍ୱତନ୍ତ୍ର ପିପି କାଳୀଚରଣ ମିଶ୍ର ମକଦ୍ଦମା ପରିଚାଳନା କରୁଛନ୍ତି। ସେପଟେ ମାମଲାରେ ଅନ୍ୟତମ ଷଡ଼ଯନ୍ତ୍ରକାରୀ ଭାବେ ଗିରଫ ହୋଇଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଆଜି ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କ କୋର୍ଟରେ ଶୁଣାଣି ହୋଇଥିବା ବେଳେ ଆସନ୍ତା ୧୬ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ହତ୍ୟାକାଣ୍ଡରେ ବିକ୍ରମଙ୍କ ସମ୍ପୃକ୍ତି ଜଣେ ଷଡ଼ଯନ୍ତ୍ରକାରୀ ଭାବେ ପୁଲିସ ଦର୍ଶାଇଛି। ଶୁଣାଣି ବେଳେ କୋର୍ଟ ଏନେଇ ଆବଶ୍ୟକ ପ୍ରମାଣ ଦେବାକୁ କହିଥିଲେ। ଏହା ପରବର୍ତ୍ତୀ ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଦାଖଲ କରିବା ସହ ଯୁକ୍ତି ବାଢ଼ିବେ ବୋଲି ସୂଚନା ମିଳିଛି।

## ଅନ୍ତର୍ଜାତୀୟ ମହିଳା ଦିବସରେ ଟ୍ରେନ୍ର ସବୁ କର୍ମଚାରୀ ମହିଳା



ରାୟଗଡ଼ା, ୯।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସର ସପ୍ତାହବ୍ୟାପୀ ପାଳନର ଶେଷ ଦିନରେ ଗୁଣ୍ଟୁର-ରାୟଗଡ଼ା ଏକ୍ସପ୍ରେସକୁ ବିଶାଖାପାଟଣାରୁ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। ଏହି ଅବସରରେ ରବିବାର ଦିନ ବିଶାଖାପାଟଣା ରେଳଷ୍ଟେସନରେ ୱାଲଟିଏର ଡିଭିଜନାଲ ରେଳ ପରିଚାଳକ ଲଳିତ ବୋହରା ଏହି ଟ୍ରେନ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୂର୍ବତଟ ରେଳବାଇର ୱାଲଟେୟାର ଡିଭିଜନ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବାରେ ନିରନ୍ତର ଅଗ୍ରଣୀ ରହିଛି। ଟ୍ରାକ୍ ରକ୍ଷଣାବେକ୍ଷଣ, ଟ୍ରେନ୍ ପରିଚାଳନା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମହିଳାମାନଙ୍କୁ ସକ୍ରିୟ ଭାବରେ ନିୟୋଜିତ କରୁଛି ବୋଲି ଡିଆରଏମ ଶ୍ରୀ ବୋହରା କହିଥିଲେ।

ମହିଳା କର୍ମଚାରୀମାନେ ରୁଟ୍ ରିଲେ ଇଣ୍ଟରଲକିଂ ଅପରେସନ୍, ଟ୍ରେନ୍ ପରିଚାଳନା, ଲୋକୋ ଅପରେସନ୍, ଟିକେଟ୍ ଯାଞ୍ଚ ଏବଂ ଅଫିସ୍ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଡିଭିଜନ ଲୋକୋମୋଟିଭ୍ର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଦାୟୀ ଲୋକୋ ସେଡ୍ରେ ମଧ୍ୟ ସମସ୍ତ ମହିଳା ଦଳ ପ୍ରତିଷ୍ଠା କରିଛି। ଏହା ସହିତ ସମର୍ପିତ ମହିଳା ସୁରକ୍ଷା ଦଳ ମେରୀ ସହେଲି ଏବଂ ସୁଭଦ୍ରା ବାହିନୀ ଟ୍ରେନ ଏବଂ ରେଳ ଷ୍ଟେସନରେ ମହିଳା ଯାତ୍ରୀଙ୍କ ସୁରକ୍ଷା ଏବଂ କଲ୍ୟାଣକୁ ସକ୍ରିୟ ଭାବରେ ସୁନିଶ୍ଚିତ କରୁଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଏକ ଅଂଶ ଭାବରେ ୱାଲ୍ଟେୟାର ଡିଭିଜନ ଶ୍ରୀନିବାସ କଲ୍ୟାଣ ମଣ୍ଡପରେ ଏକ ଶୃଙ୍ଖଳା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡିଆରଏମ ଲଳିତ ବୋହରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।


**MUNICIPAL OFFICE: JEYPORE**

Ph. No-06854-[illegible], Fax No-06854-[illegible], Email- [illegible]

Letter No. [illegible] Date [illegible]

JM-TCN07/2025-26

Bid documents consisting of specification the Bill of Quantity and the Tender call notice can be seen in the Govt. website https://tendersodisha.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersodisha.gov.in/nicgep/app |
| No of works | [illegible] |
| Estimated cost | As per DTCN |
| Date & Time of Bidding in portal | From [illegible].2026 at 11:00 Hours to 13.03.2026 Upto 16:00 Hours |
| Last date & time for receipt of bids in portal | 13.03.2026 Upto 16:00 Hours |
| Offline Documents Received through Speed Post | 13.03.2026 at 16:00 Hours to 18.03.2026 Up to 11:00 Hours (Working Days Only) |
| Bids received online shall be opened on | 18.03.2026 at 11:00 Hours onwards |
| Offline Documents shall be opened in presence of the Participant Bidders | 18.03.2026 at 11:00 Hours Onwards |

OIPR-[illegible]

Executive Officer
Jeypore Municipality



"ବନ ଓ ବନ୍ୟଜନ୍ତୁ" ଆମ ଜାତୀୟ ସମ୍ପଦ, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ନିବେଦନ

ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନ ହୋଇ ନିମ୍ନଲିଖିତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା:-

୧. ଅନାମନସ୍କ ଭାବେ ଏଣେତେଣେ ଜଙ୍ଗଲ ଭିତରେ ବିଡ଼ି, ସିଗାରେଟ୍ ଫୋପାଡ଼ିବା ନାହିଁ।

୨. କୌଣସି ବ୍ୟକ୍ତି/ ସମ୍ପ୍ରଦାୟ ଯଦି ଜୋତୁକାମ କରି ନିଆଁ ଲଗାଉଥାନ୍ତି ତାଙ୍କୁ ବାରଣ କରିବା ଓ ତୁରନ୍ତ ବନ ବିଭାଗ, ବନ ସୁରକ୍ଷା ସମିତି କୁ ଜଣାଇ ନିଆଁ ଲିଭାରେ ସାହାଯ୍ୟ କରିବା।

୩. ଜଙ୍ଗଲି ହାତୀ ଓ ଅନ୍ୟ ଜୀବଜନ୍ତୁ ମାନଙ୍କୁ ଗାଁ ମୁହାଁ କରିବାକୁ ବାଧ କରିଥାଏ, ତେଣୁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ।

ଜଙ୍ଗଲ ପୋଡି ନିରାକରଣର ଉପାୟ

- ଶାଳପତ୍ର ଗୋଟାଇ, କେନ୍ଦୁପତ୍ର ଏବଂ ମହୁଲ ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ଉଚିତ।
- ଶିକାରୀ ମାନଙ୍କୁ ଶିକାର କରିବା ପାଇଁ ବାରଣ କରିବା।
- ଜଙ୍ଗଲରେ ନିଆଁ ଲାଗିଲେ କଞ୍ଚା ଡାଳ ସାହାଯ୍ୟ ରେ ତାକୁ ଲିଭାଇବା।
- ଜଙ୍ଗଲ ପୋଡି ଆରମ୍ଭ ହେବାମାତ୍ରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ବନବିଭାଗ ଓ ବନରକ୍ଷୀଙ୍କୁ ତୁରନ୍ତ ଖବର ଦେବା।
- ଜଙ୍ଗଲ ପୋଡିର ନିରାକରଣ ପାଇଁ ଗାଁ ଗାଁ ରେ ବ୍ୟାପକ ସଚେତନତା କରିବାସହ ସଭାସମିତି କରି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷାକରିବା ପାଇଁ ସାମୂହିକ ଉଦ୍ୟମ ଜାରି ରଖିବା।

କୌଣସି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇବା ସମୟରେ ଧରାପଡିଲେ କିମ୍ବା ନିଆଁ ଲଗାଇଥିବାର ପ୍ରମାଣ ମିଳିଲେ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ର ଧାରା ୨୨(୩) ନିୟମ ଆଧାରରେ ୩ ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହିତ ଟ.୧୦,୦୦୦/- (ଦଶହଜାର) ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ।

"ଆସନ୍ତୁ ଆମେ ସମସ୍ତେ ଏକଜୁଟ ହୋଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା"

ବିଃଦ୍ରଃ- ଜଙ୍ଗଲରେ ନିଆଁ ଦେଖିବା ମାତ୍ରେ ଉକ୍ତ ଅଞ୍ଚଳର ବନଖଣ୍ଡ ନିୟନ୍ତ୍ରଣ କକ୍ଷକୁ ତୁରନ୍ତ ଖବର ଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାରେ ସହାୟତା କରନ୍ତୁ।

ବଣାଇଁ ବନଖଣ୍ଡ

ଫୋନ୍:- ୦୬୬୨୨୬୨୪୪୪୬୪

କଣ୍ଟ୍ରୋଲ ରୁମ୍, ମୋ.:- ୮୨୬୦୯୪୯୬୧୩



ଇସ୍ତାହାର

[illegible]

**AFFIDAVIT**

By virtue of an affidavit No. 213, dtd. 09.03.2026 before the Executive Magistrate, Nabarangpur, I, Mohendra Kumar Bisoyi, At- Dangariguda, Po- Mokiya, Ps- Papadahandi, Dist- Nabarangpur-764071 declare that my correct name is Mohendra Kumar Bisoyi but my name wrongly recorded as Mahendra Bisoi in my Bank accounts. That both names refer to one & same person i.e. myself. Henceforth, I shall be known as **Mohendra Kumar Bisoyi** for all purposes.

**AFFIDAVIT**

I, Preeti N Jain, W/o-Naveen Kumar Jain, resident of D-59/66-41, Mahaoomargaj, Varanasi -2210101, U.P. presently residing at Flat no -502, Block -D Maa Parvati Enclave, Station Road, Barbil, PO/PS -Barbil, Dist -Keonjhar, Pin -758035, Odisha, declare by this affidavit No -9594, dated -25.10.2025, that now onwards I shall be known as **PREETI NAVEEN JAIN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Pipili, dated 09.04.2025. I, Manasi Behera, D/o: Raghunath Behera, At: Nuasasan (Patana Sahi), PO: Nuasasan, PS: Pipili, Puri-752104 declare that I have changed my name from Jayashree Behera to Manasi Behera. Henceforth, I shall be known as Manasi Behera for all purposes.

-Manasi Behera

**AFFIDAVIT**

I, Naveen Jain, S/o-Sajan Lal Jain, resident of D-59/66-41, Mahaoomargaj, Varanasi -2210101, U.P. presently residing at Flat no -502, Block -D Maa Parvati Enclave, Station Road, Barbil, PO/PS -Barbil, Dist -Keonjhar, Pin -758035, Odisha, declare by this affidavit No -9593, dated -25.10.2025, that now onwards I shall be known as **NAVEEN KUMAR JAIN** for all future purposes.

**AFFIDAVIT**

I, Gautam Kumar Naik, aged about 66 years, S/o- Narayan Nayak, resident of Plot No. 74, Basundhara Colony, Maitri Janapada, Hanspal, PO: Balianta, Dist: Khordha, State: Odisha, PIN: 752101 declared by this affidavit No. 158, dtd- 07/03/2026 that now onwards I shall be known as **GAUTAM KUMAR NAYAK** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 09/03/2026. I, **Jayanti Podh** (new name), W/o Birendra Podh, permanent & current resident of AT: Luthurbandh, VTC- Gurjibhata, PO: Luthurbandh, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Jaifula Bhua** to **Jayanti Podh**. Henceforth, I shall be known as **Jayanti Podh** (new name) for all future purposes.

**Jayanti Podh**

# ମୌଳିକ ସୁବିଧାରୁ ବଞ୍ଚିତ ଖଲିଆସାହି

ଶଗଡା, ୯।୩(ସମିସ)



ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଯୋଜନା ବ୍ଲକର ଉପାନ୍ତ ଅଞ୍ଚଳରେ ପହଞ୍ଚି ପାରୁନି। ଅନେକ ସ୍ଥାନରେ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ଗ୍ରାମ ପଞ୍ଚାୟତ ପେନାଜୋରର ଖଲିଆ ସାହିରେ। ଏହି ସାହିରେ ରହନ୍ତି ୬ ଆଦିବାସୀ ପରିବାରର ୨୫ ଜଣ ଲୋକ। ଏହି ପଡ଼ାରେ ନା ଅଛି ବିଦ୍ୟୁତ୍ କି ନା ଅଛି ପକ୍କା ରାସ୍ତା। ଯାହାଫଳରେ ବିଲ ଆଡି କଚ୍ଚା ରାସ୍ତାରେ ଲୋକେ ଯିବା ଆସିବା କରିବା ପାଇଁ ବାଧ ହେଉଛନ୍ତି। କିନ୍ତୁ ବର୍ଷା ହେଲେ ଉକ୍ତ ରାସ୍ତାରେ ଚାଲି ଯିବା ମଧ୍ୟ ସମ୍ଭବ ହେଉନି। ଗ୍ରାମକୁ ଚାରି ଚକିଆ ଯାନ ଯାଇପାରୁ ନାହିଁ। ଗାଁ ଗାଁରେ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗାଁ ରେ ତାର ଚିହ୍ନ ମଧ୍ୟ ନାହିଁ କି ଗ୍ରାମବାସୀ ବସୁଧା ଯୋଜନା ସମ୍ପର୍କରେ କିଛି ଜାଣି ନାହାନ୍ତି। ପଡ଼ାରେ ମେଗା ପାନୀୟ ଜଳ ସୁବିଧା ନ ଥିବାରୁ ଲୋକେ ନଳକୂଅରୁ ପାଣି ବ୍ୟବହାର କରିଥାନ୍ତି। ଅନେକ ସମୟରେ ନଳକୂଅର ଦୂଷିତ ପାଣି ବ୍ୟବହାର କରି ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ବ୍ୟାହତ ହେବା ସହ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଲୋକେ ଖରା ଦିନେ ଗରମରେ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ବର୍ଷା ଦିନେ ସାପ ବିଛା ଆଦି ସରୀସୃପମାନଙ୍କ ଗହଣରେ ଦିନ ବିତାଉଛନ୍ତି। ସରକାର ଗରିବ ଲୋକଙ୍କୁ

**ଅଭିଯୋଗ ଶୁଣୁନି ପ୍ରଶାସନ**

ମାଗଣାରେ ଆବାସ ଯୋଜନାରେ ଘର ପ୍ରଦାନ କରୁଥିବା ବେଳେ ଏଠାକାର ଗରିବ ଆଦିବାସୀ ପରିବାର ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଭଙ୍ଗା ଦଦରା ନଡା ଛପର ମାଟି ଘରେ ଅତି ଦହନୀୟ ଅବସ୍ଥାରେ ରହୁଛନ୍ତି। ସମସ୍ତ ସରକାରୀ ଯୋଜନା ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି। ଉକ୍ତ ସାହିର ଆଦିବାସୀ ପରିବାର ସରକାରଙ୍କ ସାବତ ପୁଅ ଭଳି ଯୋଜନାର ବହୁ ଦୂରରେ ରହିଯାଇଛନ୍ତି। ବିଦ୍ୟୁତ୍ ନ ଥିବା ସ୍ଥାନରେ ସୋଲାର ଷ୍ଟ୍ରିଟ ଲାଇଟ୍ ଲଗାଇବାର ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ମିଳି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏପଟେ ରାସ୍ତା ସହ ବିଦ୍ୟୁତ ସେବା ଯୋଗାଇବା ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରସାଶନିକ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଉକ୍ତ ସାହିକୁ କୌଣସି ଜନପ୍ରତିନିଧି କି ସରକାରୀ ଅଧିକାରୀ କାହାରି ବି ନଜର ପଡୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ପଡ଼ାବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ମକରନ୍ଦ ଭୋଇ, ରାଧାମୋହନ ଭୋଇ, ନାରାୟଣ ଆଡଜୁଆଳି, ଶ୍ରୀଧର ବାଘ, ବ୍ରଜମୋହନ ଭୋଇ ଓ ହରିହର ବାଘ ପ୍ରମୁଖ ଦାବି କରିଛନ୍ତି।

## ପୁରୀ ଗଲେ ୭୧ ତୀର୍ଥଯାତ୍ରୀ

ବୌଦ୍ଧ, ୯।୩(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାର ୭୧ ଜଣ ତୀର୍ଥଯାତ୍ରୀଙ୍କୁ ପୁରୀ ଅଭିମୁଖେ ପଠା ଯାଇଥିଲା। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ନେଇ ଯାଉଥିବା ଦୁଇଟି ବସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସମସ୍ତେ ଜଗନ୍ନାଥ ଦର୍ଶନ ପାଇଁ ବସ୍‌ରେ ଯାତ୍ରା କରିଥିଲେ।

● କଣ୍ଟାମାଳ ଅଞ୍ଚଳରେ ବିଜୁଳିର ଲୁଚକାଳି

## ପାଣି ଅଭାବରୁ ମରିବାକୁ ବସିଲାଣି ଧାନ ଚାଷ

ଶଗଡା, ୯।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍‌ରେ ଲୁଚକାଳି ଖେଳୁଛି ବିଜୁଳି। ସୂଚନାନୁଯାୟୀ, କିଛି ଦିନ ହେଲା ୩୩ କେଭି ଲାଇନ୍‌ରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ କଣ୍ଟାମାଳ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନକୁ ୩ ଘଣ୍ଟା ବି ଠିକ୍ ଭାବରେ ବିଦ୍ୟୁତ ସେବା ଯୋଗାଇବାରେ ବିଫଳ ହୋଇଛି ଟାଟା ପାୱାର। ଯାହାଫଳରେ ଚାଷୀମାନଙ୍କର ଧାନ ଚାଷ ମାରିବାକୁ ବସିଲାଣି। ଯାହାକୁ ନେଇ ଚାଷୀ ମହଲ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଦିନକୁ ଦିନ ପ୍ରଚଣ୍ଡ ଖରା ବୃଦ୍ଧି ପାଉଥିବା ବେଳେ ବିଦ୍ୟୁତ ନ ଥିବାରୁ ଲୋକମାନେ ତତଲା କଡ଼େଇରେ ଭାଜି ହେଲା ପରି ହେଉଛନ୍ତି। ବର୍ତ୍ତମାନ ମାର୍ଚ୍ଚ ମାସ ଚାଲିଥିବାରୁ ଟାଟା କମ୍ପାନୀ କର୍ମଚାରୀ ବକେୟା ଟଙ୍କା ଆଦାୟ କରିବାରେ ବ୍ୟସ୍ତ ଥିବା ବେଳେ ଲୋକଙ୍କ କଥାକୁ କିଏ ପଚାରେ ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ଖୁବଶୀଘ୍ର ଏହାର ସମାଧାନ କରିବା ପାଇଁ କଣ୍ଟାମାଳ ଅଞ୍ଚଳବାସୀ ଦାବି କରିଛନ୍ତି।

## ବର କନିଆଁ ହନୁମାନ ମଠରେ ବାର୍ଷିକ ଉତ୍ସବ



ବୌଦ୍ଧ, ୯।୩(ସମିସ): ବୌଦ୍ଧ ବ୍ଲକ ମନୁପାଲିଠାରେ ଥିବା ବର କନିଆଁ ହନୁମାନ ମଠର ସପ୍ତଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମଠର ତତ୍ତ୍ୱାବଧାରକ ବାବା ଲଛମନ ଦାଶ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସାମୁହିକ ବ୍ରତୋପନୟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡମ୍ବରୁଗଡ ମଠର ମହନ୍ତ ସର୍ବେଶ୍ୱର ଦାସଙ୍କ ସମେତ ବହୁ ସଂଖ୍ୟାରେ ସାଧୁ ସନ୍ଥ ଓ ସଜ୍ଜନ ମଣ୍ଡଳୀ ଯୋଗ ଦେଇଥିଲେ।

## ମରାଡୁଗୋଛାରେ ଯୁଗ୍ମଅଭିଯୋଗ ଶୁଣାଣି



ତରଭା, ୯।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ମରାଡୁଗୋଛା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକଙ୍କ ଉପସ୍ଥିତିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ମୋଟ ୩୨ଟି ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୧୧ଟି ସାମୁହିକ ସମସ୍ୟା ସମ୍ବନ୍ଧୀୟ ଥିଲା। ଜିଲ୍ଲାପାଳ ସମ୍ବନ୍ଧିତ ଅଧିକାରୀମାନଙ୍କୁ ଏହି ଅଭିଯୋଗ ଗୁଡ଼ିକର ସମୟବଦ୍ଧ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ, ତହସିଲଦାର ଶ୍ୱେତାଲିନା ମାହାଣା, ମରାଡୁଗୋଛା ସରପଞ୍ଚ ମନମୋହନ ସାହୁ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

## ଏସ୍‌ଟି ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଡୁଙ୍ଗୁରିପାଲି, ୯।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଏସଟି ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ମହେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଇଓ ଗଣେଶ କିଶନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ସଞ୍ଜୟ କୁମାର ପଧାନ,



ମୁଖ୍ୟବକ୍ତା ଭାବେ ସମାଜସେବୀ ବିଜୟନନ୍ଦ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ଯଶୋବନ୍ତ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସରେ ଆଲୋଚନା ଓ ସଚେତନତା



ବୌଦ୍ଧ, ୯।୩(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ମେଣ୍ଟିମାଲ ଉଚ୍ଚ ବିଦ୍ୟାଳୟଠାରେ ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ "ଆନ୍ତର୍ଜାତୀୟ ମହିଳା ଦିବସ' ଅବସରରେ ଏକ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାଙ୍କ ଅଧିକାର, ମହିଳା ସଶକ୍ତୀକରଣ, ମହିଳାଙ୍କ ସମ୍ବନ୍ଧୀୟ ବିଭିନ୍ନ ଯୋଜନା, ଗୃହ ହିଂସାରୁ ସୁରକ୍ଷା ଆଇନ, ପିସି ଏବଂ ପିଏନଡିଟି ଆଇନ, ପୋକ୍‌ସୋ ଆଇନ, ଭିକ୍ଟିମ କମ୍ପେନସେସନ୍ ଯୋଜନା, କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା ଆଇନ ଓ ଅନ୍ୟାନ୍ୟ ମହିଳା ସମ୍ବନ୍ଧୀୟ ଆଇନ ବିଷୟରେ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚୀବ ଶ୍ରଦ୍ଧାଞ୍ଜଳି ରାୟ ନିର୍ଦ୍ଦେଶକ୍ରମେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସିର ନ୍ୟାୟିକ ଅଧିକାରୀ ସୁସ୍ମିତା ପ୍ରିୟଦର୍ଶିନୀ, ମିସ୍ ନିରାଳୀ ସାମନ୍ତରାୟ ଉପସ୍ଥିତ ଥିଲେ। ଏଥିସହ ପ୍ରୋଟେକ୍ସନ୍ ଅଫିସର ସନ୍ତୋଷିନୀ ଭୋଇ, ୱାଇସିଡିଏର ପ୍ରୋଗ୍ରାମ ଅଫିସର ସୁଚରିତା ଜେନା, ବର୍ଷା ପ୍ରିୟଦର୍ଶିନୀ, ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ କୋଅର୍ଡିନେଟର ଶ୍ୱେତା ପଟ୍ଟନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

## ନୂତନ ଭାରପ୍ରାପ୍ତ ବିଡ଼ିଓଙ୍କ ଯୋଗଦାନ



ତରଭା, ୯।୩(ସମିସ): ତରଭା ବ୍ଲକର ନୂତନ ଭାରପ୍ରାପ୍ତ ବିଡ଼ିଓ ଭାବେ ଶିବାନନ୍ଦ କର୍ମୀ ସୋମବାର ଯୋଗଦେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ଡେପୁଟି କଲେକ୍ଟର ତଥା ତରଭା ଭାରପ୍ରାପ୍ତ ବିଡିଓ ଶ୍ରୀ କର୍ମୀ ଏହା ପୂର୍ବରୁ ଉଲୁଣ୍ଡା ବ୍ଲକରେ ଭାରପ୍ରାପ୍ତ ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ। ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୮୮୮ ତାରିଖ ୭/୩/୨୬ ଅନୁଯାୟୀ ଶ୍ରୀ କର୍ମୀ ତରଭା ଭାରପ୍ରାପ୍ତ ବିଡ଼ିଓ ଭାବେ ଯୋଗ ଦେଇଥିବା ଜଣାପଡିଛି।

## ଦୁର୍ଘଟଣାରେ ଅଙ୍ଗନବାଡି କର୍ମୀ ମୃତ

ଶଗଡା, ୯।୩(ସମିସ): ବାଇକ୍ ଦୁର୍ଘଟଣାରେ ଜଣେ ଅଙ୍ଗନବାଡି କର୍ମୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ସାନମନମୁଣ୍ଡା ଗ୍ରାମର ଅଙ୍ଗନବାଡି କର୍ମୀ ଶକୁନ୍ତଳା ହୋତା (୫୨)। ସୂଚନାନୁଯାୟୀ, ଅଙ୍ଗନବାଡି କର୍ମୀ ଶକୁନ୍ତଳା ହୋତା ଗତକାଲି ତାଙ୍କ ସ୍ୱାମୀ ଅନନ୍ତ ଶତପଥୀଙ୍କ ସହିତ କୌଣସି କାମରେ ବ୍ରାହ୍ମଣୀ ଗ୍ରାମକୁ ଯାଉଥିବାବେଳେ ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍‌ଟି ବିଲ ଭିତରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଅଙ୍ଗନବାଡି କର୍ମୀ ଶ୍ରୀ ହୋତା ବାଇକ୍‌ରୁ ଛିଟିକି ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ନିଜ ଗ୍ରାମ ବୁଟୁମୁଣ୍ଡାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।



## ମୁଖ୍ୟମନ୍ତ୍ରୀ ସଡ଼କ କାମ ନିମ୍ନମାନର

ବୀରମହାରାଜପୁର, ୯।୩(ସମିସ): ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ତାହା ନିମ୍ନମାନର କାମ



କରି ସରକାରୀ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବୀରମହାରାଜପୁର ବ୍ଲକ୍ ବହଳପଦର ପଞ୍ଚାୟତ ଅମରପାଲି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ଶରଧାପାଲି ଦୁର୍ଜନଟେଲା ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କାମ ଚାଲିଛି। ଏଥିପାଇଁ ସରକାର ୬କୋଟି ୧୨ଲକ୍ଷ ୨୩ହଜାର ୫୦୧ଟଙ୍କା ଯୋଗାଇ ଦେଇଛନ୍ତି। ୪କି. ମି ୮୫୦ମିଟର ପିଚୁ ରାସ୍ତା ଓ ୦.୪୨୦ମିଟର କଂକ୍ରିଟ ରାସ୍ତା ସହ କଲଭର୍ଟ ହେବାର ରହିଛି। ଗ୍ରାମ୍ୟ ଉନ୍ନୟନ ବିଭିଗ ତରଫରୁ ରଘୁନନ୍ଦନ ଅଗ୍ରୱାଲାଙ୍କ ନାମରେ ଟେଣ୍ଡର ହୋଇଛି। ୨୪।୭।୨୦୨୫ରୁ କାମ ଆରମ୍ଭ ହୋଇ ୨୩।୪।୨୦୨୬ରେ ଶେଷ ହେବ ବୋଲି ଫଳକରେ ସୂଚନା ରହିଛି। ମାତ୍ର ତାହା ଅତି ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ପୋଲଗୁଡ଼ିକରେ ଆବଶ୍ୟକ ରଡ୍ ବ୍ୟବହାର ହେଉନି। କଲଭର୍ଟଗୁଡିକ ମଧ୍ୟ ନିମ୍ନମାନର କରାଯାଉଛି। ପୋଲ କଡ଼ରେ ବାଲି ନ ଦେଇ ମାଟି ଢାଙ୍କି ଦିଆଯାଇଛି। ରାସ୍ତା କାମ ନିମ୍ନମାନର ଚାଲିଥିବା ନେଇ କନିଷ୍ଠ ଯନ୍ତ୍ରୀ ଲିପୁନ ସାଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେ ଜାଣିଶୁଣି କାର୍ଯ୍ୟକୁ ଅଣଦେଖା କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। କାମ ବେଳେ ପାଣି ପକାଯାଉନି। ଏଣୁ କାମବେଳେ ରାସ୍ତାରେ ଧୂଳି ଉଡୁଛି। କାମ ଆରମ୍ଭରୁ ମେଟାଲ ବାହାରି ଯାଉଛି। ଏହା ଫଳରେ ଲୋକେ ଯିବାଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।



## ମହାନଦୀରୁ ବାଲି ଚୋରା ଚାଲାଣ

କଣ୍ଟାମାଳ, ୯।୩(ସମିସ): ବୌଦ୍ଧ ଜିଲ୍ଲାରେ ଦୈନନ୍ଦିନ ଶହ ଶହ ବାଲି ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଛି। ଏହା ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ଦିଗରେ ପ୍ରଶାସନ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁନାହିଁ। ଅନ୍ୟପଟେ କିଛି ଅସାଧୁ ବାଲି ମାଫିଆ କିଛି କର୍ମଚାରୀଙ୍କୁ ହାତ କରି ବେଆଇନ ବାଲି ଚାଲାଣ କରୁଥିବା ଅଞ୍ଚଳରେ ଆଲୋଚନା ହେଉଛି। ଖଣିଜ ଦ୍ରବ୍ୟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲା ଖଣି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଖଣି ଅଧିକାରୀ କିନ୍ତୁ କାଁ ଭାଁ ଚଢ଼ଉ କରି ଜରିମାନା ପକାଇ ଛାଡି ଦେଉଛନ୍ତି। ଅନେକ ସ୍ଥାନରେ ଗାଡି ଜବତ କଲା ପରେ ମଧ୍ୟ ପରବର୍ତ୍ତୀ ସମୟରେ ପୁଣି ସେହି ଗାଡ଼ିରେ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ପକ୍ଷରୁ କେବଳ ଧର୍ମକୁ ଆଖିଠାର ସଦୃଶ ଚଢ଼ଉ କରାଯାଉଛି। ପରେ ପୁଣି ବେଆଇନ କାର୍ଯ୍ୟ ଜାରି ରହୁଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ମହାନଦୀ ଘାଟରୁ ବେଧଡକ ବାଲି ଚୋରାଚାଲାଣ ହେଉଛି। ଦୀର୍ଘ ବର୍ଷ ହେଲା ଏହି ପଠାରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ଦିନ ଦ୍ୱୀପହରରେ ଶହ ଶହ ଗାଡ଼ିରେ ବାଲି ଚାଲାଣ ହେଉଛି। ବାଲି ମାଫିଆଙ୍କ ବାଲି ଚାଲାଣ ଦ୍ୱାରା ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ବାଲି ଚାଲାଣ ଯୋଗୁଁ ଦିନକୁ ଦିନ ମହାନଦୀର ବାଲି ଶଯ୍ୟା ନଷ୍ଟ ହେଉଛି। ନଦୀରେ ଏବେ ଖାଲ ସହ ପଥର ଦେଖିବାକୁ ମିଳୁଛି। ଏହାଫଳରେ ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି। ବାଲି ଚୋରା ଚାଲାଣ ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ତାହା କିନ୍ତୁ ପାଳନ ହେଉନି। ବୌଦ୍ଧ ତହସିଲ ଅଧୀନରେ ଥିବା ମହାନଦୀ ଘାଟରୁ ପ୍ରଶାସନ ଜ୍ଞାତସାରରେ ଦୀର୍ଘ ବର୍ଷ ହେଲା ବେଧଡକ ଦିନରାତି ବାଲି ଚାଲାଣ କରାଯାଉଛି। ବାଲି ମାଫିଆମାନେ ନଦୀ ପଠାରେ ଶହ ଶହ ଟ୍ରାକ୍ଟର, ଭାରି ଯାନରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ବାଲି ମାଫିଆଙ୍କ ଏଭଳି ବେଆଇନ ବାଲି ଚାଲାଣ ବର୍ଷ ବର୍ଷ ଧରି ଚାଲିଆସୁଛି। ଖଣି ବିଭାଗ ସହ ତହସିଲ କର୍ତ୍ତୃପକ୍ଷ କିନ୍ତୁ ନିରବ। ଅନ୍ୟପକ୍ଷେ ଟ୍ରାକ୍ଟରଗୁଡିକରେ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ବାଲି ଲୋଡ୍ ହୋଇ ଚାଲାଣ ହେଉଛି। ପଞ୍ଚାୟତ ରାସ୍ତା ଦେଇ ଏହି ଭାରିଯାନ ଯିବା ଆସିବା କରୁଛି। ଏହାଦ୍ୱାରା ରାସ୍ତା ନଷ୍ଟ ହେଉଛି। ବାଲି ନେବା ବେଳେ ପାଲ ପଡୁନି। ରାସ୍ତା ଘାଟରେ ଏହା ପଡୁଛି। ବାଲି ଉଡି ଜନଜୀବନ ଅସ୍ତବ୍ୟସ୍ତ କରୁଛି। ସେହିଭଳି ସାଧାରଣ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଘର ତିଆରି କରିବାକୁ ଚଢା ଦରରେ ବାଲି କିଣୁଥିବା ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଟେଣ୍ଡର କରାଯାଉ ନ ଥିବାରୁ ମାଫିଆଙ୍କ ପାଇଁ ବାଲି ଚୋରାଚାଲାଣ ସହଜ ହୋଇଛି। ସେହିପରି ଯେଉଁ ସବୁ ଖାଦାନରେ ଲିଜ ଦିଆଯାଇଛି ସୀମା ବାହାରେ ବାଲି ଉଠାଣ ହେଉଛି। ବିନା ରସିଦରେ ବାଲି ନିଆଯାଉଛି। ଥରେ ରସିଦ କାଟିଦେଲେ ଦିନସାରା ବାଲି ଚୋରାରେ ଚାଲାଣ ହେଉଛି। ତେବେ ଏ ସମ୍ପର୍କରେ ବୌଦ୍ଧ ତହସିଲଦାରଙ୍କୁ ପଚାରିବାରୁ ବାଲି ଚୋରା ଚାଲାଣ କଥାକୁ ସେ ସ୍ୱୀକାର କରିଛନ୍ତି। କିଛି ଟେଣ୍ଡର ହୋଇଛି। ଆଉ କିଛି ବାକି ଅଛି। ଚଢ଼ଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ସାଇକଲରେ ଯାଇ ଲୋକଙ୍କ ଅଭିଯୋଗ ଶୁଣିଲେ ବିଡିଓ



ଡୁଙ୍ଗୁରିପାଲି, ୯।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କୀପାଲି ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣିକୁ ଡୁଙ୍ଗୁରିପାଲି ବିଡିଓ ସଞ୍ଜିବ କୁମାର ସାହୁ ହେଡ୍‌କ୍ୱାଟରରୁ ସାଇକେଲରେ ଯାଇ ପହଞ୍ଚିଥିଲେ। ଏହାଦ୍ୱାରା ନିଜ ଶରୀର ସୁସ୍ଥ ରହିବା ସହିତ ଯୁବପିଢ଼ିକୁ ଆକୃଷ୍ଟ ମଧ୍ୟ କରିବ। ସାଇକେଲରେ ଯିବା ଆସିବା କଲେ ଅର୍ଥ ସଞ୍ଚିତ ହେବା ସାଙ୍ଗକୁ ଦୁର୍ଘଟଣାର ମାତ୍ରା ମଧ୍ୟ ନିୟନ୍ତ୍ରଣକୁ ଆସିପାରିବ ବୋଲି ବିଡିଓ କହିଛନ୍ତି।

ଏହି ଶିବିରରେ ସର୍ବମୋଟ ଛଅ ଗୋଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ତିନୋଟି ଓ ସାମୂହିକ ତିନୋଟି ଆସିଥିଲା। ଅଭିଯୋଗଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓ ଆଦେଶ ଦେଇଥିଲେ। ବାଙ୍କୀପାଲି ସରପଞ୍ଚ ଲକ୍ଷ୍ମୀ ପାଣ୍ଡେଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଅତିରିକ୍ତ ବିଡିଓ ମହେଶ୍ୱର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁ, ବିପିଏ ସୁଦର୍ଶନ ପଟେଲ, ଜେଏଫଟିଏ ଅମିୟ ପ୍ରସାଦ ନାଇକ, ବାଙ୍କୀପାଲି ଭିଏଡବ୍ଲ୍ୟୁ ସ୍ୱାଧୀନ ପ୍ରଧାନ, ସାରସମାଲି ଏଲଟି ଶ୍ୟାମଲାଲ୍ ନାଗ, ସୁଭଦ୍ରା ଏଚଡିପି ଅକ୍ଷୟ ସୁନା, ବିଏସଏସଓ କ୍ଷୀରୋଦ ଭୂଷଣ ରାୟ, ବାଙ୍କୀପାଲି ଅତିରିକ୍ତ ପିଇଓ ସୁରେଶ କୁମାର ପ୍ରଧାନ, ପିଇଓ ନେହା ସାହୁ, ନିଆରଏସ ରମାକାନ୍ତ ବରିହା, ଫରେଷ୍ଟର୍ କିରନ କୁମାର ବିଶୋଇ, ଆରଡବ୍ଲୁଏସଏସ ଯନ୍ତ୍ରୀ ହିମାଦିରି ପ୍ରଧାନ, ରାମକୃଷ୍ଣ ଭୋଇ ଉପସ୍ଥିତ ଥିଲେ।

**ଚତୁର୍ଥ ଦିନରେ ସୁଭଦ୍ରା ଶକ୍ତି ମେଳା**

## ୭ ସୁଭଦ୍ରା ମା' ସମ୍ବର୍ଦ୍ଧିତ

ବୌଦ୍ଧ, ୯।୩(ସମିସ)



ବୌଦ୍ଧରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳାର ସୋମବାର ଚତୁର୍ଥ ସନ୍ଧ୍ୟା ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ତହସିଲଦାର ଅନିତା କୁମାରୀ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସିଡିପିଓ ୱାହିଦା ବେଗମ, ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ, ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁଭଦ୍ରା ମାଆ ସୁକାନ୍ତି ମେହେରଙ୍କ ସହ ଅନ୍ୟ ସୁଭଦ୍ରା ମାଆମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୃଷ୍ଟି ଡ୍ୟାନ୍ସ ଏକାଡେମୀ, ବାବା ଚମ୍ପେଶ୍ୱର କଳା ପରିଷଦ, କେଳାକଟା, ସ୍ୱଙ୍ଗ ଅନୁଷ୍ଠାନ ପଡିଆବାହାଲ, ସମ୍ବଲପୁର ଏବଂ କାଜଲ ମେଲୋଡି ଟିମ ଏବଂ ସେଲିବ୍ରିଟି ରାଜେଶ ଶତପଥି ପ୍ରମୁଖ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

ଏହି ଅବସରରେ ସୁଭଦ୍ରା ମାଆମାନଙ୍କ ମଧ୍ୟରୁ ସୂର୍ଯ୍ୟକାନ୍ତି ଲୁହା, ଜୟନ୍ତୀ ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଜ୍ୟୋତ୍ସ୍ନା ବିଶି, ସଂଯୁକ୍ତା ପକ୍ଷତ୍ର, ହାଲିମା ବିବି, ଶୁକାନ୍ତି ମେହେର ନିଜ ନିଜ ଅନୁଭୂତି ବଖାଣି ଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବକିଶୋର ଦୀପ, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସାହୁ ଏବଂ ଶୁଭଲକ୍ଷ୍ମୀ ମୁଦୁଲି ପରିଚାଳନା କରିଥିଲେ।

# ଜିଲ୍ଲା ଦୌରାଜଜଙ୍କ କୋର୍ଟ ଉଡାଇଦେବାକୁ ଧମକ





**ଭବାନୀପାଟଣା, ୯ ।୩ (ସମିସ):** କଳାହାଣ୍ଡି ଜିଲ୍ଲା କୋର୍ଟକୁ ବୋମା ପକାଇ ଉଡାଇଦେବାକୁ ଇ-ମେଲରେ ଧମକ ଆସିଛି । ଜିଲ୍ଲା ଦୌରା ଜଜ କୋର୍ଟଙ୍କ ଅଫିସିଆଲ୍ ଇ-ମେଲକୁ ଧମକପୂର୍ଣ୍ଣ ମେଲ୍ ଆସିଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ପୂର୍ବାହ୍ନରେ କୋର୍ଟକୁ ଟାଉନ ପୁଲିସ ସମେତ ବୋମା ନିରୋଧୀ ସ୍କ୍ୱାର୍ଡ ଓ ଡଗ ସ୍କ୍ୱାର୍ଡ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଉପସ୍ଥିତ ରହି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ । ତେବେ କୋର୍ଟକୁ ବୋମା ଧମକ ମିଳିବା ପରେ ସୋମବାର ପୂର୍ବାହ୍ନରେ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା । ଅପରାହ୍ନରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ଏ ନେଇ କଳାହାଣ୍ଡି ବାର ଆସୋସିଏସନର ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଜିଲ୍ଲା ଦୌରା ଜଜଙ୍କ ଅଫିସିଆଲ ମେଲକୁ ଏକ ଇମେଲ ଆସିଥିବା ଓ ସେଥିରେ କୋର୍ଟ ଭିତରେ ବୋମା ଥିବା ନେଇ ଧମକ ଥିବା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଆଜି ଏକାଥରକେ ରାଜ୍ୟର ୪ଟି କୋର୍ଟକୁ ବୋମା ଧମକ ଆସିଛି । ବରଗଡ଼ ସିଭିଲ କୋର୍ଟକୁ ଆଜି ପୁଣି ଇ-ମେଲରେ ବୋମା ଧମକ ଆସିଥିବା ବେଳେ ଦିନ ୧ଟାରେ ବୋମା ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା । ସେହିପରି ପୁରୀ ଓ କେଉଁଝର କୋର୍ଟକୁ ବି ବୋମା ଧମକ ମିଳିଥିବା ସୂଚନା ମିଳିଛି ।

## ଚାରପାଣି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

# ଟଙ୍କା ନେଇ ଶିଶୁ ସେବିକା ନିଯୁକ୍ତି ଅଭିଯୋଗ

**ତୁରେକେଲା, ୯ ।୩(ସମିସ)**

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଚାରପାଣି ଗାଁରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଟଙ୍କା ନେଇ ସରକାରୀ ଚାକିରି ଦିଆଯାଇଛି ବୋଲି ଅଭିଯୋଗ ଉଠିଛି । ଚାରପାଣି ଗ୍ରାମରେ

**ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ମହିଳାଙ୍କୁ ନିରାଶ**

**ନବମ ଶ୍ରେଣୀ ପଢ଼ିଥିବା ମହିଳାଙ୍କୁ ନିଯୁକ୍ତି**

ଥିବା ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ପ୍ରକ୍ରିୟାରେ ତଞ୍ଚକତା ହୋଇଛି । ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ମହିଳାଙ୍କୁ ନିଯୁକ୍ତି ନ ମିଳି ନବମ ଶ୍ରେଣୀ ପଢ଼ିଥିବା ଜଣେ ମହିଳାଙ୍କୁ ନିଯୁକ୍ତ କରାଯାଇଛି ବୋଲି ଅନ୍ୟମାନେ ଅଭିଯୋଗ ଆଣିଛନ୍ତି ।

ରାଜ୍ୟ ସରକାର ସମସ୍ତ ସରକାରୀ ବିଦ୍ୟାଳୟ (ଯେଉଁଠାରେ ପ୍ରଥମ ଶ୍ରେଣୀ ରହିଛି) ଗୁଡ଼ିକରେ ୫ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ପ୍ରାଥମିକ ପୂର୍ବ ଶିକ୍ଷା ପାଇଁ ଶିଶୁ ବାଟିକା ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏଥିପାଇଁ ଶିଶୁ ବାଟିକା ଖୋଲିଛି । ସରକାର ଗାଁରେ ଥିବା ଶିକ୍ଷିତ ମହିଳାମାନଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତି କରୁଛନ୍ତି । ସରକାରୀ ନିୟମ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟି ପଦର ଆବେଦନକାରୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ପରୀକ୍ଷା କରିବା ପରେ ତାଙ୍କ ଫଳାଫଳ ସହ ଯାହାର ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବ ତାଙ୍କୁ ନିଯୁକ୍ତି ଦେବା ନିୟମ ରହିଛି । ସେହି ଅନୁସାରେ ଚାରପାଣି ବିଦ୍ୟାଳୟରେ ମଧ୍ୟ ଶିଶୁ ସେବିକା ପାଇଁ ନିଯୁକ୍ତି ପ୍ରକାଶ ପାଇଥିଲା । ତେଣୁ ଏହି ପଦବୀ ପାଇଁ ଗାଁରେ ଥିବା ୭ ଜଣ ମହିଳା ଆବେଦନ କରିଥିଲେ; କିନ୍ତୁ ଦାୟିତ୍ୱରେ ଥିବା ବିଦ୍ୟାଳୟ କମିଟିର କିଛି ସଦସ୍ୟ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମିଶି ଶିଶୁ ସେବିକା ପାଇଁ ଆବେଦନ କରିଥିବା ଜଣେ ମହିଳାଙ୍କଠାରୁ ହାତଗୁଞ୍ଜା ନେଇ ତାଙ୍କ ମଧ୍ୟରେ ଭୋଟ କରି ଲଳିତା ନିଆଳି ନାମକ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି; ଯେଉଁ ମହିଳାଙ୍କ ଅନ୍ୟ ଆବେଦନକାରୀଙ୍କଠାରୁ



ଶିକ୍ଷାଗତ ଯୋଗ୍ୟତା ମଧ୍ୟ କମ୍ ରହିଛି । ତେବେ ଗୋଟିଏ ସରକାରୀ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ସହ ପରୀକ୍ଷାରେ ତାଙ୍କ ଫଳାଫଳରେ ନିଯୁକ୍ତି ଦିଆଯାଏ; କିନ୍ତୁ ଏଠାରେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ୟା ଶିକ୍ଷାଗତ ଯୋଗ୍ୟତା କମ୍ ଥିବା ମହିଳାଙ୍କୁ ପୁଣି ତାଙ୍କ ମଧ୍ୟରେ ଭୋଟ ଦେଇ କେମିତି ନିଯୁକ୍ତି କରିଛନ୍ତି ବୋଲି ଅନ୍ୟମାନେ ଅଭିଯୋଗ ଆଣିଛନ୍ତି । କେବଳ ସେତିକି ନୁହେଁ ଏହି ପଦବୀ ପାଇଁ ଆବେଦନ କରିଥିବା ଅନ୍ୟ ଜଣେ ମହିଳାଙ୍କ ନାଁରେ ମଧ୍ୟ ଭୋଟ ପଡ଼ିଥିବାରୁ ଗାଁରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଚାରପାଣି ଗାଁର ଝରଣା ନିଆର, ରୀନା ବଛା, ରିନା ହରପାଲ, ହେମକାନ୍ତି ବାଗ, ସରିତା ବନଛୋର, ପୂର୍ଣ୍ଣିମା ନିଆଲ ତୁରେକେଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ହୋଇଛି । ସିଧାସଳଖ ଟଙ୍କା ନେଇ ନିଯୁକ୍ତି ଦିଆଯାଇଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ନଜର ଦେଇ ଚାରପାଣି ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ହୋଇଥିବା ମହିଳାଙ୍କ ନିଯୁକ୍ତି ରଦ୍ଦ କରିବା ସହ ପୁନର୍ବାର ନିଯୁକ୍ତି ପ୍ରକ୍ରିୟା କରି ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି କରିବାକୁ ଏମାନେ ଦାବି କରିଛନ୍ତି ।

## ବଲାଙ୍ଗିର ଜିଲ୍ଲା

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବ୍ରେକ୍

**ବଲାଙ୍ଗିର, ୯ ।୩(ସମିସ):** ଦେଶରେ ଅନୁସୂଚିତ ଜାତି ସମ୍ପ୍ରଦାୟ ଅଧିକ ଥିବା ଗାଁଗୁଡ଼ିକର ସାମଗ୍ରୀକ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ଚିହ୍ନଟ ହୋଇଥିବା ଗାଁରେ ପକ୍କା ରାସ୍ତା, ଘର ନିର୍ମାଣ, ବିଦ୍ୟୁତ ଓ ଗ୍ୟାସ୍ ସଂଯୋଗ ବ୍ୟବସ୍ଥା, ଅଙ୍ଗନବାଡି ଓ ସ୍କୁଲ ନିର୍ମାଣ, ରୋଜଗାର, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥାଏ । ଏହି ଯୋଜନାରେ ୨ଟି ପର୍ଯ୍ୟାୟରେ ବଲାଙ୍ଗିର ଜିଲ୍ଲାର ୨୯ଟି ଗ୍ରାମକୁ ସାମିଲ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୩ଟି ଗାଁରେ ସମସ୍ତ ପ୍ରକଳ୍ପ କାମ ସରିଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୨୬ଟି ଗାଁ ପାଇଁ ଆସିଥିବା ୩ଶହ ପ୍ରକଳ୍ପରୁ ମାତ୍ର ୧୫୫ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରାୟ ୫୦ ପ୍ରତିଶତ କାମ ସରିଥିବା ବେଳେ ଅନୁଦାନ କିନ୍ତୁ ୮୦ ପ୍ରତିଶତ ଖର୍ଚ୍ଚ ହୋଇଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି; ଯାହାକି ଏହି ଯୋଜନାର କାର୍ଯ୍ୟକାରିତାରେ ଏକ ବଡ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି ।

ଦେଶରେ ଅନୁସୂଚିତ ଜାତି ବର୍ଗର ଲୋକସଂଖ୍ୟା ୫୦ ପ୍ରତିଶତରୁ ଅଧିକ ଥିବା ଗାଁକୁ ଚିହ୍ନଟ କରି ସେହି ଗାଁର ସାମଗ୍ରିକ ବିକାଶ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ଚିହ୍ନଟ ହୋଇଥିବା ଗାଁର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭିତ୍ତିଭୂମିକୁ ସୁଦୃଢ କରିବା ସହ ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନେଇ ତାହା ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗିର ଜିଲ୍ଲାର ତିନୋଟି ଗାଁକୁ ସାମିଲ କରାଯାଇଥିଲା । ୨୦୧୫-୧୬ ଆର୍ଥିକ ବର୍ଷରେ ଚିହ୍ନଟ ହୋଇଥିବା ଟିଟିଲାଗଡ଼ ବ୍ଲକ ମରଲାଡ ପଞ୍ଚାୟତର କନର୍ଲା ଗାଁରେ ୭ଟି ପ୍ରକଳ୍ପ, ବଙ୍ଗୋମୁଣ୍ଡା ବ୍ଲକ କୁଣ୍ଡାବୁଟୁଲା ପଞ୍ଚାୟତର ଡୁମେରପଡ଼ା ଗାଁରେ ୬ଟି ପ୍ରକଳ୍ପ ଓ ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ସାରସପଡ଼ା ଗାଁରେ ୪ଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା । ୧ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି ସବୁ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇଥିଲା । ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୮-୧୯ ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲାର ୮ଟି ବ୍ଲକର ୨୬ଟି ଗାଁକୁ ଚିହ୍ନଟ କରାଯାଇ ଆର୍ଥିକ

**କାମ ବନ୍ଦ, ଯୋଜନାର ସଫଳତା ନେଇ ପ୍ରଶ୍ନ**

**୨୦୨୨-୨୩ ଆର୍ଥିକ ବର୍ଷ ପରେ ଆଉ ଅନୁଦାନ ନାହିଁ**


**ବଡ ଧରଣର ଅନିୟମିତତା ଅଭିଯୋଗ**

**୫୦ ପ୍ରତିଶତ କାମରେ ୮୦ ପ୍ରତିଶତ ଅନୁଦାନ ସରିଗଲାଣି**

ଅନୁଦାନ ପ୍ରଦାନ କରାଯାଇଥିଲା । ବିଭାଗୀୟ ସୂଚନା ଅନୁସାରେ ଟିଟିଲାଗଡ଼ ବ୍ଲକ କନର୍ଲା, ବ୍ରାହ୍ମଣୀପଡ଼ା, ଲଇତରା, ତୁରୁକଭଟା, କୁଶକେଲା ଗାଁକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ସମୁଦାୟ ୮୨ଟି ପ୍ରକଳ୍ପ ପାଇଁ ୧ କୋଟି ୪୯ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୪୦ଟି ପ୍ରକଳ୍ପ ହିଁ ସମ୍ପୂର୍ଣ୍ଣ ହୋଇଛି । ବଙ୍ଗୋମୁଣ୍ଡା ବ୍ଲକର ଡୁମେରପଡ଼ା, ପୁଡାପାଲି, ବାଗବାହାଲ ଓ ମମିଆ ଗାଁ ପାଇଁ ୩୦ଟି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା । ଏଥିପାଇଁ ୧ କୋଟି ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମାତ୍ର ୧୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ମୁରିବାହାଲ ବ୍ଲକ ସାରସପଡ଼ା, ପୁତୁଲି, ଦେଜୁରୀ ଗାଁ ପାଇଁ ୨୫ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୧୮ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିଛି । ଏଥିପାଇଁ ମିଳିଥିବା ୬୯ ଲକ୍ଷ ଟଙ୍କାରୁ ୬୮ ଲକ୍ଷ ଟଙ୍କା ସରିଯାଇଛି । ସେହିପରି ପୁଇଁନ୍ତଲା ବ୍ଲକର ଦୁହେଲ, ପଲସାପଦର, ପୁଇଁନ୍ତଲା, ରଣ୍ଡା, ଆଠଗାଁ ପାଇଁ ୫୧ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ୨୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ବେଲପଡ଼ା ବ୍ଲକର ଉଡିଂ ଓ ମୁଣ୍ଡାପଲା ଗାଁ ପାଇଁ ୨୬ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ୮ ସମ୍ପୂର୍ଣ୍ଣ ହୋଇଛି । ବଲାଙ୍ଗିର ସଦର ବ୍ଲକର ପଣ୍ଡରାପିଟା, ସିନଖମନ ଓ ମାଧିଆପାଲି ଗାଁ ପାଇଁ ୪୫ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ୨୪ଟି ସମ୍ପୂର୍ଣ୍ଣ ହୋଇଛି । ଲୋଇସିଂହା ବ୍ଲକର ବାରଡୋଲ ଓ କେଉଁଟିପାଲି ଗାଁ ପାଇଁ ୨୦ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ୧୩ଟି ମାତ୍ର ସମ୍ପୂର୍ଣ୍ଣ ହୋଇଛି । ଅନ୍ୟପକ୍ଷରେ ଦେଓଗାଁ ବ୍ଲକର ଅଏଁଲାପାଲି ଓ ଫଟାମୁଣ୍ଡା ଗାଁ ପାଇଁ ୨୧ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ମାତ୍ର ୫ଟି ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲାରେ ସମୁଦାୟ ଦ୍ୱିତୀୟ ପର୍ଯ୍ୟାୟରେ ତିନି ଶହ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ ମାତ୍ର ୧୫୫ଟି କାମ ସରିଛି । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ହେଉଛି ଏହି ୩ଶହ ପ୍ରକଳ୍ପ ପାଇଁ ୭ କୋଟି ୪୮ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଅଧା ସଂଖ୍ୟକ ପ୍ରକଳ୍ପରେ ପାଖାପାଖି ୮୦ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିଦିଆଯାଇଛି । ଏବେବି ୨ କୋଟି ୨୧ ଲକ୍ଷ ଟଙ୍କା ବିଭାଗ ପାଖରେ ପଡ଼ିରହିଛି । ତେବେ ଏହି ଅନୁଦାନକୁ ମନଇଚ୍ଛା ଖର୍ଚ୍ଚ କରିଦିଆଯାଇଥିବାରୁ ସମସ୍ତ କାମ ସମ୍ପୂର୍ଣ୍ଣ ନକରି ପକାଇ ରଖାଯାଇଛି । ବିଭିନ୍ନ ସମୟରେ ଅଧିକାରୀଙ୍କୁ ପଚାରିଲେ ଅନୁଦାନ ନିଅଣ୍ଟ ଥିବା ବାହାନା ଦେଖାଇ ଖସିଯାଉଛନ୍ତି । କେନ୍ଦ୍ର ସରକାରଙ୍କ ପାଖରୁ ଆସିଥିବା ଏହି ଅନୁଦାନରେ ଅନେକ ହେରାଫେର କରାଯାଇଛି । ଏହି ସବୁ ପ୍ରକଳ୍ପ କାମ ଓ ଅନୁଦାନ ଖର୍ଚ୍ଚର ଭିଜିଲାନ୍ସ ତଦନ୍ତ କରାଗଲେ ଅନିୟମିତତା ସ୍ପଷ୍ଟ ହେବ ।

## ପୋଖରୀ କାମରେ ଦୁର୍ନୀତି

# ୩ ମାସରେ ୧୭ ଲକ୍ଷ ଟଙ୍କା ବାଣ୍ଟିନେଲେ







**ତୁରେକେଲା, ୯ ।୩(ସମିସ):** ଦାଦନ ପ୍ରବଣ ଅଞ୍ଚଳର ଗାଁଗଣ୍ଡାରେ ଲୋକଙ୍କୁ ରୋଜଗାର ମିଳୁନାହିଁ । ତେଣୁ ନିଜର ପେଟପାଟଣା ପାଇଁ ଲୋକେ ପରିବାର ଧରି ୬ ମାସ ପାଇଁ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି । ଶ୍ରମିକଙ୍କ ପାଇଁ ଖସଡ଼ା ପ୍ରସ୍ତୁତ କରି ସରକାର ଗାଁରେ ରୋଜଗାର ଯୋଗାଇବାକୁ ଯୋଜନା କରିଛନ୍ତି । ଏଥିଲାଗି ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି । ସେହି ଯୋଜନାରେ ଶ୍ରମିକଙ୍କୁ କାମ ନ ଦେଇ କିଛି ନକଲି ଶ୍ରମିକଙ୍କୁ କାଗଜପତ୍ରରେ ନିଯୁକ୍ତି କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଛି । ବଲାଙ୍ଗୀର ଜିଲ୍ଲାର ଦାଦନ ଗଡ଼ ଭାବେ ପରିଚିତ ତୁରେକେଲା ବ୍ଲକର ବଡଡକଲା ପଞ୍ଚାୟତରେ ଏହାର ପ୍ରମାଣ ମିଳିଛି ।

ବଡଡକଲା ପଞ୍ଚାୟତ ଗୁର୍ଲାଗୁଡ଼ା ଗ୍ରାମରେ ଥିବା ପଖେନ୍ ଚଚରା ପୋଖରୀ କାମ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତି କର୍ମ ନିଯୁକ୍ତି (ମନରେଗା) ଯୋଜନାରେ ୨୦୨୪/୨୦୨୫ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ୨୦୨୫ ଜାନୁଆରୀ ୨୪ରେ କାମ ଆରମ୍ଭ କରି ଶେଷ କରାଯାଇଥଲା । ପୁଣି ୨୦୨୪/୨୦୨୫ ଆର୍ଥିକ ବର୍ଷରେ ସେହି ପୋଖରୀ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ୨୦୨୫ ମେ ମାସ ୧୭ରେ କାମ ଆରମ୍ଭ କରାଯାଇଥିଲା । ଗୋଟିଏ ପୋଖରୀ ମାତ୍ର ୩ ମାସର ବ୍ୟବଧାନରେ ଦୁଇଟି ପର୍ଯ୍ୟାୟରେ ୧୭ ଲକ୍ଷ ଟଙ୍କାର ମାଟି କାମ କରାଯାଇଥିବା ଲୋକଙ୍କୁ ସନ୍ଦେହରେ ପକାଇଛି । ତଥ୍ୟ ଦେଖି ସ୍ଥାନୀୟ ଲୋକ ଏହା ସରକାରୀ ଟଙ୍କା ଆତ୍ମସାତ କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି । ସରକାରୀ ନିୟମ ଅନୁଯାୟୀ

**ସନ୍ଦେହରେ ଅଧିକାରୀଙ୍କ ଭୂମିକା**

ମନରେଗା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ମାଟି ଉନ୍ନତିକରଣ କାମ ଆରମ୍ଭ ହେଲେ ସମ୍ପୂର୍ଣ୍ଣ ରୂପେ କାମ ସରିଲା ପରେ ସେହି ପୋଖରୀର ୨ୟ ପର୍ଯ୍ୟାୟ କାମ ହୋଇପାରିବ; କିନ୍ତୁ ଏହି ପୋଖରୀ ପ୍ରଥମ ପର୍ଯ୍ୟାୟର କାମ ଶେଷ ତାରିଖ ମଧ୍ୟ ଉଲ୍ଲେଖ ନାହିଁ । ପୁଣି ୨ୟ ପର୍ଯ୍ୟାୟର କାମ ହେବା ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ସେପଟେ ସରକାରୀ ରାଜକୋଷରୁ ୧୭ ଲକ୍ଷ ଖର୍ଚ୍ଚ କରି ପୋଖରୀ କାମ କରାଯାଇଥିବା ବେଳେ ବାସ୍ତବରେ ସେତେ ଟଙ୍କାର କାମ ହୋଇ ନ ଥିବା ଅନୁମାନ କରାଯାଉଛି । ଏହି ପୋଖରୀ କାର୍ଯ୍ୟରେ ନିୟୋଜିତ ନ ଥିବା ଲୋକଙ୍କୁ ମଧ୍ୟ ଶ୍ରମିକ ସଜାଇ ତାଙ୍କ ନାଁରେ ମଧ୍ୟ ଟଙ୍କା ପକାଇ ଦାୟିତ୍ୱରେ ଥିବା ଅଧିକାରୀମାନେ ହଡ଼ପ କରୁଥିବା ଅଭିଯୋଗ ହେଉଛି । ସରକାରୀ ନିୟମ ଉଲ୍ଲଂଘନ କରି କାମ କରାଯାଇଛି । ପୂର୍ବରୁ ମଧ୍ୟ ଏହି ପୋଖରୀରେ ଅନେକ ଥର ମନରେଗା ଯୋଜନାରେ ଫାଇଲ କରି ଟଙ୍କା ଉଠାଯାଇଛି । ବାରମ୍ବାର ଏହିଭଳି ବଡଡକଲା ପଞ୍ଚାୟତରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଦେଖିବାକୁ ମିଳିଛି । ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଏ ଦିଗରେ ଆଦୌ ନଜର ଦେଉନି ।

# ଅସହାୟ ଗୋଲାପୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ଦାବି

**ଭବାନୀପାଟଣା, ୯ ।୩ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସପଲହରା ପଞ୍ଚାୟତ କଣ୍ଡରେଇଗାଁର ଗୋଲାପୀ ସାହୁ(୭୦) । ସେ ଜଣେ ବିଧବା ମହିଳା ପରିବାର ବୋଲି କେହି ନଥିବାରୁ ରୋଜଗାର କିଛି ନାହିଁ । କେବଳ ମାସକୁ ଭତ୍ତା ହଜାରେ ଟଙ୍କା ଏବଂ ୫କେଜି ଚାଉଳ ମିଳୁଛି । ଭୂମିହୀନ ବୋଲି ଆବାସ ଘର ଖଣ୍ଡେ ମଧ୍ୟ ନାହିଁ । ବହୁତ କଷ୍ଟରେ ଜୀବନ ବିତାଉଛନ୍ତି । ସୂଚନା ଅନୁସାରେ ୨୦୧୫ ମସିହା ପୂର୍ବରୁ ସେ ୩୫କିଲୋ ଚାଉଳ ପାଉଥିଲେ । କାର୍ଡ ପଞ୍ଚାୟତ ଅଫିସରେ ହଜିଗଲା ପରେ ତାଙ୍କୁ ନୂତନ ରାସନକାର୍ଡ ହେବାରୁ ବର୍ତ୍ତମାନ ୫ କିଲୋ ଚାଉଳ ମିଳୁଛି । ଯୋଗ୍ୟ ଅସହାୟ ହିତାଧିକାରୀ ହୋଇ ମଧ୍ୟ ଆଜି ପର୍ଯ୍ୟନ୍ତ ଅନ୍ତ୍ୟୋଦୟରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି । ସରକାର ଗରିବଙ୍କ ପାଇଁ ଯୋଜନ କରୁଛନ୍ତି କିନ୍ତୁ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହିଁ । ବର୍ଷେ ପୂର୍ବରୁ ଗଜାନନ ଯୁବକ ସଂଘର ସମ୍ପାଦକ ଅଶୋକ ସାହୁ ଏବଂ ତପିନ୍ଦ୍ର ସାହୁ ବ୍ଲକ ଅଫିସକୁ ଯାଇ ସରକାରୀ କର୍ମଚାରି ଦେବେନ୍ଦ୍ର ସାମଲଙ୍କୁ ଗୋଲାପୀଙ୍କ ସମସ୍ୟା ବିଷୟରେ ଜଣାଇ ଥିଲେ । କିନ୍ତୁ ଶ୍ରୀ ସାମଲ ସରକାର ଅନ୍ତ୍ୟୋଦୟ ଯୋଜନା ବର୍ତ୍ତମାନ କରି ନାହାନ୍ତି । ଯେବେ ଆସିବ ଆମେ ବ୍ୟବସ୍ଥା କରିବୁ ବୋଲି କହିଛନ୍ତି । ସରପଞ୍ଚ ଯଦି ଚାହିଁବେ ତାହେଲେ ହୋଇ ପାରିବ । ଅନ୍ୟପକ୍ଷରେ ସରପଞ୍ଚ ଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଅସହାୟ ଗରିବ ମହିଳାଙ୍କୁ ଅନ୍ତ୍ୟୋଦୟ ଯୋଜନା ରେ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି ।



# ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଅଙ୍ଗନବାଡ଼ି କର୍ମୀ

**ବେଲପଡ଼ା, ୯ ।୩(ସମିସ):** ଦୀର୍ଘ ୩୨ ବର୍ଷ ଧରି ଶିଶୁ ଓ ମା'ମାନଙ୍କୁ ପୁଷ୍ଟିକର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଉଥିଲେ । ତୃଣମୂଳସ୍ତରରେ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଉଥିଲେ; କିନ୍ତୁ ଏବେ ସେ ଶଯ୍ୟାଶାୟୀ । ଭିକ୍ଷାବୃତ୍ତି କରି ଆହାର ଯୋଗାଡ଼ କରୁଛନ୍ତି ସ୍ୱାମୀ । ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଯୁବା ପଞ୍ଚାୟତର ଝାର ଫଟାମୁଣ୍ଡା ଗାଁରେ ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ।

**୩୩ ବର୍ଷ ଧରି ସେବା ଯୋଗାଇବା ପରେ ୨୦୨୪ରୁ ଅଚଳ**

**ଚିକିତ୍ସା ପାଇଁ ଅର୍ଥ ଅଭାବ, ରାତି ପାହିଲେ ଭିକ୍ଷାବୃତ୍ତି କରୁଛନ୍ତି ସ୍ୱାମୀ**



ଏହି ଗାଁର ଗୁଲାପି ବନଗୁଲା ଦୀର୍ଘ ୩୨ ବର୍ଷ ଧରି ଅଙ୍ଗନବାଡି କର୍ମୀ ଭାବେ ଲୋକଙ୍କ ସେବା କରିବା ପରେ ଏବେ ସେ ଶଯ୍ୟାଶାୟୀ । ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଖଟରେ ପଡ଼ିରହିଛନ୍ତି । ହାତଗୋଡ଼ ଆଉ କାମ କରୁନାହିଁ । ୨ ବର୍ଷରୁ ଅଧିକ ହେବ ସେ ଏମିତି ଖଟରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି । ପରିବାର କହିଲେ କେବଳ ସ୍ୱାମୀ ରୁଦ୍ରମଣୀ । ଅବଶ୍ୟ ଝିଅମାନଙ୍କୁ ବିବାହ ଦେଇ ସାରିଛନ୍ତି । ସ୍ୱାମୀ ହିଁ ଏବେ ତାଙ୍କ ସାହା ଭରସା । ୧୯୯୧ରେ ଅଙ୍ଗନବାଡି କର୍ମୀ ଭାବେ ଭୁଲିଆବନ୍ଧ ସେଣ୍ଟରରେ ସେ କାମ ଆରମ୍ଭ କରିଥିଲେ । ମାତ୍ର ୨୭୫ ଟଙ୍କା ମାସିକ ଦରମାରେ ଅସ୍ଥାୟୀ ଭବେ ଚାକିରୀ କରିଥିଲେ । ମାତୃ ଏବଂ ଶିଶୁମାନଙ୍କ ଉନ୍ନତି ଦିଗରେ କାମ ଆରମ୍ଭ କରିଥିଲେ । ତେବେ ଦୀର୍ଘ ୩୨ ବର୍ଷ ଧରି ନିରନ୍ତର ସେବା ପରେ ଗତ ୨୦୨୪ ଏପ୍ରିଲ ୧ରୁ ଆଉ ସେ କାମ କରି ପାରୁନାହାନ୍ତି । ହଠାତ ତାଙ୍କ ଗୋଡ଼ହାତ ଅଚଳ ହୋଇଯିବାରୁ ଘରର ଚାରିକାନ୍ଥ ଭିତରେ ପଡ଼ି ରହିଛନ୍ତି । ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଛି । ଏଥିପାଇଁ ସକାଳ ହେଲେ ପ୍ରତିଦିନ ତାଙ୍କ ସ୍ୱାମୀ ଏକ ବ୍ୟାଗ ଧରି ଭିକ୍ଷାବୃତ୍ତି ପାଇଁ ଆଖପାଖ ଗାଁର ଏ ଘର ସେ ଘର ବୁଲୁଛନ୍ତି । ଯାହା ମିଳେ ତାକୁ ଦିହେଁ ଖାଇ ଦିନ କାଟନ୍ତି । ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରିଥିଲେ ମଧ୍ୟ ରୋଗ ଭଲ ହେଉନାହିଁ । ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାରୁ ସ୍ୱାମୀ ଯୋଗାଡ଼ କରି ପାରୁନାହାନ୍ତି । ଏନେଇ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମତାମତ ଦେଇଛନ୍ତି ।

## ଏମ୍‌ପିଏଲ କ୍ରିକେଟ ପ୍ରତିଯୋଗିତା

# ଷ୍ଟାରକୁ ହରାଇ ଷ୍ଟ୍ରାଇକର ଚାମ୍ପିଅନ

**କେସିଙ୍ଗା, ୯ ।୩(ସମିସ)**

ଗତ ୭ ତାରିଖରୁ କେସିଙ୍ଗା ବିଦ୍ୟାପୀଠ ଖେଳ ପଡ଼ିଆରେ ପ୍ରଥମ ଏମପିଏଲ ( ମାରୱାଡ଼ି ପ୍ରେମିୟର ଲିଗ୍) ରାତ୍ରି କ୍ରିକେଟ ଖେଳ କେସିଙ୍ଗା ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ଇତି ମଧ୍ୟରେ ରବିବାର ଦିନ ଉଦଯାପିତ ହୋଇ ଯାଇଛି ।ଆଇପିଏଲ ସ୍ତରରେ ଅନୁଷ୍ଠିତ ଉକ୍ତ ଦୁଇ ଦିନିଆ ପ୍ରତିଯୋଗିତାରେ ୧୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଗତ ଫେବୃଆରୀ ମାସ ୨୩ ତାରିଖ ଦିନ ସ୍ଥାନୀୟ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପରିସରରେ ଖେଳାଳି ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ କେସିଙ୍ଗାର ସମୁଦାୟ ୧୨ଟି ଟିମ ଓନର ଯୋଗଦେଇ ଥିଲେ ପ୍ରତ୍ୟେକ ମାଲିକଙ୍କୁ ଆୟୋଜକଙ୍କ ପକ୍ଷରୁ ୫୦ ହଜାର ପଏଣ୍ଟ ଖର୍ଚ୍ଚ କରି ଅତି ବେଶୀରେ ୭ ଜଣ ଖେଳାଳିଙ୍କୁ କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହିକ୍ରମରେ ୧୨ଟି ଟିମ ସମୁଦାୟ ୮୪ ଜଣ ଖେଳାଳିଙ୍କୁ କ୍ରୟ କରି ନିଜ ନିଜ ଟିମ୍‌ରେ ସାମିଲ କରିଥିଲେ । ଦୁଇ ଦିନ ଧରି ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଶେଷରେ ଫାଇନାଲ ଖେଳରେ କେସିଙ୍ଗା ଷ୍ଟ୍ରାଇକର ଟିମ୍ କେସିଙ୍ଗା ଷ୍ଟାରକୁ ହରାଇ ପ୍ରଥମ ଟାଇଟଲ ହାସଲ କରିଥିଲା । ବିଜେତା ଦଳକୁ ଟ୍ରଫି ସହିତ ୧୧ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଉକ୍ତ ଉଦଯାପାନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି କଂଗ୍ରେସ ଯୁବ ମୋର୍ଚ୍ଚା ସଭାପତି ମହମ୍ମଦ ସାହେବ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାରୱାଡ଼ି ଯୁବ ମଞ୍ଚ ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ନିଖିଲ ଅଗ୍ରୱାଲ, ରୁପେଶ ଜୈନ, ଅରମାନ ଅଗ୍ରୱାଲ, ଧିରଜ୍ ଅଗ୍ରୱାଲ, ସମାଜସେବୀ ରାମ କୁମାର ଜୈନ, ପ୍ରବୀଣ ଅଗ୍ରୱାଲ, ସେନପାଲ ବର୍ମାଙ୍କ ସମେତ ମାରୱାଡ଼ି ଯୁବା ମଞ୍ଚର ଅନେକ ସଦସ୍ୟ ଓ କେସିଙ୍ଗା ଅଗ୍ରୱାଲ ସଭା ର ଅନେକ କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।



# ଏମ୍‌କେସିଜିରେ ୩ମାସ ହେଲା ମିଳୁନି ପେନ୍‌କିଲର ଇଞ୍ଜେକ୍ସନ

## ହନ୍ତସନ୍ତ ହେଉଛନ୍ତି ଅସ୍ଥିଶଲ୍ୟ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ରୋଗୀ

ବ୍ରହ୍ମପୁର, ୯ ।୩ (ସମିସ): ଏମ୍‌କେସିଜି ମେଡିକାଲରେ ଦୀର୍ଘ ୩ ମାସରୁ ଅଧିକ ଦିନ ହେବ ପେନ୍-କିଲର ଇଞ୍ଜେକ୍ସନ୍‌ର ଘୋର୍ ଅଭାବ ଦେଖାଦେଇଛି । ଏହାର ପ୍ରଭାବ ସିଧାସଳଖ ରୋଗୀଙ୍କ ଉପରେ ପଡ଼ିଛି । ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମେଡିକାଲକୁ ଆସୁଥିବା ପେନ୍-କିଲର୍ ଇଞ୍ଜେକ୍ସନ ଅଭାବରୁ ରୋଗୀଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଇଛି । ସମସ୍ୟା ସମ୍ପର୍କରେ ଏକାଧିକ ବିଭାଗୀୟ ମୁଖ୍ୟ ମେଡ଼ିକାଲ ଷ୍ଟୋରକୁ ଅବଗତ କରିଥିଲେ ହେଁ ସମସ୍ୟାର ସମାଧାନ ହେଉନଥିବା ଦେଖିବାକୁ ମିଳିଛି । ଫଳରେ ଡାକ୍ତରଖାନାର ଅସ୍ଥିଶଲ୍ୟ, ସର୍ଜରୀ ଏବଂ ସ୍ତ୍ର ଓ ପ୍ରସୂତି ରୋଗ ଆଦି ବିଭାଗର ରୋଗୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ବିଶେଷକରି ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଭୟଙ୍କର ବେଦନାରେ ଛଟପଟ ହେଉଛନ୍ତି । ମେଡିକାଲକୁ ଉପରୋକ୍ତ ବିଭାଗଗୁଡ଼ିକରେ ଦୈନିକ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି । ଏମାନଙ୍କ ଚିକିତ୍ସା ସମୟରେ ଯନ୍ତ୍ରଣା ହ୍ରାସ କରିବାକୁ ତୁରନ୍ତ ପେନ୍ କିଲର ଇଞ୍ଜେକ୍ସନର ଆବଶ୍ୟକତା ରହିଥାଏ । କିନ୍ତୁ ଦୀର୍ଘ ୩ମାସ ଧରି ମେଡିକାଲ



ଷ୍ଟୋରରେ ଏହି ଇଞ୍ଜେକ୍ସନ ଉପଲବ୍ଧ ନଥିବା ଜଣାପଡ଼ିଛି ।

ସାଧାରଣତଃ ରୋଗୀଙ୍କ କଷ୍ଟ ଦୂର କରିବା ପାଇଁ ଡାଇକ୍ଲୋଫିନେକ୍ ଓ ଏସିକ୍ଲୋଫିନେକ୍ ଇଞ୍ଜେକ୍ସନ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମେଡ଼ିକାଲ ଷ୍ଟୋରରେ ତାହା ଆଦୌ ଉପଲବ୍ଧ ନାହିଁ । ଏଭଳି ସ୍ଥିତିରେ ମେଡ଼ିକାଲରେ ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ପେନ୍ କିଲର ଟାବଲେଟ ବା ବଟିକା ଦିଆଯାଉଥିଲେ ହେଁ ତାହା ସଠିକ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି । ଫଳରେ ବହୁ ସମୟରେ ରୋଗୀଙ୍କୁ ବାହାର ଔଷଧ ଦୋକାନରୁ ଅଧିକ ମୂଲ୍ୟରେ ଇଞ୍ଜେକ୍ସନ କିଣି ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସେପଟେ ଲୋକାଲ ପରଚେଜ ନିମନ୍ତେ ବ୍ୟବସ୍ଥା ରହିଥିବା ବେଳେ ଏଥିରେ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଔଷଧର ଲୋକାଲ ପରଚେଜ ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ନୀତି ନିୟମ ଅନୁକରଣ କରିବାକୁ ପଡ଼ିଥାଏ । ଏଭଳି କ୍ଷେତ୍ରରେ ପ୍ରତିଦିନ ଶତାଧିକ ରୋଗୀଙ୍କୁ ଲୋକାଲ ପରଚେଜ ଔଷଧ ଯୋଗାଇବା କଷ୍ଟକର ।

ସରକାରୀ ମେଡିକାଲରେ ମାଗଣା ଚିକିତ୍ସା ସୁବିଧା ଥିଲେ ମଧ୍ୟ ଆବଶ୍ୟକ ଔଷଧ ମିଳୁ ନ ଥିବାରୁ ରୋଗୀ ଓ ସେମାନଙ୍କ ଆତ୍ମୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଡାକ୍ତରଖାନା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ଏହି ପରିସ୍ଥିତିରେ ତୁରନ୍ତ ପେନ୍-କିଲର୍ ଇଞ୍ଜେକ୍ସନ ଯୋଗାଣ ସୁନିଶ୍ଚିତ କରି ରୋଗୀଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବାକୁ ସାଧାରଣରେ ତଥା ରୋଗୀଙ୍କ ପରିବାର ପକ୍ଷରୁ ଦାବି ହୋଇଛି । ଅନ୍ୟପକ୍ଷରେ ଇଞ୍ଜେକ୍ସନର ଲୋକାଲ ପରଚେଜ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଖୁବ୍‌ଶୀଘ୍ର ରୋଗୀଙ୍କୁ ପେନ୍ କିଲର ଇଞ୍ଜେକ୍ସନ ଯୋଗାଇ ଦିଆଯିବ ବୋଲି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।



ବିଭିନ୍ନ ଦାବି ନେଇ ବିଧାନସଭା ସମ୍ମୁଖରେ ଆଶାକର୍ମୀଙ୍କ ବିଶାଳ ବିକ୍ଷୋଭ

● ଆତଙ୍କିତ ବରଗଡ଼ ସହରବାସୀ

# ଛୁରା ମାଡ଼ରେ ପୁଣି ଜଣଙ୍କ ଜୀବନ ଗଲା

**ସନ୍ଦେହରେ ଜଣେ ଅଟକ**

ବରଗଡ଼, ୯ ।୩(ସମିସ):ବଡ଼ଗଡ଼ ସରକାରୀ ବସଷ୍ଟାଣ୍ଡ ସାମ୍ନାରେ ସୋମବାର ରାତି ୯ଟାରେ ପୁଣି ଛୁରାମାଡରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି । ମୃତକ ହେଲେ, ବରଗଡ଼ ପାଣ୍ଡରି ପଥର ଗାଁର ଉଦୟନାଥ ସୁନା । ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ କ୍ଷତାକ୍ତ ଅବସ୍ଥାରେ ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଛାତିରେ ଗଭୀର ଆଘାତ ଲାଗିବା ସହ ଅଧିକ ରକ୍ତସ୍ରାବ ହେବାରୁ ତାଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ଏକ ଛୁରି ଜବତ ହୋଇଥିବା ବେଳେ କିଏ ଓ କାହିଁକି ହତ୍ୟା କଲା, ତାହା ଅସ୍ପଷ୍ଟ ରହିଛି । ଟାଉନ୍ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର ଜଣେ ବ୍ୟକ୍ତିକୁ ସନ୍ଦେହରେ ଅଟକ ରଖିଥିବା ସୂଚନା ଦେଇଛନ୍ତି । ଆଜିର ଘଟଣାକୁ ନେଇ ସହରରେ ଏକ ପ୍ରକାର ଆତଙ୍କ ଖେଳି ଯାଇଛି ।

# ପୁରୀ କୋର୍ଟକୁ ପୁଣି ବୋମା ଧମକ

ପୁରୀ, ୯।୩ (ସମିସ): ପୁଣି ପୁରୀ କୋର୍ଟକୁ ବୋମା ଧମକ । ସୋମବାର ପୁରୀ କୋର୍ଟକୁ ଉଡ଼ାଇଦେବାକୁ ଆସିଥିଲା ଧମକପୂର୍ଣ୍ଣ ଇ-ମେଲ୍ । ଅଜଣା ଆଇଡିରୁ ଆସିଥିବା ଏହି ଧମକପୂର୍ଣ୍ଣ ମେଲ୍‌କୁ ନେଇ କିଛି ସମୟ ପାଇଁ ପୁରୀରେ ଭୟର ବାତାବରଣ ଖେଳିଯାଇଥିଲା । ଯାଞ୍ଚ ପରେ ପୁଣି ସ୍ୱାଭାବିକ ହୋଇଥିଲା କୋର୍ଟ କାର୍ଯ୍ୟ ।

ସୋମବାର କୋର୍ଟ ଖୋଲିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ହଠାତ୍ ଏକ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବା ନିମନ୍ତେ ଆସିଥିଲା ଧମକପୂର୍ଣ୍ଣ ମେଲ୍ । ଏହା ପରେ କୋର୍ଟ ସମେତ ଆଖପାଖ ଅଞ୍ଚଳ ଏପରିକି, ପୁରୀ ସହରରେ ଭୟର ବାତାବରଣ ଖେଳିଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ସଶସ୍ତ୍ର ପୁଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । କିଏ, କାହିଁକି ଓ କାହା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଇଛି, ସେନେଇ ଖୋଳତାଡ଼ କରାଯାଇଥିଲା । କୋର୍ଟ ପରିସରରେ ସମସ୍ତ କୋଠରି ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇଥିଲା । କିନ୍ତୁ ସେମିତି କୌଣସି ବିସ୍ଫୋରକ ମଧ୍ୟ ଠାବ ହୋଇନଥିଲା ।

ଏନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଫେକ୍ ଆଇଡିରୁ ଏପରି ମେଲ୍ ବାରମ୍ବାର ଆସୁଛି । ପୂର୍ବରୁ ପୁରୀ କୋର୍ଟ ସମେତ ଅନ୍ୟ କିଛି କୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା । ଏହାଦ୍ୱାରା ସମସ୍ତଙ୍କ ମନରେ ଭୟ ହେବା ସ୍ୱାଭାବିକ । ତେଣୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ବ୍ୟବସ୍ଥାକୁ ଚାଲେଞ୍ଜ ଦେଉଛନ୍ତି । ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି । ପୁଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ସେ ପ୍ରଶ୍ନ କରିଛନ୍ତି ।



ଯାଞ୍ଚ ପରେ ସ୍ୱାଭାବିକ ହେଲା କୋର୍ଟ କାର୍ଯ୍ୟ

ଅନ୍ୟପକ୍ଷରେ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, 'ପୁରୀ କୋର୍ଟକୁ ବୋମା ଥିବା ନେଇ ଧମକପୂର୍ଣ୍ଣ ମେଲ୍ ଆସିଥିଲା । ଏହାପରେ ପୁଲିସ ତୁରନ୍ତ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ସହ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ଭାବେ ସର୍ଚ୍ଚ କରିଥିଲା । ତେବେ ଯାଞ୍ଚ ପରେ କୌଣସି ବୋମା କିମ୍ବା ଅନ୍ୟ କିଛି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା । ତଦନ୍ତରୁ ଜଣାପଡ଼ିଛି, ଏହା ଏକ ଫେକ୍ ମେଲ୍ । କିନ୍ତୁ, କିଏ ଧମକପୂର୍ଣ୍ଣ ମେଲ୍ ପଠାଇଛି, ତାହାର ତଦନ୍ତ କରାଯାଉଛି । ଦୋଷୀକୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଛି ।

ପୁରୀ କୋର୍ଟକୁ ବୋମା ଧମକ ନୂଆ ନୁହେଁ । ପୂର୍ବରୁ ମଧ୍ୟ ଆସିଛି ଧମକପୂର୍ଣ୍ଣ ମେଲ୍ । ଗତ ଫେବୃଆରୀ ୬ ତାରିଖରେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା । ତଦନ୍ତ ପରେ ତାହା ମିଥ୍ୟା ଧମକ ବୋଲି ଜଣାପଡ଼ିଥିଲା । ଲଗାତାର କିଛି ମାସ ଧରି ଓଡ଼ିଶାର ବିଭିନ୍ନ କୋର୍ଟକୁ ମିଥ୍ୟା ଧମକ ଆସିବାରେ ଲାଗିଛି । ଏପରି ଧମକ ଆସିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ଖେଳିବା ସହ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ସାଇବର ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଆସୁଛି ।

## ୨ ବାଇକ୍ ଉପରେ ବୋଲେରୋ ମାଡିଯିବା ଘଟଣା; ଡ୍ରାଇଭର ଗିରଫ

# ଗାଁ ମଶାଣିରେ ଏକାଠି ଜଳିଲା ୪ଜଣଙ୍କ ଜୁଇ

ବିନିକା/ଭେଡେନ, ୯ ।୩(ସମିସ): ରବିବାର ରାତିରେ ଗୋଡଭଗା-ସୋନପୁର ରାସ୍ତାର ବରଗଡ଼ ଜିଲ୍ଲା ମେହେନା ଗାଁ ନିକଟରେ ଦୁଇ ବାଇକ୍ ଉପରେ ଏକ ବୋଲୋରୋ ମାଡିଯିବା ଘଟଣାରେ ଭେଡେନ୍ ପୁଲିସ ବୋଲୋରୋ ଡ୍ରାଇଭରକୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ, କଳାହାଣ୍ଡି ଜିଲ୍ଲା କେ. କମଗାଁ ଥାନାର ମୁକେଶ ପୁଟେଲ(୨୪) । ଅନ୍ୟପଟରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଆଜି ୪ ମୃତକଙ୍କ ଜୁଇ ଏକାଠି ଜଳିଛି ।

ସୂଚନାନୁଯାୟୀ, ସୋନପୁର ଜିଲ୍ଲା ବିନିକା ଥାନା ଘାଟି ଜାମପାଲି ଗାଁର ସନ୍ତୋଷ ପଧାନ, ତାଙ୍କ ପତ୍ନୀ କହର ପଧାନ, ବଡ ଭାଇ ଦୟାସାଗର ପଧାନ, ତାଙ୍କ ନାତି ଶ୍ରେୟାଂଶ ପଧାନ, ଦୟାସାଗରଙ୍କ ପୁଅ ଓ ପୁତୁରା ପ୍ରମୁଖ ଛଅ ଜଣ ରବିବାର ଦୁଇଟି ବାଇକରେ ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳକୁ ଏକ ବିବାହ ଉତ୍ସବକୁ ଯାଇଥିଲେ । ସେଠାରୁ ପ୍ରାୟ ରାତି ପ୍ରାୟ ୮ଟାରେ ଫେରିବା ବେଳେ ଗୋଡଭଗା-ସୋନପୁର ରାସ୍ତାର ମେହେନା ନିକଟରେ ତାଙ୍କ ଦୁଇ ବାଇକ୍‌କୁ ସାମନା ପଟରୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇ ସେମାନଙ୍କ ଉପରେ ମାଡ଼ିଯାଇଥିଲା । ଘଟଣାସ୍ଥଳରେ ହିଁ ଘାଟି ଜାମପାଲି ଗାଁର ସନ୍ତୋଷ ପଧାନ, ତାଙ୍କ ପତ୍ନୀ କହର ପଧାନ, ବଡ ଭାଇ ଦୟାସାଗର ପଧାନ ଓ ତାଙ୍କ ନାତି ଶ୍ରେୟାଂସ ପଧାନଙ୍କ ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ଦୁଇ ଗୁରୁତର ସୁମନ ପଧାନ (୧୫), ସୋମ୍ୟରଞ୍ଜନ





ପଧାନ (୨୫)ଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ମୃତ ୪ ଜଣଙ୍କ ଶବ ବୁର୍ଲାରେ ବ୍ୟବଚ୍ଛେଦ ପରେ ସୋମବାର ଅପରାହ୍ନରେ ଗାଁରେ ପହଞ୍ଚିଥିଲା । ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମର ଲୋକଙ୍କ ସହ ଅଞ୍ଚଳ ବହୁ ବ୍ୟକ୍ତିଙ୍କ ଗହଣରେ ୪ ଜଣଙ୍କ ଶବକୁ ଏକ ବିରାଟ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଏକା ସାଥିରେ ଶବଦାହ କରାଯାଇଥିଲା ।

# କାଶଲପୁର ଗ୍ରାମରେ ବରଯାତ୍ରୀଙ୍କୁ ଆକ୍ରମଣ; ଜଣେ ମୃତ

ବୌଦ୍ଧ/ଜହ୍ନାପଙ୍କ, ୯ ।୩(ସମିସ): ବୌଦ୍ଧ ଥାନା କାଶଲପୁର ଗ୍ରାମରେ ରବିବାର ରାତିରେ ବରଯାତ୍ରୀଙ୍କ ଉପରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକ ହେଲେ, ମୁଣ୍ଡାପଡା ଗ୍ରାମର ବାସୁଦେବ ଝାଙ୍କର । ଅନ୍ୟ ଜଣେ ମୁଣ୍ଡପଡା ଗ୍ରାମର ଶାନ୍ତନୁ କୁମାର ଝାଙ୍କର ଏଥିରେ ଗୁରୁତର ହୋଇଥିଲେ । ସୋମବାର ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ବୌଦ୍ଧ ପୁଲିସ ଓ ସାଇଣ୍ଟିଫିକ ଟିମ । ସୂଚନାନୁଯାୟୀ, ଗତକାଲି ରାତିରେ ବ୍ରାହ୍ମଣୀପାଲି ପଞ୍ଚାୟତ ବକପାଲି ଗ୍ରାମରୁ ଏକ ବରଯାତ୍ରୀ ଦଳ ତେଲିବନ୍ଧ ଗ୍ରାମ ପଞ୍ଚାୟତ କାଶଲପୁର ଗ୍ରାମକୁ ଆସିଥିଲେ । ବିଳମ୍ବିତ ରାତିରେ ବରଯାତ୍ରୀ ଦଳରେ ଆସିଥିବା ମୁଣ୍ଡାପଡା ଗ୍ରାମର ବାସୁଦେବ ଝାଙ୍କର ଓ ଶାନ୍ତନୁ କୁମାର ଝାଙ୍କର ନାମକ ଦୁଇ ଯୁବକଙ୍କୁ ଗ୍ରାମର ବିଦ୍ୟାଳୟ ନିକଟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରେ ବାସୁଦେବଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଶାନ୍ତନୁ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନା ଅଣାଯାଇଥିଲା । ଡାକ୍ତର ବାସୁଦେବଙ୍କୁ ମୃତ ଘୋଷଣା କରିଥିବା ବେଳେ ଶାନ୍ତନୁଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ । ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଓ ସାଇଣ୍ଟିଫିକ ଟିମ ସୋମବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରିବା ସହ ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ସୂଚନା ମିଳିଛି ।

# ବରଫ କଳ କମ୍ପ୍ରେସର ଫାଟି ଜଣେ ମୃତ


ଧରାକୋଟ, ୯ ।୩(ସମିସ): ଧରାକୋଟ ଥାନା ତାଳପାଟଣାରେ ବରଫ କଳର ମରାମତି ବେଳେ କମ୍ପ୍ରେସର୍ ଟ୍ୟାଙ୍କ ଫାଟି ଜଣେ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି । ମୃତକ ହେଲେ, ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ(୫୬) । ସେହିପରି ଆହତମାନେ ହେଲେ, ରମେଶଚନ୍ଦ୍ର ମହାପାତ୍ର (୭୫), ଶୋଭାବତୀ ମହାପାତ୍ର (୬୫) ହେମନ୍ତ ମହାପାତ୍ର (୪୮) । ସେମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳର ରମେଶ ଚନ୍ଦ୍ର ମହାପାତ୍ର ଆଇସ୍‌କ୍ରିମ୍ ବ୍ୟବସାୟ କରିବା ପାଇଁ ନିଜ ଘରେ ଏକ ଛୋଟ ଫ୍ୟାକ୍ଟ୍ରି କରିଥିଲେ । ହେଲେ ଉପଯୁକ୍ତ ଥଣ୍ଡା ନହେବାରୁ ଏହି ମେସିନକୁ ଫିଟିଂ କରିଥିବା ମେକାନିକ ବିଦେଶୀ ପ୍ରଧାନଙ୍କୁ ଡାକିଥିଲେ । ବିଦେଶୀ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର୍ ଟ୍ୟାଙ୍କଟି ଫାଟି ଯାଇଥିଲା ।

ଘଟଣାସ୍ଥଳରେ ପ୍ରବଳ ଶବ୍ଦ ହେବା ସହ ଘରର ଟିଣଟି ଉଡ଼ି ଯାଇଥିଲା । ଏହାସହ ବିଦେଶୀଙ୍କ ସମେତ ତାଙ୍କ ଘରଲୋକ ରମେଶ, ଶୋଭାବତୀ ଓ ହେମନ୍ତ ଆହତ ହୋଇଥିଲେ । ପାଖ ପଡ଼ୋଶୀ ସେମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ବିଦେଶୀଙ୍କ ମୃତ୍ୟୁ ହୋଇଯାଇଥିଲା । ରମେଶ ଓ ହେମନ୍ତ ସେଠାରେ ଚିକିତ୍ସାଧୀନ ଅଛନ୍ତି । ଧରାକୋଟ ପୁଲିସ ତଦନ୍ତ କରିବା ସହ ବିଦେଶୀଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଆଖିବୁଜିଲେ ଦୁର୍ଘଟଣାରେ ଗୁରୁତର ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ





ବଲାଙ୍ଗିର, ୯ ।୩(ସମିସ): ବଲାଙ୍ଗିର ସହର ଭିଆଇପି ରୋଡ୍ ଭାଗରଥୀ ଛକଠାରୁ ତୁଳସୀନଗର ରାସ୍ତାରେ ଥିବା ଆର୍ୟୁବେଦିକ କଲେଜ ଓ ହସ୍‌ପିଟାଲ ସମ୍ମୁଖରେ ଘଟିଥିବା ଦୁର୍ଘଟଣାରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ, ପ୍ରଥମ ବର୍ଷର ସିମରନ ଷଡ଼ଙ୍ଗୀ । ଶନିବାର ଏହି ଦୁର୍ଘଟଣା ଘଟିଥିଲା । ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର୍‌ରୁ ତାଙ୍କ ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁରେ ଆୟୁର୍ବେଦିକ କଲେଜରେ ସହପାଠୀ, ଅଧ୍ୟାପକ, କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀ ପ୍ରତିବାଦ କରିଥିଲେ । ତେବେ କଲେଜ ଅଧକ୍ଷ ଓ ସ୍ଥାନୀୟ ଥାନା ଅଧିକାରୀ ଅବନୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ ।

# ୪୪ ବସ୍ତା ଗଞ୍ଜେଇ ଜବତ



ବାଲିଗୁଡା, ୯ ।୩(ସମିସ): କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି । ଉକ୍ତ ଥାନା ପକ୍ଷରୁ ପାଟ୍ରୋଲିଂ ଓ ଯାନବାହାନ ଯାଞ୍ଚ ବେଳେ ଦାସିଗୁଡ଼ା ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଥିଲା । ଉକ୍ତ ସ୍ଥାନରେ ପୁଲିସ ଗାଡ଼ିକୁ ଦେଖି ମାଫିଆ ଗଞ୍ଜେଇ ବସ୍ତା ଛାଡ଼ି ଜଙ୍ଗଲକୁ ଦୌଡ଼ି ପଳାଇଥିଲେ । ପୁଲିସ ଯାଞ୍ଚ କରିଥିଲା । ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ତହସିଲର ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ୪୪ଟି ଜରି ଅଖାରେ ଥିବା ୭୭୮ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଏ ସଂକ୍ରାନ୍ତରେ ସାରଙ୍ଗଗଡ଼ ଥାନାରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସ୍ମିତା ଜେନା ପ୍ରକାଶ କରିଛନ୍ତି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦ୍ରାପଡ଼ା, ୯ ।୩(ସମିସ): ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଅଭିଯୁକ୍ତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳର ସୁମନ୍ତ ରାଉତ ଓରଫ୍ ଚିକୁକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସେହିପରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ପୀଡିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ମୁତାବକ, ୨୦୨୧ ସେପ୍ଟେମ୍ବର ୨୦ ତାରିଖ ରାତିରେ ସୁମନ୍ତ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ହାଇଦ୍ରାବାଦ ନେଇଯାଇଥିଲା । ସେଠାରେ ସେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ସହ ମାରପିଟ୍ କରିଥିଲା । ଏନେଇ ସେପ୍ଟେମ୍ବର ୨୧ ତାରିଖରେ ପୀଡିତାଙ୍କ ପରିବାର ଲୋକେ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ପୁଲିସ ହାଇଦ୍ରାବାଦ ଯାଇ ଅଭିଯୁକ୍ତକୁ ଘଟଣାର ପ୍ରାୟ ୨ ମାସ ପରେ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ାକୁ ଅଣାଯାଇଥିଲା । ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ପୀଡ଼ିତାଙ୍କୁ ସ୍ୱଧାର ଗୃହରେ ରଖାଯାଇଥିଲା ଓ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା । ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ଚିକୁ ଓରଫ ସୁମନ୍ତ ରାଉତକୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ମାମଲା ପରିଚାଳନା କରିଥିଲେ ।

# ତ୍ରିଲୋଚନଙ୍କ ମୃତ୍ୟୁ ହୃଦ୍‌ଘାତଜନିତ: ମନ୍ତ୍ରୀ

**ମିଲରଙ୍କ ପାଖରେ ରହିଛି ୧.୧୮ ଲକ୍ଷ ଟନ୍ ଚାଉଳ**

**ପୂର୍ବ ବର୍ଷର ୪.୯୫ ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା**

ଭୁବନେଶ୍ୱର, ୯ ।୩ (ସମିସ): ଧାନକିଣାରେ ଅବ୍ୟବସ୍ଥାରୁ ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି, ଜିଲ୍ଲାପାଳଙ୍କଠାରୁ ହସ୍ତଗତ ତଦନ୍ତ ରିପୋର୍ଟ ଅନୁସାରେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ । ଫେବୃଆରି ୧୮ରେ ତ୍ରିଲୋଚନଙ୍କ ଆକାଉଣ୍ଟକୁ ଏମ୍‌ଏସପି ଓ ଇନପୁଟ୍ ସହାୟତା ବାବଦକୁ ୧ଲକ୍ଷ ୨୦ ହଜାର ଟଙ୍କା ଯାଇଥିଲା । ସେ ୨୦ ଓ ୨୧ ତାରିଖରେ ଟଙ୍କା ଉଠାଇଛନ୍ତି । ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି । ମିଲର୍‌ମାନଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଏବଂ ସେମାନଙ୍କଠାରୁ ଅର୍ଥ ଆଦାୟ ନେଇ ବିରୋଧୀ ତଥ୍ୟ ଦେଲେ ଆମେ ତଦନ୍ତ କରିବୁ ବୋଲି ମନ୍ତ୍ରୀ କହିଛନ୍ତି ।

ସୋମବାର ମୁଲତବୀ ଆଲୋଚନାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ମୋଟ୍ ୯୨.୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା । ସେଥିମଧ୍ୟରୁ ୬୨.୮୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ହୋଇଥିଲା । ୨୬ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେବା ସହ ୩୧.୬୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପିଡିଏସ୍ ପାଇଁ ରହିଥିଲା । ବାକି ୪.୯୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି । ସେଥିମଧ୍ୟରୁ ୩.୭୯ଲକ୍ଷ ମେଟ୍ରିକ ଟନ୍ ସରକାରୀ ଗୋଦାମ ଓ ୧.୧୮ ଲକ୍ଷ ମେଟ୍ରିକ ଟନ୍ ମିଲରଙ୍କ ପାଖରେ ରହିଛି । ଖୁବ୍‌ଶୀଘ୍ର ଏଫ୍‌ସିଆଇ ୧.୫ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ଉଠାଇବ । ରାଜ୍ୟରେ ବର୍ତ୍ତମାନ ୯୭ପ୍ରତିଶତ ହିତାଧିକାରୀଙ୍କ ଇ-କେୱାଇସି ହୋଇସାରିଛି । କେୱାଇସି କରି ନଥିଲେ ବି କାହାର ଚାଉଳ କଟି ନାହିଁ । ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୪୬ ହଜାର ହିତାଧିକାରୀ ଇ-କେୱାଇସି କରିଛନ୍ତି । ଏହାସହ ବଳକା ଚାଉଳ ଯୋଗୁଁ ଧାନକିଣାରେ ସମସ୍ୟା ନେଇ ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି ।

ବର୍ତ୍ତମାନ ରାଜ୍ୟରେ ୧୨ ଲକ୍ଷ ୩୬ ହଜାର ୩୯୯ ପରିବାରର ୩୪ ଲକ୍ଷ ୭୭ ହଜାର ୫୫୦ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଥିବା ବେଳେ ୮୬ଲକ୍ଷ ୬୨୫ ପରିବାରର ୨କୋଟି ୯୧ ଲକ୍ଷ ୧୮ ହଜାର ୫୭୬ ସଦସ୍ୟ ଅଗ୍ରାଧିକାର ପରିବାର ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଦୁଇ ଶ୍ରେଣୀର ହିତାଧିକାରୀଙ୍କୁ ମିଶାଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ସମୁଦାୟ ୯୮ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

# ଓଏଏସ୍ ଓ ଓଆରଏସ୍ ଅଧିକାରୀଙ୍କ ବିରୋଧରେ ପୁଳାପୁଳା ଅଭିଯୋଗ

- ମାର୍ଚ୍ଚ ୩୧ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ ପାଇଁ ସରକାରଙ୍କ ନିର୍ଦ୍ଦେଶ
- ଅବହେଳା କଲେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୯ ।୩(ସମିସ): ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟଗୁଡ଼ିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, କନ୍ଧମାଳର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ ଓ ସମ୍ବଲପୁର ଆରଡିସିଙ୍କୁ ଚିଠି ଲେଖି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ କହିଛନ୍ତି । ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି । ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଡଃ ପାଢୀ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଅବହେଳା କିମ୍ବା ଖିଲାପ ହେଲେ ଏ ସମ୍ପର୍କିତ ମାମଲା ସରକାରଙ୍କ ଦୃଷ୍ଟିଗୋଚରକୁ ଆଣି ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି । ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ମାମଲାଗୁଡିକର ନିୟମିତ ସମୀକ୍ଷା କରି ସରକାରୀ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ।

## ଆଜିର ରାଶିଫଳ

**ମେଷ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ପରିବାର ଲୋକଙ୍କ ସହିତ ସମୟ ଅତିବାହିତ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପୂରା କରିବେ।

**ବୃଷ:** କାର୍ଯ୍ୟ ଚାପ ବଢ଼ିପାରେ। ଆର୍ଥିକ ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ପିଲାମାନେ ଖେଳକୁଦ କରିବାରେ ବ୍ୟସ୍ତ ରହିବେ। ଦାନଧର୍ମ କରନ୍ତୁ। ବୈବାହିକ ଜୀବନ ସୁଖମୟ ହେବ।

**ମିଥୁନ:** ବୁଝି ବିଚାରି କାମ କରନ୍ତୁ। ଅଯଥାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଅତିଥିଙ୍କ ସାହାଯ୍ୟରେ ସମସ୍ୟାର ସମାଧାନ ହୋଇପାରେ। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ।

**କର୍କଟ:** ମାନସିକ ଚାପରେ ରହିପାରନ୍ତି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ବାଦବିବାଦରୁ ଦୂରେଇ ରହିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଅଚାନକ ଖୁସି ଖବର ପାଇପାରନ୍ତି। ଯାନବାହନ କ୍ରୟ କରିପାରନ୍ତି। କାର୍ଯ୍ୟରେ ସଫଳତା ମିଳିବ।

**କନ୍ୟା:** ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ଅଚାନକ ଘରକୁ କୁଣିଆ ଆସିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ଅଟକି ଥିବା ଧନ ମିଳିପାରେ। ପୂଜାର୍ଚ୍ଚନାରେ ଦିନ ବିତିବ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ହେବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ହରାନ୍ତୁନି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଉଦାସ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଆଜି ଦିନ ଆପଣଙ୍କୁ ମିଶ୍ରିତ ଫଳ ଦେବ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୦୧- ଗ୍ରେଟ୍ ବ୍ରିଟେନ୍‌ରେ ପ୍ରଥମ ଥର ଜନଗଣନା ଆରମ୍ଭ ହେଲା।
- ୧୮୯୭- ସମାଜ ସଂସ୍କାରିକା ସାବିତ୍ରୀବାଈ ଫୁଲେଙ୍କ ଦେହାନ୍ତ।
- ୧୯୪୫- କଂଗ୍ରେସ ନେତା ମାଧବରାଓ ସିନ୍ଧିଆଙ୍କ ଜନ୍ମ।
- ୨୦୦୩- ଉତ୍ତର କୋରିଆ କ୍ରୁଜ୍ ମିସାଇଲ୍ ପରୀକ୍ଷା କଲା।
- ୨୦୧୦- ରାଜ୍ୟସଭାରେ ମହିଳା ଆରକ୍ଷଣ ବିଧେୟକ ପାରିତ ହେଲା।

### ଏମିତି ଏକ ବ୍ୟାଙ୍କ


# ଟଙ୍କା ବଦଳରେ ସଞ୍ଚୟ କରାଯାଏ ସମୟ



ଲୋକେ ନିଜର ସଞ୍ଚିତ ଅର୍ଥକୁ ସୁରକ୍ଷିତ ରଖିବା ଏବଂ ଆବଶ୍ୟକ ସମୟରେ ସହଜରେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କରେ ଟଙ୍କା ଜମା କରନ୍ତି। ଏହା ସେମାନଙ୍କୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହ ଟଙ୍କାକୁ ଅଧିକ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହି କ୍ରମରେ ଚଣ୍ଡିଗଡ଼ରେ ଏପରି ଏକ ବ୍ୟାଙ୍କ ଅଛି ଯେଉଁଠି ଟଙ୍କା ବଦଳରେ ସମୟକୁ ଜମା କରାଯାଏ। ଏହି ବ୍ୟାଙ୍କର ନାମ ଟାଇମ୍ ବ୍ୟାଙ୍କ। ଲୋକେ ପରସ୍ପରକୁ ସହଯୋଗ, ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହାର ପରିକଳ୍ପନା କରାଯାଇଛି। ବିଶେଷକରି ଏକୁଟିଆ ରହୁଥିବା ତଥା ଦୈନନ୍ଦିନ କାର୍ଯ୍ୟରେ ସାହାଯ୍ୟ ଲୋଡ଼ୁଥିବା ବୟସ୍କ ଲୋକଙ୍କ ପାଇଁ ଏହା ବରଦାନ ପାଲଟିଛି। ଏହି ବ୍ୟାଙ୍କ ତିନି ପ୍ରକାର ସେବା ପ୍ରଦାନ କରିଥାଏ। ଘରେ ଏକୁଟିଆ ରହୁଥିବା ବୟସ୍କଙ୍କୁ ସମୟ ଦେଇ ସେମାନଙ୍କ ଏକାକୀତ୍ୱ ଦୂର କରିବା, ବ୍ୟାଙ୍କ, ମନ୍ଦିର, ପାର୍କ କିମ୍ବା ଅନ୍ୟାନ୍ୟ ଜରୁରି କାର୍ଯ୍ୟ ପାଇଁ ସାଥିରେ ନେବା, ତୃତୀୟରେ ହସ୍‌ପିଟାଲରେ ଭର୍ତ୍ତିହେଲେ ସହାୟକ ଭାବେ ତାଙ୍କର ଦେଖାଶୁଣା କରିବା। ତେବେ ଏହି ବ୍ୟାଙ୍କର ସଦସ୍ୟତା ନେଇଥିବା ଯେଉଁ ସଦସ୍ୟମାନେ ଏପରି ସେବା ପାଇଁ ଶ୍ରମଦାନ କରନ୍ତି, ଏହା ସେମାନଙ୍କ ଖାତାରେ ଜମା ହୋଇଯାଏ। ଉକ୍ତ ସଦସ୍ୟ ଜଣକ ଏହାକୁ ଭବିଷ୍ୟତରେ ନିଜ ତଥା ପରିବାର ନିମନ୍ତେ ଉପଯୋଗ କରିପାରିବେ। ତେବେ ସଦସ୍ୟମାନେ ଦେଇଥିବା ସମୟ ଏକ ଡିଜିଟାଲ ପାସ୍‌ବୁକ୍‌ରେ ରେକର୍ଡ କରାଯାଏ। ଏହି ବ୍ୟାଙ୍କରେ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଏ। ବ୍ୟାଙ୍କ ଦ୍ୱାରା ସେବା ଯୋଗାଉଥିବା ଓ ଏହାକୁ ପ୍ରାପ୍ତ କରୁଥିବା ଲୋକଙ୍କ ଫଟୋ ଓ ଆଧାରକାର୍ଡ ସହ କେୱାଇସି ପ୍ରକ୍ରିୟା ପୂରଣ କରାଯାଏ। ତେବେ ସାହାଯ୍ୟ ଲୋଡ଼ୁଥିବା ଲୋକଙ୍କୁ ସେବା ପାଇବା ପୂର୍ବରୁ ଏବିଷୟରେ ତାଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଏ। ସେବା ପାଇବା ପରେ ବୟସ୍କ ଲୋକଙ୍କଠାରୁ ପ୍ରତିକ୍ରିୟା ନିଆଯାଏ। ନିଯୁକ୍ତ ବ୍ୟକ୍ତିଙ୍କ ନାମରେ ଅନୁଚିତ ବ୍ୟବହାର ଅଭିଯୋଗ ଆସିଲେ ତାଙ୍କର ସଦସ୍ୟତା ରଦ୍ଦ କରାଯାଏ। ତେବେ ସେବା ନେବା ପାଇଁ ଇଚ୍ଛୁକ ଲୋକେ ହ୍ୱାଟସ୍‌ଆପ୍, ଫୋନ୍ କିମ୍ବା ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ସାହାଯ୍ୟ ଲୋଡ଼ି ପାରିବେ। ତେବେ ଏହି ବ୍ୟାଙ୍କର ସଦସ୍ୟ ହେବା ପାଇଁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ ହେବା ସହ ଏଥିପାଇଁ ଟଙ୍କାଟିଏ ବି ଜମା କରିବାକୁ ପଡ଼େ ନାହିଁ। ୨୦୧୯ ରେ ଏହି ବ୍ୟାଙ୍କର ଆରମ୍ଭ ହୋଇଥିଲା। ସେତେବେଳେ ଏଥିରେ କେବଳ ପାଞ୍ଚ ଜଣ ସଦସ୍ୟ ଥିଲେ। ଏବେ ଏହି ସଂଖ୍ୟା ୪୫୦ରେ ପହଞ୍ଚିଛି।

# ନିଆରା ରେସ୍ତୋରାଁ

### ପ୍ରତି ୧୫ ମିନିଟ୍‌ରେ ହୁଏ ବର୍ଷା



ଆଜିକାଲି କାଫେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଥିମ୍‌ରେ ତିଆରି କରାଯାଉଛି। ଏହା ଗ୍ରାହକଙ୍କୁ ଆକର୍ଷିତ କରିବା ସହ ଏକ ଭିନ୍ନ ଅନୁଭୂତି ଦେଇଥାଏ। କେଉଁଠି ଜଙ୍ଗଲ ଥିମ୍ ତ ପୁଣି କେଉଁଠି ଜେଲ୍ ଥିମ୍‌ର କାଫେ ଦେଖିବାକୁ ମିଳୁଛି। ଏମିତି ଏକ ନିଆରା କାଫେ ଦକ୍ଷିଣ କୋରିଆର ରେନ୍ ରିପୋର୍ଟ। ଏଠାରେ ପ୍ରତି ୧୫ ମିନିଟ୍‌କୁ ଥରେ ବର୍ଷା ହୋଇଥାଏ। ଏଥିପାଇଁ କାଫେ ତରଫରୁ ଗ୍ରାହକଙ୍କୁ ଛତା, ରେନକୋଟ୍ ଓ ରବର ବୁଟ୍ ଯୋଗାଇ ଦିଆଯାଏ। ଯଦ୍ୱାରା ସେମାନେ ଓଦା ହେବେ ନାହିଁ। କଳାରଙ୍ଗର ଏହି କାଫେର ଚତୁଃପାର୍ଶ୍ୱରେ ବାଉଁଶ ଗଛ ଦେଖିବାକୁ ମିଳିଥାଏ। ବାହାରେ ଯେକୌଣସି ପାଗ ହୋଇଥିଲେ ବି କାଫେ ମଧ୍ୟରେ କିନ୍ତୁ ୧୫ ମିନିଟ୍‌ରେ ବର୍ଷା ହୋଇଥାଏ। କାଫେ ତରଫରୁ ଏଭଳି କୃତ୍ରିମ ବର୍ଷା କରାଯାଇଥାଏ। ବର୍ଷାରେ ଭିଜି ଗ୍ରାହକ ଶାନ୍ତି ଅନୁଭବ କରନ୍ତି। ୨୦୨୪ ମସିହାରେ ଏହି କାଫେ ଖୋଲିଥିଲା। ଏହି କାଫେ ଇନ୍‌ଷ୍ଟାଗ୍ରାମ୍ ଇନ୍‌ଫ୍ଲୁଏନ୍ସରଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇଛି। ଦକ୍ଷିଣ କୋରିଆର ସାମାଜିକ ଗଣମାଧ୍ୟମରେ ଏହି କାଫେ ବେଶ୍ ଲୋକପ୍ରିୟ ହୋଇଛି।

# ବରୁଣଙ୍କୁ ଟକ୍କର ଦେବେ ଯଶ୍

ସାଉଥ୍ ସୁପରଷ୍ଟାର୍ ଯଶ୍ 'କେଜିଏଫ୍ ୨' ପରେ 'ଟକ୍ସିକ୍: ଏ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ' ମାଧ୍ୟମରେ ପରଦାକୁ ଫେରୁଥିବାରୁ ଏହାକୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ପ୍ରଥମେ ଏହି ଫିଲ୍ମ ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା। ଏହିଦିନ ରଣବୀର ସିଂହଙ୍କ 'ଧୁରନ୍ଧର ୨' ମଧ୍ୟ ରିଲିଜ୍ ହେବ। ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ଏକାସାଙ୍ଗେ ରିଲିଜ୍ ହେଲେ ଉଭୟଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି ଟ୍ରେଡ୍ ଆନାଲିଷ୍ଟମାନେ ମତ ଦେଇଥିଲେ। ଏହାପରେ 'ଟକ୍ସିକ୍'ର ନିର୍ମାତା ଫିଲ୍ମର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିଲେ। ଏବେ ଏହା ଜୁନ୍ ୪ରେ ରିଲିଜ୍ ହେବ। ଅପରପକ୍ଷରେ ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ଦେଖି ମଧ୍ୟ ଏହାର ରିଲିଜ୍ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। 'ଟକ୍ସିକ୍' ଜୁନ୍ ୪ରେ ରିଲିଜ୍ ହେଲେ ବରୁଣ ଧୱନଙ୍କ ଫିଲ୍ମ 'ହୈ ଜବାନି ତୋ ଇସ୍କ ହୋନା ହୈ' ସହ ଏହାର ଟକ୍କର ହେବ। ଡେଭିଡ୍ ଧୱନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ବରୁଣଙ୍କ ବିପକ୍ଷରେ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ। ଏହା ଏକ ହାଲ୍‌କା ଫୁଲକା ରୋମାଣ୍ଟିକ୍ କମେଡି ହେବ। ଯଶ୍ ସାମାଜିକ ଗଣମାଧ୍ୟମରେ 'ଟକ୍ସିକ୍'ର ନୂଆ ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିବା ପରେ ଏହାକୁ ନେଇ 'ହେ ଜୱାନି ତୋ ଇସ୍କ ହୋନା ହୈ'ର ପ୍ରଯୋଜକ ଓ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ତେବେ ଯଶ୍ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଥିବାରୁ ବରୁଣଙ୍କ ଫିଲ୍ମର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ନଚେତ୍ ବରୁଣ ଓ ଯଶ୍‌ଙ୍କ ମଧ୍ୟରେ ବକ୍ସ ଅଫିସ୍‌ରେ ଏକ ବଡ଼ ଲଢ଼େଇ ଦେଖିବାକୁ ମିଳିବ।



# ପଲିହାଉସ୍‌ରେ ପରିବା ନର୍ସରୀ

**ପନିପରିବା ନର୍ସରୀ ଏକ ଲାଭ ଜନକ ବ୍ୟବସାୟ। ପଲିହାଉସ୍‌ରେ ଏହି ନର୍ସରୀ କରିବା ଦ୍ୱାରା ଅଧିକ ଲାଭ ମିଳେ। କାରଣ ଏକ ନିୟନ୍ତ୍ରିତ ବାତାବରଣରେ ଟମାଟୋ, ଲଙ୍କା, ଆଦି ପନିପରିବାର ଉନ୍ନତମାନର ଚାରା ଉତ୍ପାଦନ କରାଯାଏ। ଏହି କ୍ରମରେ ଉତ୍ତରପ୍ରଦେଶ, ଫରୁଖାବାଦ ଜିଲ୍ଲାର ସିରୋଲି କରନପୁର ଗାଁ'ର ପ୍ରବୀଣ ସୈନୀ ପଲିହାଉସ୍‌ରେ ପନିପରିବା ନର୍ସରୀ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**



ପ୍ରବୀଣ ୨୦୨୦ରେ ପଲିହାଉସ୍‌ରେ ପରିବା ନର୍ସରୀ କରିବାକୁ ନିଷ୍ପତ୍ତି ନେଇ କମ୍ ସମୟରେ ଉନ୍ନତ କିସମ, ରୋଗମୁକ୍ତ ଚାରା ପ୍ରସ୍ତୁତ କଲେ। ଏବେ ସେ ୧୦୦୦ ବର୍ଗ ମିଟରର ଦୁଇଟି ପଲିହାଉସ୍‌ରେ ଖରିଫ ଏବଂ ରବିଋତୁର ପନିପରିବା ନର୍ସରୀ କରୁଛନ୍ତି। ବର୍ଷକୁ ୪୦ ଲକ୍ଷରୁ ଅଧିକ ଚାରା ପ୍ରସ୍ତୁତ ସହ ୭-୫ ଲକ୍ଷ ଟଙ୍କାରେ ଚାରା ବିକ୍ରି କରୁଛନ୍ତି। ପଲିହାଉସ୍ ପାଇଁ ସରକାରଙ୍କ ତରଫରୁ ତାଙ୍କୁ ୫୦ପ୍ରତିଶତ ସବ୍‌ସିଡ଼ି ମିଳିଥିଲା। ସେ ପଲିହାଉସ୍‌ରେ ଜର୍ମିନେଶନ ଚ୍ୟାମ୍ବରର ବ୍ୟବସ୍ଥା, ଟ୍ରେରେ ଅଙ୍କୁରଣ ପାଇଁ କୋକୋପିଟ୍ ଉପଯୋଗ, ଉନ୍ନତ କିସମ ବିହନ ଚୟନ ଆଦିକୁ ଧ୍ୟାନ ଦେଉଥିବାରୁ ଚାରା ଭଲ ହୋଇଥାଏ। ଚାଷୀଙ୍କୁ ରୋଗମୁକ୍ତ ଚାରା ମିଳିଥାଏ। ସେଚିପାଇଁ ସେ ଡ୍ରିପ୍ ସିଞ୍ଚନ, ସ୍ପ୍ରିଙ୍କଲର ଆଦି ସୁବିଧା ସଂଯୋଗ କରିଛନ୍ତି। ପ୍ରବୀଣ ବରକୁଳ, ଭେଣ୍ଡି, କଲରା, ଟମାଟୋ, ଲଙ୍କା ଆଦି ଚାରା କରିବା ସହ ଚାଷୀଙ୍କୁ ପଲିହାଉସ୍‌ରେ ନର୍ସରୀ କରିବାକୁ ତାଲିମ ଦେଉଛନ୍ତି।



ସୁବର୍ଣ୍ଣ

# କୁଣ୍ଡ ପାଇଁ ମାଟି ପ୍ରସ୍ତୁତି

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ରହିଥାଏ। ସ୍ୱଳ୍ପ ସ୍ଥାନରେ ଏମାନେ କୁଣ୍ଡରେ ବିଭିନ୍ନ ପ୍ରକାର ଗଛ ଲଗାଇଥାନ୍ତି। ତେଣୁ କୁଣ୍ଡରେ ଗଛ ଲଗାଉଥିଲେ କିପରି ମାଟି ପ୍ରସ୍ତୁତ କରିବେ ଜାଣନ୍ତୁ।**



ଅଧିକାଂଶ କୁଣ୍ଡରେ ମାଟି ଏବଂ ଖତ ଦେଇ ଗଛ ଲଗାଇ ଦିଅନ୍ତି। ଫଳରେ କୁଣ୍ଡରେ ପାଣି ଜମି ମୂଳ ଶଢ଼ିଯାଏ। ସେଥିପାଇଁ ପ୍ରଥମେ କୁଣ୍ଡ ପାଇଁ ଦୋରସା ମାଟି ନେଇ ଏହାକୁ ଖରାରେ କିଛି ସମୟ ଶୁଖାଇ ଗୁଣ୍ଡ କରି ଦିଅନ୍ତୁ। କୁଣ୍ଡରେ ଗଛ ଲଗାଇବା ସମୟରେ ମାଟି, ଖତ, କୋକୋପିଟ୍, ଜିଆଖତ ଏବଂ ଅଳ୍ପ ବାଲି ମିଶାଇବାକୁ ଭୁଲନ୍ତୁନି। କାରଣ ଗଛରେ ଫୁଲ ଓ ଫଳ ଆସିବାକୁ ଜିଆଖତ କିମ୍ବା ଶଢ଼ା ଗୋବର ଖତ ମିଶାଇ ମାଟିରେ ଦେଲେ ମାଟିର ଉର୍ବରତା ବୃଦ୍ଧି କରେ। ମାଟିକୁ ହାଲ୍‌କା ରଖିବାକୁ କୋକୋପିଟ୍ ମିଶାଯାଏ। ଏହା ଗଛ ମୂଳରେ ଆର୍ଦ୍ରତା ବଜାୟ ରଖେ। ସେହିପରି କୁଣ୍ଡମାଟିରେ ବାୟୁ ଚଳାଚଳ ପାଇଁ ବାଲି ସର୍ବୋତ୍ତମ। କୁଣ୍ଡ ମାଟିରେ ନିମ୍ବଖତ ଏବଂ କବକ ନିୟନ୍ତ୍ରଣ ପାଇଁ ପାଉଡର ମିଶାଇ ପାରିବେ।

# ଆଖୁ ଅମଳ ଯନ୍ତ୍ର

ଆଖୁ ଚାଷ ଏକ ଲାଭଜନକ ବ୍ୟବସାୟ। ଏଥିରେ ଉନ୍ନତି ପ୍ରଣାଳୀ ଓ ଠିକ୍ ପରିଚାଳନା ଦ୍ୱାରା ଅଧିକ ଲାଭ ମିଳିଥାଏ। ଏହି ଚାଷ ପାଇଁ ଏକ ସ୍ୱତନ୍ତ୍ର ଆଖୁ ଅମଳ ଯନ୍ତ୍ର ରହିଛି। ଏହା ଏକ ଆଧୁନିକ କୃଷି ଉପକରଣ। ଏହା ଡିଜେଲ ଚାଳିତ। ଏହାର ନିଜସ୍ୱ ଇଞ୍ଜିନ ରହିଛି। ଏହି ମେସିନ୍‌ଟି ଆଖୁକୁ ମୂଳରୁ କାଟିବା ନେଇ ଶୁଖିଲା, ରୋଗଗ୍ରସ୍ତ ପତ୍ରକୁ ଅଲଗା କରିଥାଏ। ପାର୍ଶ୍ୱ ଶାଖାକୁ ସଫା କରିବା କାମ କରିଥାଏ। ତା ସହିତ ଆଖୁକୁ ଛୋଟ ଛୋଟ ଟୁକୁଡ଼ାରେ କାଟି ଏକତ୍ରିତ କରିବାକୁ ଉପଯୋଗୀ ହୋଇଥାଏ। ଶେଷରେ ମେସିନ୍ ଟ୍ରଲି ବା ଟ୍ରାକ୍ଟରରେ ଲୋଡିଂ କାମ କରିଥାଏ। ଯାହା ଆଖୁକୁ କାଟିବାଠାରୁ ନେଇ ଲୋଡିଂ କାମକୁ ସହଜ କରିଥାଏ। ଯଦିଓ ଏହି ମେସିନ୍‌କୁ ପ୍ରଥମେ କିଣିବାକୁ ଅଧିକ ଟଙ୍କା ଖର୍ଚ୍ଚ ହୁଏ ପରବର୍ତ୍ତୀ ସମୟରେ ଏକର ପିଛା ଖର୍ଚ୍ଚ କମିଯାଇଥାଏ। ଏହି ମେସିନ୍ କମ୍ ସମୟରେ ଆଖୁ କାଟିବା ସହିତ ଶ୍ରମ ହ୍ରାସ କରିଥାଏ। ଚାଷୀଭାଇମାନଙ୍କୁ ଆଖୁ ଅଧିକ ଅମଳ କରିବାକୁ ସୁଯୋଗ ପ୍ରଦାନ କରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିନି କାରଖାନାର ମାଲିକମାନେ ଏଥିରୁ ନିଜେ ଉପକୃତ ହେବା ସହ କ୍ଷୁଦ୍ରଚାଷୀଙ୍କୁ ମଧ୍ୟ ସୁବିଧା ଯୋଗାଇ ପାରନ୍ତି। ଏହି ମେସିନ୍ ବଜାରରେ ୩୦ ଲକ୍ଷରୁ ୩୫ ଲକ୍ଷ ଟଙ୍କା ମୂଲ୍ୟରେ ଉପଲବ୍ଧ। ଏହି ମେସିନ୍‌ର କ୍ଷମତା ଏବଂ ଫିଚର୍ସ ଉପରେ ମଧ୍ୟ ଏହାର ମୂଲ୍ୟ ନିର୍ଭର କରିଥାଏ। ତେବେ ଏହି ଆଖୁ ଅମଳ ଯନ୍ତ୍ରଟି ଘଣ୍ଟାରେ ପାଖାପାଖି ଏକ ଏକର ଜମିରେ ଆଖୁ କାଟି ପାରିଥାଏ।






# ଏ ମାସର ଚାଷ

**ଭାରତୀୟ କୃଷି କାର୍ଯ୍ୟ ପାଇଁ ମାର୍ଚ୍ଚ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ମାସରେ ଚାଷୀଭାଇ ଆଗାମୀ ଫସଲ ବୁଣା ପାଇଁ ଯୋଜନା ପ୍ରସ୍ତୁତ କରନ୍ତି। ତେବେ ଏହି ମାସର ମୁଖ୍ୟ ଚାଷ କାର୍ଯ୍ୟ କ'ଣ ଜାଣିବା...**

- ଡାଲୁଆ ଫସଲରେ ଥୋଡ଼ସାର ପ୍ରୟୋଗ କରନ୍ତୁ। ଗହମ, ଆଳୁ, ଓ ରବି ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରନ୍ତୁ। ମକା ଫସଲରେ ଆବଶ୍ୟକ ଥିଲେ ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୭ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମାଣ୍ଡିଆ ଲଗାଇବାର ତିନି –ଚାରି ସପ୍ତାହ ହୋଇଥିଲେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ ଦାନା ଗଠନ ସମୟରେ ଆବଶ୍ୟକ ଥିଲେ ଜଳସେଚନ କରନ୍ତୁ। ପିଆଜ ଲଗାଇବାର ୧୧୦-୧୨୫ ଦିନ ହୋଇଥିଲେ ଅମଳ କରିଦିଅନ୍ତୁ। ଫସଲର ରୋଗପୋକ ନିୟନ୍ତ୍ରଣ ପାଇଁ ସ୍ଥାନୀୟ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ପାରିବେ।

# ଏ ସପ୍ତାହ ପାଇଁ କେତେକ ପରାମର୍ଶ

### କୃଷି ପାଣିପାଗ



- ଚାଷୀଭାଇମାନେ ପନିପରିବାରେ ବାରମ୍ବାର ଜଳସେଚନ କରନ୍ତୁ।
- ଜମିରେ ଜଳ ସଂରକ୍ଷଣ ପାଇଁ ଡ୍ରିପ୍ ଓ ସିଞ୍ଚନ ପ୍ରଣାଳୀ ଜଳସେଚନକୁ ପ୍ରାଧାନ୍ୟ ଦିଅନ୍ତୁ।
- ବର୍ତ୍ତମାନ କଖାରୁ ଜାତୀୟ ପନିପରିବା ଫସଲରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ରହିଛି। ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ସିଣ୍ଟାନିଲିପ୍ରୋଲ କିମ୍ବା ୬୦ ମିଲି ଇମିଡାକ୍ଲୋପ୍ରିଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଦଳୀ ବଗିଚାରେ ଜଳସେଚନ କରନ୍ତୁ। ଗଛ ମୂଳକୁ ଶୁଖିଲା ପତ୍ର ଦ୍ୱାରା ଆଚ୍ଛାଦିକରଣ କରନ୍ତୁ। ବଢୁଥିବା କଦଳୀ କାନ୍ଦିକୁ ପତ୍ରରେ ଘୋଡ଼ାଇ ରଖନ୍ତୁ।
- କୁକୁଡ଼ାଙ୍କୁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପିଇବା ପାଣି ଦିଅନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଖାଇବାକୁ ଦିଅନ୍ତୁ।

■ ୪୮ ଟିମ୍ ଖେଳିବେ ୧୦୪ଟି ମ୍ୟାଚ୍

# ଜୁନ୍ ୧୧ରୁ ଫିଫା ବିଶ୍ୱକପ୍ ଫୁଟବଲ୍

**ଲସ୍‌ଆଞ୍ଜେଲସ, ୯ ।୩(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲରେ ଫିଫା ବିଶ୍ୱକପ୍ର ୨୩ତମ ସଂସ୍କରଣ ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏଥିଲାଗି ଫିଫା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଖେଳସୂଚୀ ପ୍ରକାଶ କରାଯାଇଛି। ୩୯ ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୪୮ଟି ଦେଶ ୧୬ଟି ସହରରେ ୧୦୪ଟି ମ୍ୟାଚ୍ ଖେଳିବେ। ମେକ୍ସିକୋ ସିଟିର ଇଷ୍ଟାଡିଓ ଆଜଟେକା (ଷ୍ଟାଡିୟମ୍)ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦଘାଟନୀ ମୁକାବିଲା ଖେଳାଯିବ। ଆମେରିକାର ମେଟ୍‌ଲାଇଫ ଷ୍ଟାଡିୟମ୍‌ରେ ଜୁଲାଇ ୧୯ ତାରିଖରେ ଫାଇନାଲ ମୁକାବିଲା ହେବ।

### ସଂକ୍ଷେପରେ ଫିଫା ବିଶ୍ୱକପ୍ ୨୦୨୬



ଆୟୋଜକ ଦେଶ : ଆମେରିକା, ମେକ୍ସିକୋ, କାନାଡ଼ା
ଆୟୋଜନ ସମୟ : ଜୁନ୍ ୧୧ରୁ ଜୁଲାଇ ୧୯
ଆୟୋଜକ ସହର : ୧୬ଟି
ମୋଟ ଖେଳ ଦିବସ : ୩୯ ଦିନ
ଅଂଶଗ୍ରହଣକାରୀ ଦଳ : ୪୮
ଗ୍ରୁପ୍ ପର୍ଯ୍ୟାୟ ଖେଳ : ଜୁନ୍ ୧୧ରୁ ୨୭
ରାଉଣ୍ଡ ଅଫ୍ ୩୨ : ଜୁନ୍ ୨୯ ରୁ ଜୁଲାଇ ୩
କ୍ୱାର୍ଟରଫାଇନାଲ : ଜୁଲାଇ ୪ ଓ ୬
ସେମିଫାଇନାଲ : ଜୁଲାଇ ୯ ଓ ୧୧
ଫାଇନାଲ : ଜୁଲାଇ ୧୯, ନ୍ୟୁ ଜର୍ସି

### କେଉଁ ଗ୍ରୁପ୍‌ରେ କିଏ

ଗ୍ରୁପ୍-ଏ : ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ବି : କାନାଡ଼ା, କତାର, ସ୍ୱିଜରଲାଣ୍ଡ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ସି : ବ୍ରାଜିଲ, ମରୋକ୍କୋ, ହାଇତି ଓ ସ୍କଟଲାଣ୍ଡ।
ଗ୍ରୁପ୍-ଡି : ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଇ : ଜର୍ମାନୀ, କୁରାକାଓ, ଆଇଭରୀ କୋଷ୍ଟ ଓ ଇକ୍ୱେଡର।
ଗ୍ରୁପ୍-ଏଫ : ନେଦରଲାଣ୍ଡସ, ଜାପାନ, ଟ୍ୟୁନିସିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଜି : ବେଲଜିୟମ, ଇଜିପ୍ଟ, ଇରାନ ଓ ନ୍ୟୁଜିଲାଣ୍ଡ।
ଗ୍ରୁପ୍-ଏଚ୍ : ସ୍ପେନ୍, କେପ୍ ଭେର୍ଡେ, ସାଉଦି ଆରବ ଓ ଉରୁଗୁଏ।
ଗ୍ରୁପ୍-ଆଇ : ଫ୍ରାନ୍ସ, ସେନେଗାଲ, ନରୱେ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ଜେ : ଆର୍ଜେଣ୍ଟିନା, ଆଲଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ।
ଗ୍ରୁପ୍-କେ : ପର୍ତ୍ତୁଗାଲ, କଲମ୍ବିଆ, ଉଜ୍‌ବେକିସ୍ତାନ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଏଲ୍ : ଇଂଲଣ୍ଡ, କ୍ରୋଏସିଆ, ଘାନା ଓ ପାନାମା।

## ବ୍ରାଜିଲ ଫୁଟ୍‌ବଲ ଲିଗ୍ ଗୋଟିଏ ମ୍ୟାଚରେ ୨୩ ରେଡ୍ କାର୍ଡ

**ନୂଆଦିଲ୍ଲୀ, ୯ ।୩ (ଏଜେନ୍ସି):** ବ୍ରାଜିଲର ଶ୍ରେଷ୍ଠ ଘରୋଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'କାମ୍ପେଓନାଟୋ ମିନେଇରୋ'ର ଫାଇନାଲରେ ଏକାଧିକ ବିଶୃଙ୍ଖଳିତ ଆଚରଣ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ରେଫରୀ ସମ୍ପୂର୍ଣ୍ଣ ମ୍ୟାଚରେ ୨୩ଟି ରେଡ୍ କାର୍ଡ ଦେଖାଇଥିଲେ। ଗତକାଲି କ୍ରୁଜେଇରୋ କ୍ଲବ ଓ ଆଟଲେଟିକୋ ମିନେଇରୋ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚର ଶେଷ ମୁହୂର୍ତ୍ତରେ ଖେଳାଳି, ବଦଳ ଖେଳାଳି ଓ କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରେ ପଡ଼ିଆ ମଧ୍ୟରେ ଗଣ ସଂଘର୍ଷ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ଶେଷରେ ସୁରକ୍ଷାକର୍ମୀ ଓ ସାମରିକ ପୁଲିସଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହି ଘଟଣାରେ ରେଫରୀ ପୂର୍ବତନ ବ୍ରାଜିଲ ଖେଳାଳି ହଲ୍କ'ଙ୍କ ସମେତ ୨୩ଜଣଙ୍କୁ ରେଡ କାର୍ଡ ଦେଖାଇ ପଡ଼ିଆରୁ ବାହାର କରିଥିଲେ। ଆଟଲେଟିକୋର ଗୋଲରକ୍ଷକ ଏଭରସନ ପ୍ରତିପକ୍ଷ ଖେଳାଳି କ୍ରିଷ୍ଟେନଙ୍କୁ ଧକ୍କା ମାରି ପଡ଼ିଆରେ ପକାଇବା ସହ ଦୁଇ ଆଣ୍ଠୁରେ ବେକକୁ ଚାପି ଦେଇଥିଲେ।

# ପରବର୍ତ୍ତୀ ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ: ସୂର୍ଯ୍ୟକୁମାର



ଅହମ୍ମଦାବାଦ୍, ୯ ।୩(ଏଜେନ୍ସି)

ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ହରାଇ ଭାରତ ତୃତୀୟଥର ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ ଦଳ ତାହାର ପରବର୍ତ୍ତୀ ଲକ୍ଷ୍ୟ ସ୍ଥିର କରିସାରିଛି। 'ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଲସ୍ ଆଞ୍ଜେଲସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଓ ସେହିବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶକପ୍ ଜିତିବା'। ଘରୋଇ ମାଟିରେ ପ୍ରଥମଥର କୌଣସି ଏକ ଦଳ ଟି-୨୦ ବିଶ୍ୱକପ୍‌ରେ ବିଜୟୀ ହୋଇଛି। ଭାରତସାରା ଏହି ବିଜୟକୁ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ବିଶ୍ୱକପ୍ ବିଜୟ ଆମ ଲାଗି ସ୍ୱତନ୍ତ୍ର। ଆମର ଭୟଶୂନ୍ୟ, ଆକ୍ରମଣାତ୍ମକ ଖେଳ ଶୈଳୀ ଟାଇଟଲ ଜିତିବାରେ ସହାୟକ ହୋଇଛି। ଏହି ଶୈଳୀକୁ ଆମେ ବଜାୟ ରଖିବୁ ବୋଲି ସେ କହିଛନ୍ତି। ଭାରତ ଏଠାରେ ଚାମ୍ପିଅନ ହୋଇଥିଲାବେଳେ ସୂର୍ଯ୍ୟକୁମାର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ।

### ଦୁଇ ଅଙ୍କ ଟପି ନାହାନ୍ତି ଭାରତୀୟ ଅଧିନାୟକ

ଚଳିତ ବିଶ୍ୱକପ୍‌କୁ ମିଶାଇ ଭାରତ ୪ଥର ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତର କୌଣସି ଅଧିନାୟକ ଦୁଇ ଅଙ୍କ ଟପି ନାହାନ୍ତି। ୨୦୦୭ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ବିପକ୍ଷରେ ଅଧିନାୟକ ଏମ୍‌ଏସ୍ ଧୋନି ୧୦ବଲ୍‌ରେ ୬ ରନ୍ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟଥର ଫାଇନାଲ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲା। ଏଥିରେ ଧୋନି ୭ ବଲ ଖେଳି ୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଅଧିନାୟକ ରୋହିତ ଶର୍ମା ୫ବଲ୍‌ରୁ ୯ ରନ୍ କରିଥିଲେ। ଏଥର ଫାଇନାଲରେ ଅଧିନାୟକ ସୂର୍ଯ୍ୟକୁମାର ପ୍ରଥମ ବଲ୍‌ରେ ଆଉଟ ହୋଇ ଖାତା ଖୋଲି ପାରି ନ ଥିଲେ।

### ଭାରତକୁ ପରିବେଶ ସୁହାଇବା ଯୁକ୍ତି ଅଯୌକ୍ତିକ

ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଛି ବୋଲି କିଛି ନିନ୍ଦୁକ ଅଭିଯୋଗ ଆଣିଛନ୍ତି। ଏହାକୁ ଘୋର ବିରୋଧ କରିଛନ୍ତି ଅଷ୍ଟ୍ରେଲୀୟ କ୍ରୀଡ଼ା ସାମ୍ବାଦିକ ନିଲ ଗାର୍ଡନର। ତାଙ୍କ ମତରେ ଭାରତ ଲାଗ୍ ଲାଗ୍ ଭିନ୍ନ ଭିନ୍ନ ପରିବେଶରେ ଦୁଇଥର ଚାମ୍ପିଅନ ହୋଇଛି। ଦଳରେ ମଧ୍ୟ ଭିନ୍ନ ଭିନ୍ନ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଘରୋଇ ପରିବେଶ ଭାରତକୁ ଫାଇଦାରେ ରଖିଛି ବୋଲି କହିବା ଅଯୌକ୍ତିକ। ସତକଥା କହିବାକୁ ଗଲେ ସୀମିତ ଓଭର କ୍ରିକେଟରେ ଭାରତ ଏବେ ବିଶ୍ୱରେ ସର୍ବଶ୍ରେଷ୍ଠ ଦଳ ବୋଲି ଗାର୍ଡନର କହିଛନ୍ତି।

### ଦୁଇ ଦିନ ପୂର୍ବରୁ ଇଶାନଙ୍କ ଭଉଣୀ ଓ ଭିଣୋଇ ମୃତ୍ୟୁବରଣ କରିଥିଲେ

ଭାରତୀୟ ଦଳର ଅନ୍ୟତମ ୱିକେଟ ରକ୍ଷକ/ବ୍ୟାଟର ଇଶାନ କିଶାନ ଟି-୨୦ ବିଶ୍ୱକପ୍ ଫାଇନାଲର ଦୁଇ ଦିନ ପୂର୍ବରୁ ତାଙ୍କ ସମ୍ପର୍କୀୟ ଭଉଣୀ ଓ ଭିଣୋଇଙ୍କୁ ହରାଇଥିଲେ। ସେମାନେ ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏହି ଖବର ଫାଇନାଲ ପୂର୍ବଦିନ ତାଙ୍କୁ ମିଳିଥିଲା। ଫଳରେ ଇଶାନ ବିବ୍ରତ ହୋଇପଡ଼ିଥିଲେ ବୋଲି ଫାଇନାଲ ଜିତିବା ପରେ କହିଛନ୍ତି। ମୋତେ ଏମାନେ ସର୍ବଦା ଉତ୍ସାହିତ କରୁଥିଲେ ଓ ବଡ଼ ସ୍କୋର କରିବା ଲାଗି କହୁଥିଲେ। ଫାଇନାଲରେ ଇଶାନ ୨୫ ବଲ୍‌ରୁ ୫୨ ରନ୍ କରିଥିଲେ। ତାଙ୍କ ବ୍ୟାଟିଂ ଦମଦାର ଥିଲା। ଭାରତ ଜିତିବା ପରେ ଗର୍ଲଫ୍ରେଣ୍ଡ ଅଦିତି ହୁଣ୍ଡିଆଙ୍କ ସହ ଇଶାନଙ୍କୁ ପଡ଼ିଆରେ ବିଜୟ ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା।

### ୩ ବର୍ଷରେ ୬ ବିଶ୍ୱ ଟାଇଟଲ, ଭାରତ ଏବେ କ୍ରିକେଟରେ ସୁପର ପାୱାର; ଶାହ

ଗତ ୩ ବର୍ଷରେ ଭାରତର ବିଭିନ୍ନ କ୍ରିକେଟ ଦଳ ୬ଟି ବିଶ୍ୱକପ୍ ଟାଇଟଲ ବିଜୟୀ ହୋଇଛି। ଏହା ପ୍ରମାଣିତ କରୁଛି ଯେ ଭାରତ ଏବେ ବିଶ୍ୱକ୍ରିକେଟରେ ସୁପର ପାୱାର ବୋଲି ଅହମ୍ମଦାବାଦ୍‌ରେ ଫାଇନାଲ ଖେଳ ଦେଖୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି।

ଶାହଙ୍କ କହିବା ଅନୁଯାୟୀ ୨୦୨୬ରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ୨୦୨୫ରେ ମହିଳା ଦଳ ଦିନିକିଆ ବିଶ୍ୱକପ୍, ଦୃଷ୍ଟିବାଧିତ ଟି-୨୦ ମହିଳା ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ରେ ଟାଇଟଲ ଜିତିଥିଲା। ଏହା ପୂର୍ବରୁ ୨୦୨୪ରେ ଭାରତୀୟ ପୁରୁଷ ଦଳ ଟି-୨୦ ବିଶ୍ୱକପ୍ ଜିତି ଏହି ସଫଳ ଅଧ୍ୟାୟ ଆରମ୍ଭ କରିଥିଲା।

### ଅଭିଶପ୍ତ ନୁହେଁ ଅହମ୍ମଦାବାଦ୍

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ଓ ଚଳିତ ବିଶ୍ୱକପ୍ ସୁପର ଏଇଟ୍‌ସରେ ଦକ୍ଷିଣ ଆଫ୍ରିକାଠାରୁ ସୁପର ଏଇଟ୍‌ସ ମୁକାବିଲା ହାରିଯିବା ପରେ ଅହମ୍ମଦାବାଦ୍ ଷ୍ଟାଡିୟମ୍ ଭାରତ ଲାଗି ଅଭିଶପ୍ତ ବୋଲି ଜୋର ଚର୍ଚ୍ଚା ହୋଇଥିଲା। ଏପରିକି ଯେଉଁ କାରଣ ଲାଗି ହେଉ ବରଂ ଭାରତ ହୋଟେଲ ବଦଳାଇବା ଘଟଣାକୁ ଏହା ସହ ଯୋଡ଼ାଯାଇଥିଲା। ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଚର୍ଚ୍ଚା ଶେଷ ହୋଇଛି ଓ ଅହମ୍ମଦାବାଦ୍ ଆମ ଲାଗି ଅଭିଶପ୍ତ ନୁହେଁ ବୋଲି ଭାରତର ଦୁଇ ପ୍ରମୁଖ ସ୍ପିନ୍ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଓ ହରଭଜନ ସିଂହ କହିଛନ୍ତି। ସେମାନେ କହନ୍ତି, ଆମେ ଏଠାରେ ଅନେକ ମ୍ୟାଚ୍ ଜିତିଛୁ, କିଛି ମ୍ୟାଚ୍ ହାରିବା ଲାଗି ଏହି ଷ୍ଟାଡିୟମକୁ ଅଭିଶପ୍ତ କହିବା ଆଦୌ ଠିକ୍ ନୁହେଁ।

● ଟି-୨୦ ବିଶ୍ୱକପ୍ ୨୦୨୬

## ଆଇସିସି ଟିମ୍‌ରେ ୪ ଭାରତୀୟ

**ଦୁବାଇ, ୯ ।୩(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ମାର୍ଚ୍ଚ ୮ ତାରିଖ ବା ଗତକାଲି ଶେଷ ହୋଇଛି। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଭାରତ ତୃତୀୟଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଇସିସି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଟିମ୍ ଆଜି ଘୋଷଣା କରାଯାଇଛି। ଏହି ଟିମରେ ଭାରତରୁ ସର୍ବାଧିକ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସଞ୍ଜୁ ସାମସନ, ଇଶାନ କିଶାନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମ୍‌ରା। ଦକ୍ଷିଣ ଆଫ୍ରିକାର ଆଇଡେନ୍ ମାରକ୍ରମଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରୁ ଲୁଙ୍ଗି ଏନ୍‌ଗିଡି ଦ୍ୱିତୀୟ ଖେଳାଳିଭାବେ ସ୍ଥାନ ପାଇଛନ୍ତି। ପାକିସ୍ତାନର ସାହିବଜାଦା ଫରହାନଙ୍କୁ ଓପନର ଭାବେ ନିଆଯାଇଛି। ପାକିସ୍ତାନ ସୁପର ଏଇଟସରୁ ବିଦାୟ ନେଇଥିଲେ ମଧ୍ୟ ଫରହାନ ସର୍ବାଧିକ ୩୮୩ ରନ୍ କରିଥିଲେ। ଇଂଲଣ୍ଡର ୱିଲ ଜ୍ୟାକ୍ସ ଓ ଆଦିଲ ରଶିଦ୍, ୱେଷ୍ଟଇଣ୍ଡିଜ୍‌ର ଜେସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନୀ ଓ ଆମେରିକାର ଭାନ ସ୍କାଲକ୍ୱିକ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

## ଗମ୍ଭୀର 'ଗୌତମ'ଙ୍କୁ ହସାଇଲେ ଅର୍ଶଦୀପ

**ଅହମ୍ମଦାବାଦ୍, ୯ ।୩(ଏଜେନ୍ସି):** ଦଳ ମ୍ୟାଚ୍ ଜିତୁ କି ହାରୁ ତାହାର ପ୍ରଭାବ ଗାମ୍ଭୀରଙ୍କ ମୁହଁ ଉପରେ ପଡ଼ି



ନ ଥାଏ। ସେ ସର୍ବଦା ଗାମ୍ଭୀର୍ଯପୂର୍ଣ୍ଣ ଭାବେ ନିଜ କାମ କରିଚାଲିଥାନ୍ତି। ରବିବାର ଭାରତ ଚାମ୍ପିଅନ ହେବା ପରେ ଗାମ୍ଭୀରଙ୍କୁ ପ୍ରଥମଥର ହସିବା ଦେଖିବାକୁ ମିଳିଥିଲା। ଫାଷ୍ଟ ବୋଲର ଅର୍ଶଦୀପ ସିଂହ ତାଙ୍କୁ ହସିବାକୁ ଅନୁରୋଧ କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ ହସୁଥିବାର ଦେଖିବାକୁ ମିଳିଛି। ଗାମ୍ଭୀରଙ୍କୁ ଏହି ସ୍ମିତହାସ୍ୟକୁ ଧୋନି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। 'କୋଚ୍ ସାହାବ .... ସ୍ମିତହାସ୍ୟ ତୁମକୁ ଖୁବ୍ ମାନୁଛି। ତୁମ ଏହି ସ୍ମିତ ହସ ସହ ତୀବ୍ରତା ଏକ ହତ୍ୟାକାରୀର ମିଶ୍ରଣ ଭାବେ ଦେଖାଯାଉଛି। ତୁମେ ଖୁବ୍ ଭଲ କାମ କରିଛ ବୋଲି ଧୋନି କହିଛନ୍ତି।

ଅନ୍ୟପକ୍ଷରେ କୋଚ୍ ଗମ୍ଭୀର ଭାରତୀୟ ଦଳର ପୂର୍ବତନ ହେଡ୍ କୋଚ୍ ରାହୁଲ ଦ୍ରାବିଡ ଓ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତର ଏହି ବିଜୟକୁ ଉତ୍ସର୍ଗ କରିଛନ୍ତି। ଗାମ୍ଭୀର କହନ୍ତି, ରାହୁଲ ଭାଇ କୋଚ୍ ଭାବେ ଭାରତୀୟ ଦଳକୁ ଏପରି ପ୍ରସ୍ତୁତି କରିଛନ୍ତି ଯେ, ଏବେ ତାହାର ଫାଇଦା ମିଳୁଛି। ସେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଫାଇନାଲ ହାରି ନାହାନ୍ତି

ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗାମ୍ଭୀର ଏଯାଏ ଜଣେ ଖେଳାଳି, ମେଣ୍ଟର କିମ୍ବା କୋଚ୍ ଭାବେ ଦଳକୁ ଫାଇନାଲରେ ପ୍ରବେଶ କରାଇବା ପରେ ଏଯାଏ ହାରି ନାହାନ୍ତି। ୨୦୦୭ରେ ସେ ଟି-୨୦ ବିଶ୍ୱକପ୍, ୨୦୧୧ରେ ଦିନିକିଆ ବିଶ୍ୱକପ୍, ୨୦୧୨ ଓ ୨୦୧୪ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଜଣେ ଖେଳାଳି ଭାବେ ଚାମ୍ପିଅନ ହୋଇଛନ୍ତି। ସେହିପରି ୨୦୨୪ ଆଇପିଏଲ୍, ୨୦୨୫ ଚାମ୍ପିଅନ୍ସ ଟ୍ରଫି ଓ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲରେ ଜଣେ ମେଣ୍ଟର କିମ୍ବା ହେଡ କୋଚ୍ ଭାବେ ବିଜୟୀ ହୋଇଛନ୍ତି। ଏଣୁ ଗାମ୍ଭୀର ଯେ କୌଣସି ପୋଜିସନରେ ଥାଇ ଦଳ ଫାଇନାଲ ଖେଳିଥିଲାବେଳେ ସବୁଥିରେ ଦଳ ଚାମ୍ପିଅନ ହୋଇଛି।

### ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ

## ଓଡ଼ିଶା ଓଭରଅଲ୍ ଚାମ୍ପିଅନ

**ଭୁବନେଶ୍ୱର, ୯ ।୩ (ସମିସ):** ଝାରସୁଗୁଡ଼ାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ୍ ଲିଗ (ପୂର୍ବାଞ୍ଚଳ)ରେ ଓଡ଼ିଶା ମହିଳା ଦଳ ଓଭରଅଲ୍ ଚାମ୍ପିଅନ ହୋଇଛି। ଓଡ଼ିଶା ମହିଳା ଦଳ ମୋଟ୍ ୮୦ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ କାଂସ୍ୟ ପଦକ ରହିଥିଲା। ଭାରତୀୟ ପେଙ୍କାକ ମହାସଂଘ, ରାଜ୍ୟ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ଏହି ପ୍ରତିଯୋଗିତାରେ ୧୨ ରାଜ୍ୟର ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା ପ୍ରମୁଖ ଉପସ୍ଥିତ ରହିଥିଲେ।

### କଳାହାଣ୍ଡି କପ୍: ବିପ୍ଳବ, ରାମ, ଗୋବିନ୍ଦଙ୍କ ଶତକ

## କଟକ ଏ'-ସୁନ୍ଦରଗଡ଼ ଫାଇନାଲ ଲଢ଼େଇ

ଭୁବନେଶ୍ୱର, ୯ ।୩ (ସମିସ)







ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର କଟକ-ଏ ଓ ସୁନ୍ଦରଗଡ଼ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲରେ ୩ ତାରକା ଖେଳାଳି ବିପ୍ଳବ ସାମନ୍ତରାୟ, ରାମଚନ୍ଦ୍ର ବେହେରା ଓ ଗୋବିନ୍ଦ ପୋଦ୍ଦାରଙ୍କ ଦମ୍‌ଦାର ଶତକୀୟ ପାଳି ଉଲ୍ଲେଖନୀୟ ଘଟଣା ରହିଥିଲା।

ରେଭେନସା ଗ୍ରାଉଣ୍ଡ-୧ରେ ପ୍ରଥମ ସେମିଫାଇନାଲରେ କଟକ-ଏ ଓ ଅନୁଗୋଳ ସାମ୍ନାସାମ୍ନି ହୋଇଥିଲେ। ବିପ୍ଳବ ଓ ରାମଚନ୍ଦ୍ରଙ୍କ ଦ୍ରୁତ ଶତକୀୟ ପାଳି ବଳରେ କଟକ-ଏ ୫୦ ଓଭରରେ ୮ ୱିକେଟ୍ ହରାଇ ୩୯୬ ରନ ସଂଗ୍ରହ କରିଥିଲା। ବିପ୍ଳବ ୧୦୫ଟି ବଲରେ ୧୭୩ ଓ ରାମଚନ୍ଦ୍ର ୯୮ ବଲରେ ୧୩୦ ରନ କରିଥିଲେ। ଅନୁଗୋଳର ମିଳନ ସାମଲ ଓ ଆକାଶ ପ୍ରଧାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅନୁଗୋଳ ଧିମା ବ୍ୟାଟିଂ କରି ୯ ୱିକେଟ୍‌ରେ ୧୪୨ ରନ କରି ୨୫୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ବିପ୍ଳବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼ ୧୧୮ ରନରେ ରାଉରକେଲାକୁ ହରାଇଥିଲା। ଗୋବିନ୍ଦ (୭୨ ବଲରେ ୧୧୧ ରନ)ଙ୍କ ଶତକ ଏବଂ ୱାଲ୍ଟର ଟପ୍ପୋ (୫୫) ଓ ଉମେଶ ଗୌତମ (୫୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟରେ ୩୫୩ ରନ କରିଥିଲା। ଜବାବରେ ସୂଜଲ ସିଂଙ୍କ ୮୫ ରନ ସତ୍ତ୍ୱେ ରାଉରକେଲା ୨୩୫ ରନରେ ସୀମିତ ରହିଥିଲା। ବୋଲିଂରେ ମଧ୍ୟ ୨ଟି ୱିକେଟ ନେଇ ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ସୁଇସ୍ ଓପନରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ, ୯ ।୩ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ସୁଇସ୍ ଓପନ୍‌ରୁ ଓହରିଯାଇଛନ୍ତି। ଏଥିପୂର୍ବରୁ ସିନ୍ଧୁ ଗତ ସପ୍ତାହରେ ମଧ୍ୟ ଶେଷ ମୁହୂର୍ତ୍ତରେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରୁ ଓହରିଯାଇଥିଲେ। ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଭାଗନେବା ଲାଗି ବର୍ମିଂହାମ ଯାତ୍ରା କରିବା ବାଟରେ ଦୁବାଇରେ ଫସିଯାଇଥିଲେ। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧସ୍ଥିତି ସକାଶେ ବିମାନ ଚଳାଚଳ ବନ୍ଦ ରହିବାରୁ ସିନ୍ଧୁଙ୍କୁ ଦୁବାଇରେ ୩ ଦିନ ବିତାଇବାକୁ ପଡ଼ିଥିଲା ଓ ସେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଭାଗନେଇପାରି ନ ଥିଲେ। ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ ମାନସିକ ସ୍ଥିତିରୁ ମୁକୁଳିପାରି ନାହାନ୍ତି। ଦୁବାଇରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତାଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଇଥିଲା ବୋଲି ସିନ୍ଧୁ ନିଜେ ସ୍ୱୀକାର କରିଥିଲେ। ଏବେ ଏଥିରୁ ବାହାରିବା ଲାଗି ତାଙ୍କୁ ଆଉ କିଛି ଦିନ ସମୟ ଲାଗିବ। ଯେଉଁଥି ପାଇଁ ସେ ସୁଇସ୍ ଓପନ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି।

## ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କାର ମୁଖ୍ୟ କୋଚ୍

**କଲମ୍ବୋ, ୯ ।୩ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର୍ ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କା ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଏପ୍ରିଲ ୧୫ ତାରିଖରୁ କିର୍ଷ୍ଟେନ ଦାୟିତ୍ୱ ଗ୍ରହଣ କରିବେ। ଆଗାମୀ ଦୁଇ ବର୍ଷ ଲାଗି ସେ ଏହି ଗୁରୁଦାୟିତ୍ୱ ତୁଲାଇବା ଲାଗି ଚୁକ୍ତି କରିଛନ୍ତି।



ଶ୍ରୀଲଙ୍କା କ୍ରିକେଟ୍ (ଏସଏଲ୍‌ସି) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ସନଥ ଜୟସୁରିଆଙ୍କ ସ୍ଥାନରେ ୫୮ ବର୍ଷୀୟ କିର୍ଷ୍ଟେନ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳ ସୁପର୍-୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଦଳର ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଜୟସୁରିଆ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅପରପକ୍ଷରେ କିର୍ଷ୍ଟେନ ଟି-୨୦ ବିଶ୍ୱକପରେ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ସାମୟିକ କାର୍ଯ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ୧୦୧ ଟେଷ୍ଟ ଓ ୧୮୫ ଦିନିକିଆ ମ୍ୟାଚ୍ ଖେଳିଥିବା କିର୍ଷ୍ଟେନ ଏଥିପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏଥିସହ ଆଇସିସି ଟେଷ୍ଟ ମାନ୍ୟତାରେ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଥିଲା। ଏହାପରେ ଗ୍ୟାରୀ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଦିନିକିଆ ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।

### ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତ-ସ୍କଟଲାଣ୍ଡ ମ୍ୟାଚ୍ ଡ୍ର

**ହାଇଦରାବାଦ, ୯ ।୩ (ଏଜେନ୍ସି):** ତେଲେଙ୍ଗାନାର ବାଲଯୋଗୀ ହକି ଗ୍ରାଉଣ୍ଡରେ ଚାଲିଥିବା ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତ ସୋମବାର ସ୍କଟଲାଣ୍ଡ ବିପକ୍ଷରେ ମ୍ୟାଚ୍ ୨-୨ ଗୋଲରେ ଡ୍ର ରଖିଛି। ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମ



କ୍ୱାର୍ଟର ତଥା ୬ଷ୍ଠ ମିନିଟରେ ହେଥର ମ୍ୟାକ୍‌ୱାନଙ୍କ ଗୋଲ୍ ବଳରେ ସ୍କଟଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ୪ ମିନିଟରେ ଦୁଇଟି ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ଦେଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୧୮ତମ ମିନିଟରେ ନବନୀତ କୌର ଓ ୨୯ତମ ମିନିଟରେ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଦ୍ୱିତୀୟ ଗୋଲଟି ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS